

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୧ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 May 2024

Vol.No. 35 ■ No.145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୪ ସିଂହାସନ: ଅନ୍ତିମ ପର୍ଯ୍ୟାୟ ପାଇଁ ସରିଲା ପ୍ରଚାର

### ଜୁନ ୧ରେ ୮ ରାଜ୍ୟର ୫୭ ଆସନରେ ହେବ ମତଦାନ

ନୂଆଦିଲ୍ଲୀ, ୩୦/୫ : ୨୪ ମହାଲଢେଇର ଅନ୍ତିମ ପର୍ଯ୍ୟାୟ ପାଖେଇ ଆସିଛି । ଜୁନ ୧ରେ ପଡିବ ଦେଶରେ ଶେଷ ପର୍ଯ୍ୟାୟ ଭୋଟ୍ । ଓଡିଶା ସମେତ ଦେଶର ୭ ରାଜ୍ୟର ୫୭ ଆସନରେ ହେବ ମତଦାନ । ଫୋକସରେ ରହିଛି ମୋଦୀଙ୍କ ଆସନ ବାରଣାସୀ । ଶେଷ ଦିନରେ ଶାସକ ଓ ବିରୋଧୀ ଦଳର ଶୀର୍ଷ ନେତାଙ୍କ ଧୁଆଁଧାର ପ୍ରଚାର । ୨୪ ସିଂହାସନର ଅନ୍ତିମ ପର୍ଯ୍ୟାୟ ପାଇଁ ଶେଷ ହୋଇଛି ପ୍ରଚାର । ଜୁନ ୧ରେ ପଡିବ ଦେଶରେ ଶେଷ ପର୍ଯ୍ୟାୟ ଭୋଟ୍ । ୮ ରାଜ୍ୟର ୫୭ ଆସନରେ ହେବ ମତଦାନ । ୟୁପି, ବିହାର, ହିମାଚଳ ପ୍ରଦେଶ, ପଂଜାବ. ପଶ୍ଚିମବଙ୍ଗ. ଓଡିଶା, ଝାଡଖଣ୍ଡ ଓ ଚଣ୍ଡିଗଡରେ ପଡିବ ଭୋଟ୍ । ମୋଟ୍ ୯୦୪ ପ୍ରାର୍ଥୀ ରହିଛନ୍ତି



ମଇଦାନରେ । ସକାଳ ୭ରୁ ସନ୍ଧ୍ୟା ୬ ମଧ୍ୟରେ ମତଦାନର ସମୟ । ଏହି ପର୍ଯ୍ୟାୟରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାର୍ଥୀ ହୋଇଥିବା ବାରଣାସୀରେ ଭୋଟ୍ ପଡିବ । ମୋଦୀଙ୍କ ବିପକ୍ଷରେ କଂଗ୍ରେସରୁ ଲଢୁଛନ୍ତି ବରିଷ୍ଠ ନେତା ଅଜୟ ରାୟ । ଶେଷ ଦିନରେ ଧୁଆଁଧାର ପ୍ରଚାର କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । ପଂଜାବରୁ ବିରୋଧୀଙ୍କ ଉପରେ ଗର୍ଜିଥିଲେ ମୋଦି । ସେପଟେ ରାହୁଲ ଗାନ୍ଧୀ ପ୍ରଚାର ଶେଷ ଦିନରେ ଓଡିଶାର ସିମୁଳିଆରେ ମୋଦି ସରକାର ଉପରେ ଜୋରଦାର ଆଟାକ୍ କରିଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ହ୍ୟାଟ୍ରିକ ମାରିବାକୁ ଲକ୍ଷ୍ୟ ରଖିଛି । ସେହିପରି ଇଣ୍ଡିଆ ମେଂଟ ପାଇଁ କର ବା ମର ସ୍ଥିତି । ମୋଟ୍ ୫୭ ଆସନରୁ ୧୭ ଟି ଆସନରେ ରହିଛି ସବୁ ଗଣିତ । ୨୦୧୯ ନିର୍ବାଚନରେ ୫୭ ଆସନରୁ ବିଜେପି ୨୫, କଂଗ୍ରେସ ୮, ଟିଏମସି ୯ ଓ ବିଜେଡିକୁ ୪ ଆସନ ମିଳିଥିଲା । ଗତ ନିର୍ବାଚନରେ ଏଥିରୁ ୬ଟି ଆସନରେ ଭୋଟ୍ ବ୍ୟବଧାନ ମାତ୍ର ୨ ପ୍ରତିଶତରୁ ▶▶ପୃଷ୍ଠା ୭

## ନବୀନ ଭାଙ୍ଗିଲେ ନୀରବତା: କହିଲେ- ପାଣ୍ଡିଆନ ମୋ’ ଉତ୍ତରାଧିକାରୀ ନୁହନ୍ତି

ଭୁବନେଶ୍ୱର, ୩୦/୫ (ନି.ପ୍ର): ପ୍ରଶାସକରୁ ରାଜନେତା ପାଲଟିଥିବା ଭିକେ ପାଣ୍ଡିଆନ ଆତ୍ମଘୋଷିତ ଉତ୍ତରାଧିକାରୀ ଭାବେ ନିଜକୁ ଉପସ୍ଥାପିତ କରିବା ମହଙ୍ଗା ପଡ଼ିଛି । ବିରୋଧୀ ଦଳର କ୍ରମାଗତ ହାମଲା ଓ ରାଜ୍ୟରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଶେଷରେ ନବୀନ ମୁହଁ ଖୋଲିଛନ୍ତି । ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି ବୋଲି ନବୀନ ଆଜି ସ୍ପଷ୍ଟ କରିଛନ୍ତି । ଏଥିସହ ଏହି କଥାକୁ କାହିଁକି ବଢ଼ାଇଚଢ଼ାଇ ପ୍ରଚାର କରାଯାଉଛି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । ଆଜି ଜାତୀୟ ଖବର ସରବରାହ ସଂସ୍ଥା ଇଘଓକୁ ଏକ



ସାକ୍ଷାତକାର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଲୋକ ତାଙ୍କର ଉତ୍ତରାଧିକାରୀ ସ୍ଥିର କରିବେ । ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହନ୍ତି । ଏ କଥାକୁ ଅଯଥାରେ କେବଳ ଅପପ୍ରଚାର କରାଯାଉଛି । ଏହା ସହିତ ନବୀନ ତାଙ୍କର ସ୍ୱାସ୍ଥ୍ୟକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ବୟାନକୁ ନେଇ ▶▶ପୃଷ୍ଠା ୭

## ଚନ୍ଦନ ଯାତ୍ରାରେ ବାଣ ବିସ୍ଫୋରଣ ଘଟଣା : ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ପୁରୀ, ୩୦/୫ (ନି.ପ୍ର): ପୁରୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଘଟିଛି ଅଘଟଣ । ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରି ଖେଳ ବେଳେ ବାଣ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ୩୦ରୁ ଅଧିକ ଗୁରୁତର ହୋଇ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ୧୫ ବର୍ଷୀୟ ନାବାଳକ ଥିବା ଜଣାଯାଇଛି । ଗତ ରାତିରେ ମହାପ୍ରଭୁଙ୍କ ଭଉଁରୀ ନୀତି ଚାଲିଥିବା ସମୟରେ ନୀତି ଦେଖିବାପାଇଁ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା । ଏହି ସମୟରେ ଦେବୀଘାଟ ନିକଟ ଦସତୁଠ ନିକଟରେ ବାଣ ବିସ୍ଫୋରଣ ହୋଇଥିଲା । ଏଥିଯୋଗୁ ନିଆଁ ହୁଲା ଉପସ୍ଥିତ ଲୋକଙ୍କ ଉପରେ ପଡ଼ିବାରୁ ସେମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଲେ । ଅନେକ ଲୋକ ଜୀବନ ବଞ୍ଚାଇବା ପାଇଁ ପାଣିକୁ ମଧ୍ୟ ଡେଇଁ ପଡିଥିଲେ । ବାଣ ପଡ଼ି ସେଠାରେ ଉପସ୍ଥିତ ପ୍ରାୟ ୩୦ ଜଣ ଆତହତ ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ବର୍ଣ୍ଣ ୟୁନିଟ୍ ନଥିବାରୁ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ▶▶ପୃଷ୍ଠା ୭

## ଅସମ୍ଭାଳ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା: ୪୭ ଡିଗ୍ରୀ ଛୁଇଁଲା ତାତି

ଭୁବନେଶ୍ୱର, ୩୦/୫ (ନି.ପ୍ର): ଅସମ୍ଭାଳ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା । ୪୭ ଡିଗ୍ରୀ ଛୁଇଁଲା ତାତି । ଆଜି ଝାରସୁଗୁଡ଼ା ପାଲଟିଛି ରାଜ୍ୟର ଉତ୍ତପ୍ତ ସହର । ଏଠାରେ ତାପମାତ୍ରା ୪୭ ଡିଗ୍ରୀ ଛୁଇଁଛି । ଆଜି ୪୫ ଡିଗ୍ରୀ ଉପରେ ରାଜ୍ୟର ୯ ସହର ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଢ ରେ ଏନେଇ ସୂଚନା ଦେଇଛନ୍ତି । ଦାସ ଢ ରେ ଜଣାଇଛନ୍ତି, ଟିଟିଲାଗଡ଼ରେ ୪୬.୫ ଡିଗ୍ରୀ, ବରଗଡ଼ରେ





୪୬.୩ ଡିଗ୍ରୀ, ସମ୍ବଲପୁରରେ ୪୬.୨ ଡିଗ୍ରୀ, ସୋନପୁରରେ ୪୫.୬ ଡିଗ୍ରୀ, ମାଲକାନଗିରିରେ ୪୫.୬ ଡିଗ୍ରୀ, ବଲାଙ୍ଗିରରେ ୪୫.୩ ଡିଗ୍ରୀ, ହୀରାକୁଦରେ ୪୫.୨ ଡିଗ୍ରୀ, ରାଉରକେଲାରେ ୪୪.୯ ଡିଗ୍ରୀ, ନୂଆପଡ଼ାରେ ୪୪.୫ ଡିଗ୍ରୀ, ▶▶ପୃଷ୍ଠା ୭

## ୧୫୦ କିଲୋଗ୍ରାମ ଡ୍ରଗ୍ସ ଜବତ: ଦୁଇଜଣ ଗିରଫ

ମୁର୍ସିଦାବାଦ, ୩୦/୫ : ଗୁରୁବାର ଅପରାହ୍ନରେ ଡ୍ରଗ୍ସ ଚୋରା ଚାଲାଣ ଅଭିଯୋଗରେ ଜିଲ୍ଲାର ରଘୁନାଥଗଞ୍ଜ ପୋଲିସ ଷ୍ଟେସନ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିଙ୍କ ନାମ ଇସାକ ମହମ୍ମଦ ଏବଂ ଆର୍ଯ୍ୟନ୍ ଖାନ ବୋଲି ଜଣାପଡିଛି । ପୋଲିସ ସୂତ୍ର ଅନୁଯାୟୀ, ଉଭୟ ରାଜସ୍ଥାନର ଅଲଓବର ଜିଲ୍ଲାର ବାସିନ୍ଦା । ମିଳିଥିବା ସୂଚନା ଅନୁଯାୟୀ, ରଘୁନାଥଗଞ୍ଜ ପୋଲିସ ଷ୍ଟେସନ ଗୁପ୍ତ ସୂତ୍ରରୁ ସୂଚନା ପାଇବା ପରେ ଏକ ଗାଡିକୁ ଜବତ କରିଛି । ଉକ୍ତ ଗାଡିରୁ ପ୍ରାୟ ୧୫୦ କିଲୋଗ୍ରାମ ଡ୍ରଗ୍ସ ଜବତ କରାଯାଇଛି । ଗିରଫ ଲୋକମାନେ କେଉଁଠାରୁ ଏହା ପାଇଲେ ତାହା ପୋଲିସ ଅନୁସନ୍ଧାନ କରୁଛି ।

## ନିର୍ବାଚନ କମିଶନଙ୍କ ଛାଟ: ଓଡ଼ିଶାରୁ ଜବତ ହେଲାଣି ନଗଦ ୨୧ କୋଟି ଟଙ୍କା ସମେତ ୨୭୦ କୋଟିର ସାମଗ୍ରୀ

ଭୁବନେଶ୍ୱର, ୩୦/୫ (ନି.ପ୍ର): ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟ୍ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି ଓ ଆସନ୍ତା ଶନିବାର ମତଦାନ ହେବ । ମାର୍ଚ୍ଚ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୭୦କୋଟି ଟଙ୍କାର ନଗଦ ଓ ବିଭିନ୍ନ ସାମଗ୍ରୀକୁ ବିଭିନ୍ନ ଏନଫୋର୍ସମେଂଟ ଏଜେନ୍ସି ଜବତ କରିଛନ୍ତି । ଏଥିରେ ୨୦.୮୦ କୋଟି ଟଙ୍କା ନଗଦ ରହିଛି । ନିର୍ବାଚନ ସମୟରେ ଏତେ ପରିମାଣରେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ପରିମାଣ ଜବତ ହେବା ଓଡ଼ିଶାରେ ପ୍ରଥମ । ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ବିଭିନ୍ନ ଏନଫୋର୍ସମେଂଟ ଏଜେନ୍ସୀ ଦ୍ୱାରା ମାର୍ଚ୍ଚ ୧ରୁ ଆଜିସୁଦ୍ଧା ରାଜ୍ୟରେ ମୋଟ ପ୍ରାୟ ୨୭୦କୋଟି ଟଙ୍କାର ନଗଦ ଓ ସାମଗ୍ରୀ ଜବତ ହୋଇଛି । ଏଥିରେ ୨୦.୮୦କୋଟି ନଗଦ ଟଙ୍କା, ୪୦.୭୫କୋଟି ଟଙ୍କାର ମଦ, ୭୭.୯୯କୋଟି ଟଙ୍କାର ନିଶାସାମଗ୍ରୀ ଓ ମାଦକଦ୍ରବ୍ୟ, ୧୪.୭୪କୋଟି ଟଙ୍କାର ସୁନା ଆଦି ସମେତ ମୂଲ୍ୟବାନ ଧାତୁ ଓ



୧୪୧.୫୭କୋଟି ଟଙ୍କାର ମାଗଣା ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି । ଯାହାକି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସେ କହିଛନ୍ତି । ଚଳିତଥର ନିର୍ବାଚନ କମିଶନଙ୍କ କଡ଼ା ତାଗିଦ୍ ଓ ଆଭିମୁଖ୍ୟ ଯୋଗୁ ଏତେ ପରିମାଣର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ସମ୍ଭବପର ହୋଇପାରିଛି । ଶ୍ରୀ ଧଳ ଆହୁରି ମଧ୍ୟ ▶▶ପୃଷ୍ଠା ୭

## ଗ୍ରୀଷ୍ମ ପ୍ରବାହ ଭିତରେ ବଡ ଆଶ୍ୱସ୍ତି: ଦିନକ ପୂର୍ବରୁ କେରଳରେ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ, ୩୦/୫ : ଗ୍ରୀଷ୍ମ ପ୍ରବାହ ବେଳେ ମଣିଷ ଯେପରି ଟିକିଏ ଆଶ୍ୱସ୍ତି ପାଇଁ ଥଣ୍ଡା ପବନ କିମ୍ବା ବର୍ଷାକୁ ଅପେକ୍ଷା କରିଥାଏ । ଠିକ୍ ସେହିପରି ଚାଷୀଟିଏ ମଧ୍ୟ ଚାଷ କାର୍ଯ୍ୟ ଅନୁକୂଳ କରିବାକୁ ଅପେକ୍ଷା କରିଥାଏ ମୌସୁମୀର ଆଗମନକୁ । ଆଉ ଏ ହେଉଛି ସେହି ବର୍ଷା । ଚଳିତଥର କେରଳରେ ଆଗୁଆ ମୌସୁମୀ ଛୁଇଁଛି । ଅନେକ ସ୍ଥାନରେ ବର୍ଷା ମଧ୍ୟ ହେଉଛି । ପାଣିପାଗ ବିଭାଗର ପୂର୍ବାନୁମାନର ଗୋଟିଏ ଦିନ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର କେରଳ ଉପକୂଳ ଏବଂ ଉତ୍ତର-ପୂର୍ବର କିଛି ଅଂଶରେ ପହଂଚିଛି । ରବିବାର ପଶ୍ଚିମବଙ୍ଗ ଓ ▶▶ପୃଷ୍ଠା ୭

## ସିବିଆଇ ମାମଲାରେ ଜୁଲାଇ ୬ ଯାଏ ଜେଲ ଗଲେ ସିସୋଦିଆ

ନୂଆଦିଲ୍ଲୀ, ୩୦/୫ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଆପ୍‌ର ବରିଷ୍ଠ ନେତା ମନୀଷ ସିସୋଦିଆଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ । ସିବିଆଇ ଏହି ଘଟଣାରେ ରୁଜୁ କରିଥିବା ମାମଲାରେ ସିସୋଦିଆଙ୍କୁ



ଆଜି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜୁଲାଇ ୬ ଯାଏ ଜେଲ ହାଜତକୁ ପଠାଇ ଦେଇଛନ୍ତି । ସିସୋଦିଆଙ୍କ ସହ ଅନ୍ୟ ଅଭିଯୁକ୍ତମାନଙ୍କର ମଧ୍ୟ ବିଚାର ବିଭାଗୀୟ ହାଜତ ଅବଧିକୁ କୋର୍ଟ ବୃଦ୍ଧି କରିଛନ୍ତି । ସିସୋଦିଆଙ୍କୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରଥମେ ଇଡି ଗିରଫ କରିଥିଲା । ଏହାପରେ ସେ ସିବିଆଇ ଦ୍ୱାରା ମଧ୍ୟ ଗିରଫ ହୋଇଥିଲେ । ସିବିଆଇ ଓ ଇଡି ଉଭୟ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଫାଇଦା ଦେବା ପାଇଁ ଅବକାରୀ ନୀତି ପ୍ରଣୟନ କରାଯାଇଥିଲା । ଏଥିପାଇଁ ବ୍ୟାପକ ଲାଞ୍ଚ କାରବାର ହୋଇଥିଲା ଓ ଆପ୍‌ର ବରିଷ୍ଠ ନେତାମାନେ ଏହାର ଫାଇଦା ହାସଲ କରିଥିଲେ ଉଭୟ ତଦନ୍ତକାରୀ ସଂସ୍ଥା ଦାବି କରିଛନ୍ତି । ଏହି ଘଟଣାରେ ସିବିଆଇ ୨୦୨୩ ମସିହା ଫେବୃଆରୀ ୨୬ରେ ସିସୋଦିଆଙ୍କୁ ଗିରଫ କରିଥିଲା । ସେହି ସମୟରେ ସେ ଦିଲ୍ଲୀର ଉପ ମୁଖ୍ୟମନ୍ତ୍ରୀ ରହିଥିଲେ । କିନ୍ତୁ ଗିରଫଦାରୀର ଦୁଇ ଦିନ ପରେ ସେ ଦିଲ୍ଲୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ ।

## ଡନ୍ ଛୋଟା ରାଜନକୁ ମିଳିଲା ଆଜୀବନ ଜେଲଦଣ୍ଡ

ନୂଆଦିଲ୍ଲୀ, ୩୦/୫ : ମାଫିଆ ଡନ୍ ରାଜେନ୍ଦ୍ର ଏସ୍ ନିଖାଲଜେ ଓରଫ ଛୋଟା ରାଜନକୁ ମୁମ୍ବାଇର ସ୍ପେଶାଲ କୋର୍ଟ ଗୋଟିଏ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୦୧ ମସିହା ମୁମ୍ବାଇର ଜଣେ ହୋଟେଲ ମାଲିକ ଜୟା ସେଟ୍ଟୀଙ୍କୁ ହତ୍ୟାର କରିବା ଘଟଣାରେ ତାକୁ ଏଭଳି ଦଣ୍ଡ ମିଳିଛି । ସ୍ପେଶାଲ ମକା କୋର୍ଟ ଜଜ ଏଏମ ପାଟିଲ ଆଇପିସିର ବିଭିନ୍ନ ଦଫାରେ ୨୩ ବର୍ଷ ତଳର ହତ୍ୟା ମାମଲାରେ ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦକ୍ଷିଣ ମୁମ୍ବାଇର ଗୋଲଡେନ କ୍ରାଉନ ହୋଟେଲ ଓ ବାରର ମାଲିକ ହେଉଛନ୍ତି ଜୟା ସେଟ୍ଟୀ । ତାଙ୍କ ସହ ଛୋଟା ରାଜନର ତିକ୍ତତା ଚାଲିଥିଲା । ୨୦୦୧ ମସିହା ମେ ୪ ତାରିଖରେ ରାଜନର ଦୁଇ ଜଣ



ଶୁଟର ହୋଟେଲ ପରିସରରେ ପ୍ରବେଶ କରିଥିଲେ । ଏହାପରେ ଉପର ଫ୍ଲୋରରେ ସେମାନେ ଜୟା ସେଟ୍ଟୀଙ୍କୁ ହତ୍ୟା କରିଥିଲେ । ହତ୍ୟା ପୂର୍ବରୁ ସେଟ୍ଟୀଙ୍କୁ ରାଜନର ସହଯୋଗୀମାନେ ବଟି ଦେବାକୁ ଧମକ ଦେଉଥିଲେ । ଏଥିପାଇଁ ତାଙ୍କୁ ପୁଲିସ୍ ସୁରକ୍ଷା ମିଳିଥିଲା । ତେବେ ପୁଲିସ୍ ସୁରକ୍ଷା ହଟିବାର ୨ ମାସ ପରେ ତାଙ୍କୁ ହତ୍ୟା କରାଯାଇଥିଲା । ଏହାପୂର୍ବରୁ ସାମ୍ବାଦିକ ▶▶ପୃଷ୍ଠା ୭

## ସରିଲା ପ୍ରଚାର: ଧ୍ୟାନରେ ବସିଲେ ମୋଦି, କେବଳ ତରଳ ଖାଦ୍ୟ ଖାଇବେ

ନୂଆଦିଲ୍ଲୀ, ୩୦/୫ : ଦେଶରେ ଚାଲିଥିବା ଲୋକସଭା ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରୁ ପ୍ରଚାର ଶେଷ ହୋଇଛି । ଆସନ୍ତା ୧ ତାରିଖରେ ଓଡ଼ିଶା ସମେତ ଦେଶରେ ଶେଷ ପର୍ଯ୍ୟାୟ ମତଦାନ ହେବ । ଭୋଟ ଗ୍ରହଣ ପରେ ସବୁ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯିବ । ଏହାପରେ ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ଦେଶର ଏଥର ୭ଟି ପର୍ଯ୍ୟାୟରେ ୫୪୩ଟି ଲୋକସଭା ଓ ଓଡ଼ିଶା ସମେତ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ୨୧ଟି ଲୋକସଭା ଓ ୧୪୭ ବିଧାନସଭା ଆସନ ପାଇଁ ମତଦାନ ହେବ । ଆଜି ପ୍ରଚାର ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧ୍ୟାନମୁଦ୍ରାକୁ ଚାଲି ଯାଇଛନ୍ତି । ପ୍ରାୟ ୪୫ ଘଣ୍ଟା ଧରି



ସେ ବିବେକାନନ୍ଦ ରକ ମେମୋରିଆଲରେ ଧ୍ୟାନରେ ବସିବେ । ଆଜି ବିଳମ୍ବିତ ସନ୍ଧ୍ୟାରୁ ସେ ଧ୍ୟାନର ବସିଥିବା ବେଳେ ଶନିବାର ପ୍ରାୟ ଦିନ ୩ଟାରେ ଏହା ଶେଷ ହେବ । ଧ୍ୟାନରେ ବସିବା ସମୟରେ ମୋଦି କେବଳ ତରଳ ଖାଦ୍ୟ ଖାଇବେ । ପୂର୍ବ ନିଷ୍ପତ୍ତି ଅନୁସାରେ ସେ ପ୍ରଚାର ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ଥିରୁଅନନ୍ତପୁରମରେ ଠାରେ ପହଞ୍ଚିଥିଲେ । ସେ ପ୍ରଥମେ ଭଗବତୀ ଅମ୍ମାନ ମନ୍ଦିରରେ ବେଶ କିଛି ସମୟ ଧରି ପୂଜାର୍ଚ୍ଚନା କରିଥିଲେ । ଧଳା ରଙ୍ଗର ଧୋତି ଓ ଶାଓ୍ୱଲ ପରିଧାନ କରିଥିବା ମୋଦି ମନ୍ଦିରର ଗର୍ଭଗୃହରେ ପୂଜାର୍ଚ୍ଚନା କରିଛନ୍ତି । ମନ୍ଦିରର ପୂଜକ ତାଙ୍କ ପାଇଁ ସ୍ୱତନ୍ତ୍ର ଆରତୀ କରିଥିଲେ ଓ ପ୍ରସାଦ ଦେଇଥିଲେ । ଏଥିସହ ମୋଦିଙ୍କୁ ମନ୍ଦିର ପକ୍ଷରୁ ଗୋଟିଏ ଶାଓ୍ୱଲ ଓ ମା’ଙ୍କର ଗୋଟିଏ ଫଟୋ ଉପହାର ଆକରରେ ଦିଆଯାଇଛି । ମନ୍ଦିରରୁ ସିଧା ସେ ଏହାପରେ କନ୍ୟାକୁମାରୀ ଠାରେ ଥିବା ବିବେକାନ୍ଦ ରକ ମେମୋରିଆଲ ଠାରେ ପହଞ୍ଚିଥିଲେ । ସେଠାରେ ସେ ରାମକୃଷ୍ଣ ପରମହଂସଙ୍କ ଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମେମୋରିଆଲର ବିଭିନ୍ନ ଦୃଶ୍ୟ ସେ ବୁଲି ଦେଖିଥିଲେ । ଏହାପରେ ସମୁଦ୍ର ଉପକୂଳରୁ ୫୦୦ ମିଟର ଦୂରରେ ଥିବା ଏହି ମେମୋରିଆଲରେ ମୋଦି ଧ୍ୟାନ ଆରମ୍ଭ କରିଛନ୍ତି । ଏଠାରେ ଥିବା ଧ୍ୟାନ ମଣ୍ଡପରେ ସେ ଦୁଇ ଦିନ (ପ୍ରାୟ ୪୫ ଘଣ୍ଟା) ଧ୍ୟାନରେ ବସିବେ । ଉକ୍ତ ସ୍ଥାନରେ ସ୍ୱାମୀ ବିବେକାନନ୍ଦ ମଧ୍ୟ ୩ ଦିନ ଧ୍ୟାନରେ ବସିଥିଲେ । ତାଙ୍କ ସ୍ମୃତିରେ ହିଁ ବିବେକାନନ୍ଦ ରକ ମେମୋରିଆଲ ନିର୍ମାଣ କରାଯାଇଛି । ମୋଦି ଧ୍ୟାନସ୍ଥ ଥିବା ବେଳେ ତାଙ୍କୁ ୨୦୦୦ରୁ ଅଧିକ ସୁରକ୍ଷାକର୍ମୀ ▶▶ପୃଷ୍ଠା ୭

# ବଡିଦିଦିର ସଚେତନତା କାର୍ଯ୍ୟକ୍ରମ: ବଣ୍ଡାଘାଟିରେ ପେଡ଼ବ୍ୟାଙ୍କ ଖୋଲିଲେ



ମାଲକାନଗିରି, ୩୦/୫ (ନି.ପ୍ର): ଋତୁସ୍ରାବ କଥା ଉଠିଲେ ଏବେ ବି ମହିଳା ହୁଅନ୍ତୁ କି ପୁରୁଷ, ଅନେକ ଲାଗ କରନ୍ତି। ମନଖୋଲି ଏକଥା କହିବାକୁ ପଛଘୁଞ୍ଚା ଦେଉଛନ୍ତି। ରିପୋର୍ଟ ଅନୁଯାୟୀ ରାଜ୍ୟରେ ୫ ଜଣରୁ ଜଣେ ମହିଳା ଅସ୍ୱଚ୍ଛ କପଡ଼ା ବ୍ୟବହାର କରୁଛନ୍ତି। ଏହି ଦିବସକୁ କିପରି ଦୁର୍ଗମ ଅଂଚଳରେ ବସବାସ କରୁଥିବା ଆଦିବାସୀ ଯୁବତୀ ଓ ମହିଳାଙ୍କୁ ସଚେତନ କରାଯିବ ସେନେଇ ବଡ଼ିଦିଦିର ଏକ ପ୍ରୟାସ ଆରମ୍ଭ ହୋଇଛି। ବିଶେଷକରି ବଣ୍ଡାଘାଟିରେ ବାସ କରୁଥିବା ଯୁବତୀ ଓ ମହିଳାମାନେ ଅସ୍ୱଚ୍ଛ କପଡ଼ା ବ୍ୟବହାର କରନ୍ତି। ତେଣୁ ସେମାନଙ୍କୁ କିପରି ଆଧୁନିକତା ସହ ତାଳ ଦେଇ ଚଳିବେ ଏବଂ ସ୍ୱଚ୍ଛତା କଣ ବଡିଦିଦିର ସଦସ୍ୟାମାନେ ବୁଝାଇଥିଲେ। ଗାଁ ଗାଁ ବୁଲି ବଡି ଦିଦିର ସଦସ୍ୟାମାନେ କିପରି ଋତୁସ୍ରାବ ଦିନ କଣ ପିନ୍ଧିବେ ସେନେଇ ବୁଝାଇଥିଲେ। ଏଥିସହ ପେଡ଼ ବିଷୟରେ ସେମାନଙ୍କୁ ଜ୍ଞାନ ଦେଇଥିଲେ। ବଣ୍ଡାଘାଟିର ବଡପଡ଼ା ଏବଂ ଜାକଲକୁଣ୍ଡିରେ ଦୁଇଟି ପେଡ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ। ଏହି ପେଡ ବ୍ୟାଙ୍କରେ ପେଡଗୁଡ଼ିକ ରହିଥିବ। ମହିଳା ହେଉ କି ଯୁବତୀ ସେମାନେ ଋତୁସ୍ରାବ ସମୟରେ ଏହି ପେଡ ମାଗଣାରେ ଏଠାରୁ ନେଇ ପିନ୍ଧିବେ ବୋଲି କୁହାଯାଇଛି। ଏଥିପାଇଁ ବଡି ଦିଦିଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସହଯୋଗ ମିଳୁଛି। ବଡିଦିଦିର ସଭାନେତ୍ରୀ ଜୟନ୍ତୀ ବୁରୁଦାଙ୍କ ନେତୃତ୍ୱରେ ବହୁ ଯୁବତୀ ବଡ଼ିଦିଦି ସଂଗଠନରେ ସାମିଲ ହୋଇ ଆଦିବାସୀ ମହିଳାମାନଙ୍କୁ ସଚେତନ କରାଉଛନ୍ତି। କିଶୋରୀ ବାଳିକା ହେଉ ବା ଗାଉଁଲି ମହିଳା ସମସ୍ତେ କପଡ଼ା ବ୍ୟବହାର କରନ୍ତି। ତେଣୁ ଏହି ସଂଗଠନ ପକ୍ଷରୁ କପଡ଼ା ହଟାଓ, ପେଡ ପିନ୍ଧ ବୋଲି ସ୍ଲୋଗାନ ଦେଉଛନ୍ତି। ୨୦୩୦ ସୁଦ୍ଧା ସରକାର ଘୋଷଣା କରିଛନ୍ତି ଯେ ଋତୁସ୍ରାବ ପାଇଁ କୌଣସି କାର୍ଯ୍ୟ ବନ୍ଦ କରାଯିବ ନାହିଁ। ଗତ ୮ ବର୍ଷ ହେଲା ସରକାର ଏହି ଦିବସକୁ ପାଳନ କରିବା ସହ ମହିଳା ଓ ଯୁବତୀଙ୍କୁ ସଚେତନ କରାଉଛନ୍ତି। ଗ୍ରାମାଞ୍ଚଳରେ ମହିଳା ସଚେତନ ନଥିବାରୁ ଅସ୍ୱଚ୍ଛ ରହୁଥିବା ବେଳେ ସହରାଞ୍ଚଳରେ ମହିଳା ବେଶ ସଚେତନ ରହିଛନ୍ତି। ବଡିଦିଦିର ସଦସ୍ୟାମାନଙ୍କ ମଧ୍ୟରୁ ସମ୍ଭାରି ବଡନାୟକ, ଚଙ୍କି ବଡ଼ନାୟକ, ଆଦିବାରି ଶିଶା, ଲକ୍ଷ୍ମୀ କିରସାନୀ, ମୁସକାନ କିରସାନୀ ବଣ୍ଡାଘାଟିରେ ଏହି ଦିବସ ପାଳନ ସହ ସଚେତନ କରାଇଛନ୍ତି।

## ଟ୍ରକ ପଛରେ ଧକ୍କା ଦେଲା ଜାଇଲୋ

ଜୟପୁର, ୩୦/୫ (ନି.ପ୍ର):ଟ୍ରକ ପଛରେ ଧକ୍କା ଦେଲା ଜାଇଲୋ । ଏପରି ଘଟଣାଟି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ । ରାତ୍ର ୨ ଟା ସମୟରେ ଏକ ଟ୍ରକ ବୋରିଗୁମ୍ମା ଅଭିମୁଖେ ଯାଉଥିବା ବେଳେ ଜେଇଲୋ ଗାଡି ଟି ଦ୍ରୁତ ଗତିରେ ଆସି ଟ୍ରକ ପଛରେ ଧକ୍କା ଦେଇଥିଲା । ଫଳରେ ଜାଇଲୋରେ ବସିଥିବା ୨ ଜଣ ଆହତ ହୋଇଛନ୍ତି । ଆହତ ମାନେ ହେଲେ ବଳରାମ ଗୌଡ, ସିଂଙ୍ଗ ସାଅନ୍ତା । ଏହି ସୂଚନା ପାଇ ଜୟପୁର ସଦର ପୋଲିସ ପହଂଚି ଜାଇଲୋକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ବନପାଳ ଲଗାଇଲେ ଖାକି ପୋଷାକରେ ଦାଗ: ମୋବାଇଲ ଠୁ ମୋବାଇଲ ଘୁରି ବୁଲୁଛି ମଦ୍ୟପାନର ଫଟୋଚିତ୍ର

ହରିଚନ୍ଦନପୁର, ୩୦/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ରେଞ୍ଜ ଅଧିନସ୍ଥ ବ୍ରାହ୍ମଣୀପାଳ ବନପାଳ କାର୍ଯ୍ୟରତ ସମୟରେ କିଛି ମାଫିଆଙ୍କ ସହ ମଦ ପିଉଥିବାର ଫଟୋଚିତ୍ର ମୋବାଇଲ ଠୁ ମୋବାଇଲ ଘୁରି ବୁଲୁଛି । ଫେସବୁକରେ ବନପାଳଙ୍କ ଏହିଭଳି ଅବସ୍ଥାର ଫଟୋଚିତ୍ର ଭାଇରାଲ ହେବା ପରେ ଜନସାଧାରଣଙ୍କ ମଧ୍ୟରେ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫେସବୁକ ଉପଭୋକ୍ତା ବିଭିନ୍ନ ଖରାପ ଭାବନାର କମେଂଟ ଦେବା ପରେ ଅପଲୋଡ଼ ଫଟୋଚିତ୍ରକୁ ଡିଲିଟ୍ କରାଯାଇଛି । ଫଳରେ ଏଅଞ୍ଚଳରେ ଅପଲୋଡ଼ କରିଥିବା ବ୍ୟକ୍ତିଙ୍କ ବିଭିନ୍ନ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛି । ଫଟୋ ଭାଇରାଲକୁ ନେଇ ଉକ୍ତ ବନପାଳ ଭୀମସେନ ଦେହୁରୀ ଦୀର୍ଘଦିନ ହେବ ସେଠାରେ କାର୍ଯ୍ୟରତ ସମୟରେ ଅନେକ ଦୁର୍ନୀତି ହୋଇଥିବା ନେଇ ଚର୍ଚ୍ଚା ହେଉଛି । କାର୍ଯ୍ୟରତ ବନପାଳଙ୍କ ଅଧିନରେ ହୋଇଥିବା ବୃକ୍ଷ ରୋପଣରେ ବ୍ୟାପକ ଦୁର୍ନିତୀ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ରହିଛି । ମାଫିଆଙ୍କ ସହ ଏତେ ଖୁସିରେ ମଦ୍ୟପାନ କରିବାର ମୁଖ୍ୟ ଉଦେଶ୍ୟ କ''ଣ ହୋଇପାରେ ତାହା ନେଇ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଆଲୋଚନା ହେଉଛି ? ଏଥିପ୍ରତି ଆନନ୍ଦପୁର ଡିଭିଜନ ବନ ଅଧିକାରୀ ଦୃଷ୍ଟି ଦେଇ ସଠିକ୍ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏଅଞ୍ଚଳରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ତଥ୍ୟ ଲୋକଲୋଚନାକୁ ଆସିବ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣା ସମ୍ବନ୍ଧରେ ଉଚିତ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏଠାକାର ବୁଦ୍ଧିଜୀବି ତଥା ଶିକ୍ଷାବିତ୍ ମହଲରେ ଦାବି ହୋଇଛି ।

## ରାଜ୍ୟ ଏନ୍‌ଏସ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା ଓ ପ୍ରାଥମିକ ଉପଚାର ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୩୦/୫ (ନି.ପ୍ର): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଏନ୍‌ଏସ୍‌ଏସ୍ ଓ ଭାରତୀୟ ରେଡ୍ ?କ୍ରସ ସୋସାଇଟି ଦ୍ୱାରା ସଡ଼କ ସୁରକ୍ଷା ଓ ଦୁର୍ଘଟଣାଜନିତ ପ୍ରାଥମିକ ଉପଚାର ଉପରେ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା ରେଡ୍‌କ୍ରସ ଭବନ ଠାରେ ଆରମ୍ଭ ହୋଇଛି। ଏହି କର୍ମଶାଳାରେ ରାଜ୍ୟର ସମସ୍ତ କଲେଜରୁ ପ୍ରାୟ ୧୨୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣରେ ଯୋଗଦେଇଛନ୍ତି। ପ୍ରଶିକ୍ଷଣରେ ମୁଖ୍ୟ ଅତିଥି ରେଡକ୍ରସ ଅବୈତନିକ ସଚିବ ବିଭୁତି ଭୂଷଣ ପଟ୍ଟନାୟକ, ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା, ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଅଧିକାରୀବୃନ୍ଦ ଓ ଅଭିଜ୍ଞ ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଅଧିକରୁ ଅଧିକ ଲୋକଙ୍କ ଜୀବନ ବଞ୍ଚାଇବା ନିମନ୍ତେ ପ୍ରଚେଷ୍ଟା କରିବାକୁ ଉତ୍ସାହିତ କରିଥିଲେ। ଗୋଟିଏ ଜୀବନ ବଂଚାଇବା ଠାରୁ ବଡ଼ ଉପଲବ୍ଧି ଜୀବନରେ ଆଉ କିଛି ନୁହେଁ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଆମ ଦେଶରେ ସମୁଦାୟ ମୃତ୍ୟୁର ୧୦ ପ୍ରତିଶତ ମୃତ୍ୟୁ କେବଳ ସଡ଼କ ଦୁର୍ଘଟଣାଜନିତ ହୋଇଥାଏ ଏବଂ ଏହି ସଂଖ୍ୟାକୁ ଆମ ଯୁବପିଢି ଚାହିଁଲେ କମେଇ ପାରିବେ ବୋଲି ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ କୁଶବାହା ପ୍ରଶିକ୍ଷଣରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ କହିଥିଲେ । ପ୍ରଶିକ୍ଷଣରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ସଡ଼କ ସୁରକ୍ଷା ଓ ରାସ୍ତାରେ ଯାତାୟତଜନିତ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। କୌଣସି ଆହତ ବା ହଠାତ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପାଖରେ ପହଂଚାଇବା ପର୍ଯ୍ୟନ୍ତ ଯେଉଁ ଉପଚାର ବା ସହାୟତା ଆବଶ୍ୟକ ଯଥା କୃତ୍ରିମ ଶ୍ୱାସକ୍ରିୟା (ସିପିଆର) ଦେବା, ଶ୍ୱାସନଳୀରେ ଖାଦ୍ୟପଦାର୍ଥ ଅଟକି ଗଲେ କଣ କରିବାକୁ ହେବ, କ୍ଷତ ସ୍ଥାନରୁ ରକ୍ତସ୍ରାବ ବନ୍ଦ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ, ଶରୀରର କୌଣସି ସ୍ଥାନ ପୋଡ଼ି ଯାଇଥିଲେ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଶୁ ଚିକିତ୍ସା ଯୋଗାଇଦେବା, ସାପକାମୁଡାର ଚିକିତ୍ସା ଭଳି ବିଷୟରେ ଦୁଇଦିନ ଧରି ବିସ୍ତୃତ ପ୍ରଶିକ୍ଷଣ ଦିଆଯିବ।

## ତମାଖୁ ସେବନ ନିଷେଧ ବିଷୟରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୩୦/୫ (ନି.ପ୍ର): ତମାଖୁ ସେବନ ନିଷେଧ ବିଷୟରେ ସିଟିଓ ସନ୍ତୋଷିନୀ ମୁଣ୍ଡା ଏବଂ ଏନସିସି କ୍ୟାଡେଡ ମାନଙ୍କ ଦ୍ୱାରା ଆଜି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ମହିଳା ଏନସିସି କ୍ୟାଡେଡ ଓ ସିଟିଓ ସନ୍ତୋଷିନୀ ମୁଣ୍ଡା ଏକତ୍ର ଭାବରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଉକ୍ତ କାଯ୍ୟକ୍ରମରେ ସେ ମାନେ ତମାଖୁ ସେବନର କୁଫଳ ବିଷୟରେ ଜୟପୁର ପାରାବେଡା, ଏକଟାଗୁଡା, ଗଡପଦର ଗ୍ରାମରେ ଅବଗତ କରାଇଥିଲେ । ଦୋକାନ ଦୋକାନ ବୁଲି ଏବଂ ରାସ୍ତା ରେ ଉପସ୍ଥିତ ବ୍ୟକ୍ତି ବିଶେଷ ଙ୍କୁ ସଚେତନତା କରାଇଥିଲେ ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର, ୩୦/୫ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବଙ୍ଗଲାଗୁଡା ଭଗବାନ ପରଜା । ଜୟପୁର ଅବକାରି ଥାନା ସୂଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ସଦର ଥାନା ଅନ୍ତର୍ଗତ ବଙ୍ଗଲାଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ୯ ଲିଟର ଦେଶି ମଦ ଜବତ କରି ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବାହିରି ମିଶ୍ର ସୂଚନା ଦେଇଛନ୍ତି ।

## ଶେଷ ପର୍ଯ୍ୟାୟ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଯାଜପୁର/ବରୀ/ସୁକିନ୍ଦା, ୩୦/୫ (ନି.ପ୍ର): ଯାଜପୁର ହେଉଛି ସ୍ୱାଭିମାନ ମାଟି । ଏହି ଭୂମି କ୍ରୀତଦାସ ମାନଙ୍କୁ ପ୍ରତ୍ୟାଖ୍ୟାନ କରି ଓଡ଼ିଆ ଲୋକଙ୍କୁ ନେତୃତ୍ୱ ଦେବ ବୋଲି ଗୁରୁବାର ଯାଜପୁର ସଂସଦୀୟ କ୍ଷେତ୍ରର ଯାଜପୁର, ବରୀ ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଏବଂ ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମଭୂମି ଯାଜପୁରକୁ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଆଗମନ କରିଥିଲେ । ଆଜି ଏହି ଭୂମିର ଜଣେ ତାମିଲ ପାଖରେ ଦାସତ୍ୱ କରିବା ଦୁଃଖର ବିଷୟ । ଯାଜପୁର ଓ ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ୍ କରି ଚୀନକୁ ବିକ୍ରି କରିବା ପାଇଁ ବ୍ଲାକରୋଜକୁ କିଏ ମାଧ୍ୟମ କରିଥିଲା ? ଏ ଘଟଣା ତଦନ୍ତ ପରିସରଭୁକ୍ତ ଥିବାବେଳେ ବ୍ଲାକରୋଜ ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଜେଲ୍ ପଠାଯିବ । ଯାଜପୁର ଭୂମି ଆଜି ଜଣେ କ୍ରୀତଦାସକୁ ନୁହେଁ ବରଂ ଜଣେ ସ୍ୱାଭିମାନୀ ଓଡ଼ିଆଙ୍କୁ ନେତୃତ୍ୱ ଦେବ । ଓଡ଼ିଆ ସାମ୍ରାଜ୍ୟ, ଓଡ଼ିଆ ପରାକାଷ୍ଠା, ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଶା ଅସ୍ମିତାର ତୀର୍ଥସ୍ଥଳର ପ୍ରତିନିଧି ଜଣେ ଓଡ଼ିଆ ହେବ ।

ସେ କହିଛନ୍ତି ଯେ ଆଜି ଯାଏ ଚିଟଫଣ୍ଡ ପଇସା ମିଳିଲା ନାହିଁ କି ଚିଟଫଣ୍ଡ୍ ଚୋର ଜେଲକୁ ଗଲା ନାହିଁ । ବିଜେପି ସରକାର ହେଲେ ପଇସା ମିଳିବ ଓ ଚୋର ଜେଲ ବି ଯିବେ । ଯେତେ ପ୍ରତିପତ୍ତିଶାଳୀ ହୁଅନ୍ତୁ ନା କାହିଁକି, ସେମାନେ ଜେଲ ଯିବା ଥୟ । ଯାଜପୁରରେ ବିକାଶ ନାଁରେ ସରକାରୀ ନିୟମ ନମାନି ଜମି ଅଧିଗ୍ରହଣ କରାଯାଉଛି । ବୁଝାମଣା ମାଧ୍ୟମରେ ଜମି ଅଧିଗ୍ରହଣ ହେଉଛି । ଲୋକଙ୍କୁ ଡରାଇ ଧମକାଇ, ଜୋର୍ ଜବରଦସ୍ତ ଜମି ଅଧିଗ୍ରହଣ କରାଯାଉଛି । ଯାଜପୁର ଜିଲ୍ଲାରେ ଯାହା ଜମି ଅଧିଗ୍ରହଣ ହେବ, ନିୟମ ଅନୁସାରେ ୪ ଗୁଣା କ୍ଷତି ପୂରଣ ଦିଆଯାଇ ଜମି ଅଧିଗ୍ରହଣ ହେବ । ଏ ଅନ୍ୟାୟ ଅତ୍ୟାଚାରକୁ ବନ୍ଦ କରିବାର ସମୟ ଆସିଛି ।

ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଜାଗିର କିମ୍ବା ବ୍ୟକ୍ତିଗତ ଜମିଦାରୀ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ ହାତକୁ ଜଣେ ତାମିଲ ଗୁମାସ୍ତା ମାଡ଼ି ବସିବ କି ? ଏହା ସାଢ଼େ ୪ କୋଟି ଓଡ଼ିଶା ଲୋକଙ୍କୁ ଅପମାନ । ମୁଖ୍ୟମନ୍ତ୍ରୀ ପଦକୁ ଅପମାନ । ମୁଖ୍ୟମନ୍ତ୍ରୀ ବିଏସକେଓ୍ୱାଇ ଠିକରେ କହି ପାରୁନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କୁ କହିବା ପାଇଁ ଭଡ଼ାଟିଆଙ୍କ ମାଇକ ଦରକାର ପଡୁଛି । ମୁଖ୍ୟମନ୍ତ୍ରୀଙ୍କୁ କଣ ସାଢ଼େ ୪ କୋଟି ଓଡ଼ିଆଙ୍କୁ ଭିତରୁ ଜଣେ ବି କେହି ଉତ୍ତରାଧିକାରୀ ମିଳିଲେ ନାହିଁ । ଗୋଟେ ତାମିଲନାଡୁର ଭଡ଼ାଟିଆ ଗୁମାସ୍ତାକୁ ଉତ୍ତରାଧିକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଡାକି ଆଣିଲେ । ଏ ସବୁ ଦେଖି ଓଡ଼ିଆ ଲୋକ ଚୁପ୍ ରହିବେ ନାହିଁ । ଦୀର୍ଘ ୨୫ ବର୍ଷ ଶାସନରେ ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାରର ବଡ ସମସ୍ୟା ରହିଛି । ଶୀତଳ ଭଣ୍ଡାର ନାହିଁ । ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାର ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଯେଉଁ ୨୫ ବର୍ଷର ସରକାରରେ ମୌଳିକ ସୁବିଧା ମିଳେନାହିଁ, ମହିଳାଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ଅଛି, ମାଟ୍ରିକ୍ ଡ୍ରପଆଉଟ ହାର ବୃଦ୍ଧି ପାଉଛି, ଶିକ୍ଷା ଭିତ୍ତିଭୂମିକୁ ମଜଭୁତ୍ କରିବା ପରିବର୍ତ୍ତେ ନାଚ ଗୀତରେ ପଇସା ଖର୍ଚ୍ଚ କରାଯାଉଛି, ସେ ସରକାରକୁ ଲୋକମାନେ ନିଶ୍ଚୟ ବଦଳାଇବେ । ବିଜେପି ସରକାର ହେଲେ ଗରିବଙ୍କୁ ପକ୍କା ଘର, ଶୌଚାଳୟ, ଗ୍ୟାସ ସହ ସବୁ ପ୍ରକାର ମୌଳିକ ସୁବିଧା ଦିଆଯିବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦,୦୦୦ ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଏହି ଅର୍ଥକୁ ସେମାନେ ଦୁଇ ବର୍ଷ ମଧ୍ୟରେ ଖର୍ଚ୍ଚ କରିବେ । ଧାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## କୋର ପଂଚାୟତରେ ବିଜେଡିର କର୍ମୀ ସମାବେଶ

କେନ୍ଦ୍ରାପଡ଼ା, ୩୦/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ପଂଚାୟତରେ ବିଜେଡିର ଏକ ବିଶାଳ କର୍ମୀ ସମାବେଶ ସଭାପତି ତଥା ଆମ୍ବାର ଅଧକ୍ଷ ଅଶୋକ କୁମାର ବରାଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, କୋରୋ ସମାବାୟ ସମିତିର ସଭାପତି ରଞ୍ଜିତ ପ୍ରସାଦ ଜେନା, ସରପଂଚ ଗୀତାଞ୍ଜଳୀ ଜେନା, ସମିତି ସଭ୍ୟ ଜିତେନ୍ଦ୍ର ରାଉତ, ପୂର୍ବତନ ସରପଂଚ ହରିପଦ ବେହେରା, ତପୋଇ ମଳିକ, ଶରତ ସାମଲ, ଅକ୍ଷୟ ପାତ୍ରଙ୍କ ସମେତ ଉଦୟନାଥ ମଳିକ, ଶରତ ସାମଲ, ବସନ୍ତ କୁମାର ମଳିକ, ବାବାଜୀ ଚରଣ ମଳିକ, ହରିଶ ଚନ୍ଦ୍ର ସିଂହ, ପଦନ ସୁତାର ପ୍ରମୁଖ ଉପସ୍ଥିତ ରହି ବିଜେଡି ସରକାର ର ନିର୍ମଳ ଭାବମୂର୍ତି ଓ ଦୁର୍ନିତି ମୁକ୍ତ ସରକାର ସଂପର୍କରେ ଆଲୋଚନା କରା ଯାଇଥିଲା । ଭାରତ ବର୍ଷରେ ଏକ ନମ୍ବର ରାଜ୍ୟ ଭାବରେ ପରିଚିତ ଓଡିଶାର ମାନ୍ୟବର ଏକନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଧାୟକ ପ୍ରାର୍ଥୀ ଶ୍ରୀ ଗଣେଶ୍ୱର ବେହେରା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଡି ଶଙ୍ଖରେ ଭୋଟ ଦେବାପାଇଁ ପଂଚାୟତବାସୀଙ୍କୁ ନିବେଦନ କରିଥିଲେ ।

## କୁନ୍ଦୁରା ଜଗନ୍ନାଥ ମନ୍ଦିରରେ ହୁଣ୍ଡି ଭାଙ୍ଗି ଲୁଟ୍ କଲେ ଦୁର୍ବୃତ୍ତ

ଜୟପୁର, ୩୦/୫ (ନି.ପ୍ର): ଜଗନ୍ନାଥ ମନ୍ଦିର ହୁଣ୍ଡୀ ଚୋରୀ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଏଭଳି ଘଟଣା କୋରାପୁଟ ଜିଲ୍ଲା ଅନ୍ତର୍ଗତ କୁନ୍ଦୁରା ସଦର ମହାକୁମାସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ଦେଖିବାକୁ ମିଳିଛି । ଆଜି ଭୋର ଚାରିଟା ପୂର୍ବରୁ ଠାକୁରଙ୍କ ଅଳଙ୍କାର ସମେତ ହୁଣ୍ଡୀ ବାକ୍ସକୁ ନେଇ ଚାଲିଯାଇଥିଲେ ଦୁର୍ବୃତ । ସକାଳୁ ଚାରିଟା ବେଳେ ପୂଜାରୀ ଆସି ମନ୍ଦିର ପହଡ ଫିଟେଇବା ବେଳକୁ ଚୋରୀ ଘଟଣା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଏନେଇ ପୋଲିସକୁ ଖବର ଦିଆଯାଇଥିଲା।

## ବେତନଟୀ ମିଶନ ଶକ୍ତିର ଇସି ମେମ୍ବର ସସପେଣ୍ଡ

ଭୁବନେଶ୍ୱର/ବାରିପଦା, ୩୦/୫ (ନି.ପ୍ର): ବେତନଟୀ ବ୍ଲକ ମିଶନ ଶକ୍ତିର ଇସି ସଦସ୍ୟଙ୍କୁ ନିଲମ୍ବନ । ମୟୂରଭଞ୍ଜ ବଡ଼ସାହି ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକ୍ ମିଶନ୍ ଶକ୍ତି ଅଧିନରେ କାର୍ଯ୍ୟ କରୁଥିବା ଚାରିଜଣ ମହିଳା ଙ୍କୁ ସସପେଣ୍ଡ କରାଯାଇଛି । ବିଜେଡି ଦଳର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଚଳିତ ଥରର ବିଜେଡି ପ୍ରାର୍ଥୀ ଅନୁସୟା ପାତ୍ରଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା ଘଟଣାରେ ବେତନଟୀ ବ୍ଲକ୍ ଏବଂ ବାରିପଦା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଚାରିଜଣ ମିଶନ୍ ଶକ୍ତିର ଇସି ମେମ୍ବର ସ୍ନେହଲତା ସେଠି, ସ୍ନେହଲତା ପାଣି,ସୁମତି ମିଶ୍ର ଏବଂ ସବିତା ଜେନାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ବେତନଟୀ ବିଡ଼ିଓ ଗୋପିନାଥ ଖୋଖା ସୂଚନା ଦେଇଛନ୍ତି ।

## ଜିଲ୍ଲା ବିଜେଡି ସମର୍ଥିତ ଓକିଲମାନଙ୍କର ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୩୦/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେଡି ସମର୍ଥିତ ଓକିଲମାନଙ୍କର ଏକ ବନ୍ଧୁ ମିଳନ ବିଜେଡି ଜିଲ୍ଲା ସଭାପତି ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବି ନିହାର ରଂଜନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ବନ୍ଧୁ ମିଳନରେ ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଆଇନଜୀବି ଗୋବର୍ଦ୍ଧନ ରାଉତ, ଗୋକୁଳ ରଂଜନ ଦାସ, ଆଶୁତୋଷ ମହାନ୍ତି, ଗୌର ପ୍ରସାଦ ମହାପାତ୍ର, ସରୋଜ ରାଜ ସିଂହ, ରବି ନାରାୟଣ ଦାସ, ତମସା ପାତ୍ର, ଦିନେଶ ରାଜ ସିଂହ, କୁଞ୍ଜ ବିହାରୀ ପରିଡା, ସ୍ମୃତି ରଂଜନ ସିଂହ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଛିଡା ହୋଇଥିବା ବିଜେଡି ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଆଲୋଚନା କରାଯାଇଥିଲା । ଭାରତର ଏକ ନମ୍ବର ରାଜ୍ୟ ଓ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବବୋଲି ଏହି ବନ୍ଧୁ ମିଳନ ରେ ଆଲୋଚନା କରା ଯାଇଥିଲା । ଦୀର୍ଘ ୨୪ ବର୍ଷ ଶାସନ କାଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ପାରିଛନ୍ତି । ଏହିବନ୍ଧୁ ମିଳନରେ ଓକିଲ ବନ୍ଧୁମାନେ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଜନ ସାଧାରଣଙ୍କୁ ନିବେଦନ କରିବେ ବୋଲି ସ୍ଥିର ହୋଇଛି । ଆୟୋଜିତ ଏହି ବନ୍ଧୁ ମିଳନ ରେ ସୁବ୍ରତ କୁମାର ରଥ, ହରେକୃଷ୍ଣ ନାୟକ, ହାଡିବନ୍ଧୁ ସିଂହ, ବିଦ୍ୟାଧର ଦାସ, ରେଣୁବାଳା ସାମଲ ପ୍ରମୁଖଙ୍କ ସହ ଶତାଧିକ ଓକିଲ ବନ୍ଧୁ ମାନେ ଉପସ୍ଥିତ ଥିଲେ ।

## ନବ ଦାସଙ୍କ ହତ୍ୟା, ପରିକ୍ରମା ପ୍ରକଳ୍ପର ଦୁର୍ନୀତି ଓ ଭ୍ରଷ୍ଟାଚାରର ତଦନ୍ତ ବିଜେପି କରିବ : ସମୀର ମହାନ୍ତି

ଭୁବନେଶ୍ୱର, ୩୦/୫ (ନି.ପ୍ର): ପୋଲିସ ବିଭାଗର ଉଚ୍ଚପଦ ଅଧିକାରୀ ଅବସ୍ଥାପିତ ଡିଏସ୍ କୁଟେ ଓ ଆଶିଷ ସିଂ ବିଜେଡିର ଗୁଲାମଗିରି ଓ ଚାମଚାଗିରି କରୁଛନ୍ତି ବୋଲି ବିଜେପି ବାରମ୍ବାର ଓଡ଼ିଶାବାସୀଙ୍କୁ ଅବଗତ କରାଇଛି । ଶାସକ ବିଜେଡି ପାଇଁ କାମ କରୁଥିବା କାରଣରୁ ବରିଷ୍ଠ ଆଇପିଏସ ଡି.ଏସ.କୁଟେଙ୍କୁ ନିଲମ୍ବନ ଓ ଆଶିଷ ସିଂଙ୍କୁ ମେଡିକାଲ ବୋର୍ଡ ଆଗରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଇସିଆଇ । ଡିଏସ୍ କୁଟେ କେଉଁଠି ବସି କାହାର ଆପୋଏଂଟ୍‌ମେଂଟ୍ ଫିକ୍ସ କରନ୍ତି ତ କାହାର ବଦଳି କରନ୍ତି । ବିଜେଡିର କେଉଁ ନେତାଙ୍କୁ କେତେବେଳେ ଟାଇଟ ଓ ହୁଗୁଳା କରାଯିବ, କେଉଁ ପୋଲିସ ଷ୍ଟେସନର ଏଏସ୍‌ଆଇ କାହା ଘରକୁ ଯାଇ ଡାକିବେ, ମ୍ୟୁନିସପାଲଟି ଓ ସହରାଂଚଳ ନିର୍ବାଚନ ବେଳେ କିଏ ପ୍ରାର୍ଥୀ ହେବେ, ଅଂଚଳର ପୋଲିସ ଷ୍ଟେସନର ଅଧିକାରୀ କେଉଁ କାର୍ଯ୍ୟ କରିବେ ସେସବୁ ଉପରେ ଡିଏସ୍ କୁଟେ ନିଷ୍ପତି ନେଉଥିଲେ । ଗଞ୍ଜାମ ଜିଲ୍ଲାର ରାଜନୀତି ସହିତ ଆଶିଷ ସିଂଙ୍କର କ'ଣ ସମ୍ପର୍କ ଏକଥା ବିଜେଡି ଓ କଂଗ୍ରେସ ଦଳ ଜାଣିଛି ଏବଂ ବିଜେପିର କାର୍ଯ୍ୟକର୍ତା ଅବଗତ ଅଛନ୍ତି । ଆଜି ଯିଏ ଶ୍ରୀ ସିଂଙ୍କୁ ସାର୍ଟିଫିକେଟ୍ ଦେବାକୁ ବସିଛନ୍ତି ସେ ପ୍ରଶାସନିକ ଅଧିକାରୀ ଥିବାବେଳେ ମସୁରୀ ଟ୍ରେନିଂ ବେଳେ କ'ଣ ଶପଥ ନେଇଥିଲେ ସେ ଜାଣିଛନ୍ତି । ଓଡିଶାର ସାଧାରଣ ଜନତା ତଥା ଟିକସ୍ ଦାତାଙ୍କର ଅର୍ଥରୁ ଦରମା ନେଉଥିବା ସରକାରୀ କର୍ମଚାରୀ ରାଜନୈତିକ ଦଳ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ବିଜେପି ବାରମ୍ବାର ତଥ୍ୟ ଓ ପ୍ରମାଣ ସହ ନିର୍ବାଚନ କମିଶନଙ୍କୁ ପୂର୍ବରୁ ଅବଗତ କରିଥିଲା ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ହାତକୁ ଟାଣିବା ଏବଂ ଗୋଡରେ ଗୋଇଠା ମାରୁଛନ୍ତି ଗୁମାସ୍ତା । ଏହା ଅତ୍ୟନ୍ତ ଦୁଃଖଦ ଘଟଣା । ଅଣଓଡିଆ ବାବୁ ମୁଖ୍ୟମନ୍ତ୍ରୀଙ୍କୁ ସାମ୍ନାରେ ରଖି ସମସ୍ତ କ୍ଷମତା ଠୁଳ କରି ଓଡ଼ିଆ ଜାତିକୁ ବାରମ୍ବାର ଅପମାନ କରୁଛନ୍ତି । ଏଥିସହ ମହାପ୍ରଭୁ ଜଗନ୍ନାଥଙ୍କ ପରମଭକ୍ତ କହି ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟକୁ ଅପମାନିତ କରିଛନ୍ତି । ଏହାକୁ ଓଡ଼ିଆ ଜାତି ସହିବ ନାହିଁ । ଅନ୍ୟ ପକ୍ଷରେ ଭୃଗୁ ବକ୍ସିପାତ୍ରଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲା ବିଜେଡି । କିନ୍ତୁ ଏବେ ଭୃଗୁ ବକ୍ସିପାତ୍ରଙ୍କୁ ବ୍ରହ୍ମପୁର ଲୋକସଭାରୁ ପ୍ରାର୍ଥୀ କରିଛି । ବିଜେଡି ଗୁମାସ୍ତା ସେମାନଙ୍କ ବ୍ୟକ୍ତିକୁ ନେଇ ସାର୍ଟିଫିକେଟ୍ ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ଏହି ନିର୍ବାଚନକୁ ଲଟକେଇ, ଭଟକେଇ, ପକ୍ଷପାତିତା କରିବା ପାଇଁ ସବୁ ଯୋଜନା କରିବା ପରେ ନିର୍ବାଚନ କମିଶନ ୨ଜଣ ଅଧିକାରୀଙ୍କ ମଧ୍ୟରୁ ଜଣକୁ ବହିଷ୍କାର କରିଛନ୍ତି ଯାହାକୁ ବିଜେପି ସ୍ୱାଗତ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଖଣିଜ ସମ୍ପଦକୁ ଲୁଟ୍ କରିଥିବା ମାଫିଆମାନଙ୍କ ଅଂଟା ଭାଙ୍ଗି ଦିଆଯିବ । ବିଜେପି ସରକାରକୁ ଆସିଲେ ବିଜେଡି ଶାସନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପରିକ୍ରମା ପ୍ରକଳ୍ପର ଦୁର୍ନୀତି ଓ ଭ୍ରଷ୍ଟାଚାରର ତଦନ୍ତ କରିବ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଯେଉଁ ଅଣଓଡ଼ିଆ ବାବୁ କୋଟି କୋଟି ଟଙ୍କାର ଦୁର୍ନୀତି କରିଛି ତାହାର ହିସାବ କରି ପାଇ ପାଇ ଟଙ୍କା ଆଦାୟ କରାଯିବ । ଓଡ଼ିଶାବାସୀଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅଣଓଡ଼ିଆ ବାବୁ ଅପମାନିତ କରିବାକୁ ଓଡ଼ିଶାବାସୀ ସହ୍ୟ କରିବେ ନାହିଁ । ନବୀବ ବାବୁଙ୍କ ଶରୀର କିଭଳି ଅଛି ତାହା ଜାଣିବା ଆବଶ୍ୟକ ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରିଥିବା ଗୁମାସ୍ତା ବାବୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି ।

# ଧାରାବାହିକ: ଭାଗ-୯

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୩ୟ ଅଧ୍ୟାୟ

### ।। ଭଗବାନଙ୍କ ଅନ୍ୟ ଲୀଳାଚରିତ ବର୍ଣ୍ଣନା ।।

ଭଗବାନ ଶ୍ରୀକୃଷ୍ଣ ଦୁରାଚାରୀ କଂସକୁ କିଞ୍ଚିତ ବଳ ପ୍ରୟୋଗ କରି ସିଂହାସନରୁ ଫୋପାଡି ମୃତ୍ୟୁ ଦେଇ କିଛି ସମୟ ତାଙ୍କ ଶରୀରକୁ ଘୋସାରି ଥିଲେ । ଗୁରୁ ସାନ୍ଦିପନୀଙ୍କୁ ଗୁରୁ ଦକ୍ଷିଣା ଛଳରେ ତାଙ୍କର ମୃତ ପୁତ୍ରକୁ ଯମ ଲୋକରୁ ପୁନର୍ଜୀବୀତ କରିଆଣି ଅର୍ପଣ କରିଥିଲେ । ଶିଶୁପାଳକୁ ଦମନ କରି ରକ୍ମିଣୀ ବିବାହ କରିଥିଲେ । ସାତଗୋଟି ଅବିଦ୍ଧ ନାସିକା ବୃଷଭଙ୍କୁ ଦମନ କରି ସତ୍ୟଭାମାଙ୍କ ପାଣିଗ୍ରହଣ କରିଥିଲେ । ତାଙ୍କ ମାନଭଂଜନ ପାଇଁ ସ୍ୱର୍ଗରୁ ପାରିଜାତ ପୁଷ୍ପ ଆଣି ମର୍ତ୍ତ୍ୟରେ ରୋପଣ କରିଥିଲେ । ନାରକାସୁରକୁ ବଧ କରି ତାଙ୍କ ମାତାଙ୍କ ପ୍ରାର୍ଥନା ମତେ ପୁତ୍ର ଭଗଦତ୍ତକୁ ସିଂହାସନରେ ବସାଇଥିଲେ । ନାରକା ବନ୍ଦୀ କରିଥିବା କନ୍ୟାମାନଙ୍କୁ ନିଜେ ହିଁ ପତ୍ନୀର ସୌଭାଗ୍ୟ ପ୍ରଦାନ କରିଥିଲେ । ସେ ବହୁ ଅସୁର ସଂହାର କରିବା ସହ କୁରୁକ୍ଷେତ୍ରରେ ପାଣ୍ଡବଙ୍କ କର୍ଣ୍ଣଧାର ସାଜି ଯୁଦ୍ଧରେ ଜୟଯୁକ୍ତ କରାଇଲେ । ଅଶ୍ୱ ।ମାର ବ୍ରହ୍ମଶରରୁ ମାତୃଗର୍ଭରୁ ପରୀକ୍ଷିତଙ୍କୁ ରକ୍ଷା କରିଥିଲେ ।

### ୪ର୍ଥ ଅଧ୍ୟାୟ

### ।। ଉଦ୍ଧବଙ୍କଠାରୁ ବିଦାୟ ନେଇ ବିଦୁରଙ୍କର ମୈତ୍ରେୟ ଋଷିଙ୍କ ନିକଟକୁ ଗମନ ।।

ଉଦ୍ଧବ କହିଚାଲିଲେ, ହେ ମହାତ୍ମା ବିଦୁର ! ନିଜ ମାୟର ନିଜେ କ୍ରୀଡା କରୁଥିବା ଭଗବାନ ନିଜ ଇହଲୀଳା ସମ୍ବରଣ ପୂର୍ବରୁ ମୋତେ ବଦ୍ରିକା ପଠାଇଦେଇ ଯାଦବକୁଳକୁ ଧ୍ୱଂସ କଲେ । ମୁଁ ପ୍ରଭାସ ତୀର୍ଥକୁ ଚାଲିଯାଇ ଦେଖିଲି ପ୍ରଭୁ ଗୋଟିଏ ଅଶ୍ୱ ବୃକ୍ଷତଳେ ବିଶ୍ରାମ ନେଉଛନ୍ତି । ମହର୍ଷି ମୈତ୍ରେୟ ମଧ୍ୟ ସେଠାରେ ଉପସ୍ଥିତ ପୂର୍ବକ ଭଗବାନଙ୍କ ଦର୍ଶନ ପାଇଛନ୍ତି । ଭଗବାନଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆମ୍ଭମାନଙ୍କୁ ଦର୍ଶନ ଦେଇ କୃତାର୍ଥ କରିଦେଲେ । ମୁଁ ପ୍ରାର୍ଥନା କରି କହିଲି, ହେ ପ୍ରଭୁ ! ଆପଣଙ୍କ ଦୟାରୁ ଧନ, ଅର୍ଥ, କାମ ଓ ମୋକ୍ଷ ମୋ ନିମନ୍ତେ କିଛି ଦୁର୍ଲ୍ଲଭ ନୁହେଁ ମାତ୍ର ମୁଁ ଆପଣଙ୍କ ଯୁଗେ ଯୁଗେ ସେବକ ହେବାକୁ ଚାହୁଁଛି ଯାହା ମୋତେ ପ୍ରତି ଜନ୍ମରେ ମିଳୁଥାଉ । ହେ ପ୍ରଭୁ ! ଆପଣ କର୍ମରହିତ ହୋଇ ମଧ୍ୟ କର୍ମ କରୁଛନ୍ତି । କାଳଜୟୀ ହୋଇ ମଧ୍ୟ ମୃତ୍ୟୁକୁ ଲୁଚୁଛନ୍ତି, ଆତ୍ମାରାମ ହୋଇ ମଧ୍ୟ ଷୋଳସହସ୍ର ଗୋପୀଙ୍କ ସହିତ ରମଣ କରୁଛନ୍ତି । ଆପଣ କାହାର ବୁଝିବାରେ ଆସନ୍ତି ନାହିଁ, ଆପଣଙ୍କ ଲୀଳା ପ୍ରାଣିକୁ ମୁଗ୍ଧ, ଚକିତ ଓ ବିସ୍ମିତ କରିଥାଏ । ହେ ଦୟାମୟ !ଆପଣ ପୂର୍ବେ ବ୍ରହ୍ମାଙ୍କୁ ଯେଉଁ ଜ୍ଞାନ ପ୍ରଦାନ କରିଥିଲେ, ମୋତେ ଉପଯୁକ୍ତ ଭାବୁଥିଲେ ତାହା ପ୍ରଦାନ କରନ୍ତୁ । ଭଗବାନ ଅତ୍ୟନ୍ତ ପ୍ରସନ୍ନ ହେବା ସହ ସେହି ଦିବ୍ୟ ଜ୍ଞାନ ମୋତେ ପ୍ରଦାନ କରିଛନ୍ତି । ଉଦ୍ଧବଙ୍କ ମୁଖରୁ ନିଜ ସୁହୃଦଙ୍କ ବିନାଶବାର୍ତ୍ତା ଶୁଣି ବିଦୁର ଅତ୍ୟନ୍ତ ଶୋକାକୁଳ ହେଲେ ପୁଣି ନିଜକୁ ପ୍ରକୃତିସ୍ଥ କଲେ । ସେ ଅନୁରୋଧ କଲେ ଭଗବାନ ଦେଇଥିବା ସେହି ଦୁର୍ଲ୍ଲଭ ଜ୍ଞାନକୁ ବଖାଣିବା ନିମନ୍ତେ । ମାତ୍ର ଉଦ୍ଧବ ସେହି ଜ୍ଞାନ ଦେବାକୁ ମୈତ୍ରେୟ ମୁନି ହିଁ ଉପଯୁକ୍ତ ବୋଲି କହିଲେ କାରଣ ଭଗବାନ ମର୍ତ୍ତ୍ୟଲୋକ ତ୍ୟାଗ କରିବା ପୂର୍ବରୁ ସେହି ଜ୍ଞାନ ତାଙ୍କୁ ବି ଦେଇଯାଇଛନ୍ତି । ତେଣୁ ଆପଣ ମୈତ୍ରେୟ ମୁନିଙ୍କୁ ଅନୁରୋଧ କରନ୍ତୁ।

### ୫ମ ଅଧ୍ୟାୟ

### ।। ବିଦୁରଙ୍କ ପ୍ରଶ୍ନରେ ମୈତ୍ରେୟ ମୁନିଙ୍କର ବ୍ୟାଖ୍ୟାନ ।।

ବିଦୁର ହରଦ୍ୱାରରେ ପରମ ଜ୍ଞାନୀ ମୈତ୍ରେୟଙ୍କ ସହ ଭେଟ ହେଲେ । ତାଙ୍କୁ ସ ସମ୍ମାନେ ପଚାରିଲେ, ହେ ଭଗବନ ! ମନୁଷ୍ୟ ସୁଖ ଆଶାରେ କର୍ମ କରୁଥିଲେ ହେଁ ସୁଖ ତ ମିଳେନା ବରଂ କର୍ମାନୁସାର ଦୁଃଖ ଭୋଗ କରେ । ତେଣୁ ଦୟାକରି କୁହନ୍ତୁ ଏ ଦୁଃଖରୁ ମୁକ୍ତିର ଉପାୟ କ'ଣ ପୁଣି କାହିଁକି କର୍ମ ରହିତ ପ୍ରଭୁ ସୃଷ୍ଟି ସର୍ଜନା କରି ତାକୁ ପାଳନ ପୁଣି ସଂହାର କରନ୍ତି । ପୁଣି ଆବଶ୍ୟକ ସ୍ଥଳେ ଅବତାର ବି ନିଅନ୍ତି । ପୂର୍ବରୁ ଭଗବାନଙ୍କ ଲୀଳାମୃତ ମୁଁ ଦେବର୍ଷି ଓ ବ୍ୟାସଦେବଙ୍କଠାରୁ ଶୁଣିଥିଲେ ହେଁ ତୃପ୍ତି ଆସିନାହିଁ । ଆପଣ ମଧୁପ ପରି ସବୁ ଶାସ୍ତ୍ରରୁ ଆହରଣ କରିଥିବା ଜ୍ଞାନ ସଂସାର ଓ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ କୁହନ୍ତୁ । ମୈତ୍ରେୟ ମୁନି ପ୍ରସନ୍ନ ହେବା ସହ ଜଗତ କଲ୍ୟାଣକାରୀ ପ୍ରଶ୍ନର ଉତ୍ତର ଦେବାକୁ ଆରମ୍ଭ କଲେ । ହେ ବିଦୁର ! ଆପଣ ପୂର୍ବଜନ୍ମରେ ଯମ ଥିଲେ, ମାତ୍ର ମାଣ୍ଡବ୍ୟ ଋଷିଙ୍କ ଅଭିଶାପ ଫଳରେ ବ୍ୟାସଦେବଙ୍କ ଔରସରୁ ଓ ବିଚିତ୍ରବୀର୍ଯ୍ୟଙ୍କ ଭୋଗପତ୍ନୀଙ୍କ ଗର୍ଭରୁ ସମ୍ଭୁତ ହେଲେ । ଭଗବାନଙ୍କୁ ଧ୍ୟାନ କରି ଆପଣ ଭଗବାନଙ୍କ ପ୍ରିୟ ତଥା ଭଗବାନ ମର୍ତ୍ତ୍ୟଧାମ ଛାଡିବା ପୂର୍ବରୁ ଯେଉଁ ଜ୍ଞାନୋପଦେଶ ଦେଇଯାଇଛନ୍ତି ତାହା ମୁଁ ଆପଣଙ୍କୁ ପ୍ରଦାନ କରୁଛି । ସୃଷ୍ଟି ପୂର୍ବରୁ ଏକମାତ୍ର ପରମାତ୍ମା ବିରାଜମାନ ଥିଲେ । ସେ ନିଜକୁ ଅସ୍ତିତ୍ୱ ବିହୀନ ମନେ କରିବାରୁ ଅନ୍ୟ ଦୃଷ୍ଟବସ୍ତୁର କାମନା କଲେ । ତାଙ୍କରି ମାୟା ଶକ୍ତି ଦ୍ୱାରା ବିଶ୍ୱ ସୃଷ୍ଟି ହେଲା ଓ ନିଜର ଅଂଶ ସ୍ୱରୂପ ପୁରୁଷକୁ ସେ ପ୍ରକୃତି ଉପରେ ଅଧିଷ୍ଠିତ କଲେ । ତହିଁରୁ ମହତ୍ତତ୍ତ୍ୱର, ସେଠୁ ବିକାର ପ୍ରାପ୍ତ ହୋଇ ଅହଂକାର ଜନ୍ମନେଲା । ସେହି ଅହଂକାର-ସତ୍ୱ, ରଜ ଓ ତମ ଭାବରେ ତିନିପ୍ରକାର । ସତ୍ୱରୁ ଦେବେତା, ରଜରୁ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ଏବଂ ତମରୁ ଆକାଶର ଉତ୍ପତ୍ତି ହେଲା । ଭଗବାନ ଆକାଶକୁ ଦୃଷ୍ଟି ପକାନ୍ତେ ସେଠାରୁ ସ୍ପର୍ଶ ଓ ସେଥିରୁ ବାୟୁର ଉତ୍ପତ୍ତି ହେଲା । ବାୟୁ ଓ ଆକାଶ ବିକାରଗ୍ରସ୍ତ ହେବାରୁ ତେଜ ବା ଜ୍ୟୋତି ପ୍ରକାଶିତ ହେଲା । ତେଜ ବାୟୁଯୁକ୍ତ ହୋଇ ଭଗବାନଙ୍କ ଦୃଷ୍ଟିଗୋଚର ହୁଅନ୍ତେ ବିକାର ପ୍ରାପ୍ତହୋଇ ଜଳର ଉତ୍ପତ୍ତି ହେଲା । ତେଜଯୁକ୍ତ ଜଳ ସହିତ କାଳ ଓ ମାୟା ମିଳିତ ହେବାପରେ ଗନ୍ଧମୟୀ ପୃଥିବୀର ସୃଷ୍ଟିହେଲା । ଏହି ପଞ୍ଚମହାଭୂତ କ୍ରମାନ୍ୱୟରେ ସୃଷ୍ଟି ହେତୁ ପ୍ରତ୍ୟେକ ନିଜ ନିଜର ଗୁଣ ଯଥା- ଆକାଶ-ଶବ୍ଦ, ବାୟୁ-ଶବ୍ଦ ଓ ସ୍ପର୍ଶ, ତେଜ- ଶବ୍ଦ, ସ୍ପର୍ଶ ଓ ରୂପ, ଜଳ- ଶବ୍ଦ, ସ୍ପର୍ଶ, ରୂପ ଓ ରସ, କ୍ଷିତି ବା ପୃଥିବୀ- ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ପ୍ରକାଶ କଲେ । ସତ୍ୱ, ରଜ, ତମ ଗୁଣଧାରୀ ଦେବତାମାନେ ପ୍ରାର୍ଥନା କଲେ ତ୍ରିଗୁଣରୁ ଆମ୍ଭେମାନେ ସୃଷ୍ଟି ହୋଇଥିବାରୁ ପରସ୍ପର ବିରୋଧଭାବ ଯୋଗୁଁ ଆମ୍ଭେମାନେ ମିଳିପାରୁନାହୁଁ । ମୁନିଋଷିଙ୍କ ଭଳି ଆମ୍ଭେମାନେ ତପସ୍ୟା କରିବାକୁ ଅସମର୍ଥ ଏଣୁ ଆମ୍ଭଙ୍କୁ ଆପଣଙ୍କ ଆଶ୍ରୟରେ ରଖି ଜୀବିକା ନିର୍ଦ୍ଦେଶ କଲେ ସେହି ଅନୁସାରେ ଆପଣଙ୍କ ଲୀଳାରେ ସହାୟକ ହୋଇପାରିବୁ ।

### ୬ଷ୍ଠ ଅଧ୍ୟାୟ

### ।। ବିରାଟ ପୁରୁଷ ଉତ୍ପତ୍ତି ।।

ସର୍ବଶକ୍ତିମାନ ପରମେଶ୍ୱର ନିଜର କାଳଶକ୍ତିକୁ ବିଶ୍ୱରଚନା ନିମିତ୍ତ ପ୍ରୟୋଗ କରି ପଞ୍ଚମହାଭୂତ ଓ ଏଗାର ଇନ୍ଦ୍ରିୟାଦି ୨୩ ତତ୍ତ୍ୱକୁ ଏକ ସଙ୍ଗରେ ପ୍ରକାଶ କଲେ । ଯାହା ବିରାଟ ପୁରୁଷ ସ୍ୱରୂପ ଅଟେ । ସେହି ବିରାଟ ପୁରୁଷଙ୍କ ଗର୍ଭରେ ଏହି ଚରାଚର ବିଶ୍ୱ ବିଦ୍ୟମାନ । ସେହିପୁରୁଷ ଏକସହସ୍ର ବର୍ଷ ଜଳରାଶି ମଧ୍ୟରେ ବାସକରି ଜ୍ଞାନଶକ୍ତି, କ୍ରିୟାଶକ୍ତି ଓ ଆତ୍ମଶକ୍ତିର ସମନ୍ୱିତ ହେଲେ ଯାହା ଏକ, ଦଶ ଓ ତିନି ପ୍ରକାରେ ରୂପାନ୍ତର ହେଲା । ଯଥା- ଜ୍ଞାନଶକ୍ତିରୁ ଚେତନା, କ୍ରିୟା ଶକ୍ତିରୁ ପ୍ରାଣ,ଅପାନ, ସମାନ, ବ୍ୟାନ, ଉଦାନ ଆଦି ଦଶପ୍ରାଣ ଏବଂ ଆତ୍ମଶକ୍ତିରୁ ଅଧ୍ୟାତ୍ମ, ଅଧିଦୈବ ଓ ଅଧିଭୂତ । ସମସ୍ତ ଶକ୍ତିର ଅଧିକାରୀ ସେହି ବିରାଟ ପୁରୁଷଙ୍କ ପ୍ରଥମେ ମୁଖ ଯାହା ଦ୍ୱାରା ମନୁଷ୍ୟ କଥା କହିବା ଶିଖିବା ସହ ଲୋକପାଳ ଅଗ୍ନି ସେଥିରେ ପ୍ରବିଷ୍ଟ ହେଲେ । ତାପରେ ତାଲୁ ସେଥିରେ ବରୁଣ ରସନା ରୂପରେ ରହିବାରୁ ମନୁଷ୍ୟ ରସ ଗ୍ରହଣ କଲା । ନାସିକାରେ ଅଶ୍ୱିନୀକୁମାର ରହିବାରୁ ଜୀବ ଗନ୍ଧ ଗ୍ରହଣ କଲା । ଚକ୍ଷୁରେ ଆଦିତ୍ୟ ରହିବାରୁ ଜୀବ ଜ୍ଞାନ ଆହରଣ କଲା । ତ୍ୱକରେ ବାୟୁ ପ୍ରବିଷ୍ଟ ହେବାରୁ ଜୀବ ସ୍ପର୍ଶ ଅନୁଭବ କଲା । ଲିଙ୍ଗରେ ପ୍ରଜାପତି ବୀର୍ଯ୍ୟ ସହିତ ରହିବାରୁ ମନୁଷ୍ୟ ଆନନ୍ଦ ପ୍ରାପ୍ତ ହେଲା । ଗୁହ୍ୟଦ୍ୱାରରେ ଯମ, ହସ୍ତରେ ଇନ୍ଦ୍ର, ଚରଣରେ ବିଷ୍ଣୁ, ବୁଦ୍ଧିରେ ବ୍ରହ୍ମା, ହୃଦୟରେ ଚନ୍ଦ୍ର ଓ ଅହଂକାରରେ ରୁଦ୍ର ଅଧିଷ୍ଠିତ ହେଲେ । ସେହି ବିରାଟ ପୁରୁଷର ଶିରରୁ ସ୍ୱର୍ଗଲୋକ, ପାଦରୁ ପୃଥିବୀ ଓ ନାଭିରୁ ଆକାଶର ଉତ୍ପତ୍ତି । ସତ୍ୱ, ରଜ ଓ ତମ ଗୁଣ ଭେଦରେ ଦେବତା, ମନୁଷ୍ୟ ଓ ରୁଦ୍ରପାର୍ଷଦ, ଭୂତ ପ୍ରେତାଦି ସୃଷ୍ଟି ହୋଇ ସ୍ୱର୍ଗ ଓ ମର୍ତ୍ତ୍ୟ ଏହି ଦୁଇଲୋକ ମଝିରେ ବାସକଲେ । ବେଦ ଓ ବ୍ରାହ୍ମଣ ବିରାଟପୁରୁଷଙ୍କ ମୁଖରୁ, ଭୁଜରୁ କ୍ଷତ୍ରିୟ, ଜାନୁରୁ ବୈଶ୍ୟ ଏବଂ ପାଦରୁ ଶୂଦ୍ର ସମ୍ଭୁତ ହେଲେ ।

### ୭ମ ଅଧ୍ୟାୟ

### ।। ବିଦୁରଙ୍କ ଜିଜ୍ଞାସା ।।

ବିଦୁର ପୁନର୍ବାର ପ୍ରଶ୍ନକଲେ ହେ ବ୍ରହ୍ମନ ! ଭଗବାନ ନିର୍ଗୁଣ ଓ ନିର୍ବିକାର ହୋଇ ମଧ୍ୟ ଲୀଳା ନିମନ୍ତେ ଗୁଣ ସହିତ, କ୍ରିୟା ସହିୟ କିପରି ଯୁକ୍ତ ହେଉଛନ୍ତି । ସେ କାହିଁକି କ୍ରୀଡା ନିମନ୍ତେ ଅନ୍ୟକୁ ଲୋଡନ୍ତି ? କାହିଁକି ସୃଷ୍ଟି,ପାଳନ ଓ ସଂହାର କରନ୍ତି ? ବ୍ରହ୍ମସ୍ୱରୂପ ହୋଇ ମଧ୍ୟ ଅବିଦ୍ୟାଯୁକ୍ତ ହୁଅନ୍ତି କିପରି ପୁଣି ଜୀବ ଦେହରେ ଥାଇ ମଧ୍ୟ ସେ କିପରି କର୍ମ ଦ୍ୱାରା କ୍ଲେଶ ଭୋଗ କରେ । ମୈତ୍ରେୟ କହିଲେ, ବିଦୁର, ଜୀବ ବା ଜୀବରେ ସ୍ଥିତ ଆତ୍ମା ସ୍ୱଭାବତଃ ମୁକ୍ତ ହେଲେ ମଧ୍ୟ ତାହା କାହିଁକି ଯେ ବନ୍ଧନ ଓ ଦୀନତା ପ୍ରାପ୍ତ ହୁଏ ତାହା କହିବା ସମ୍ଭବ ନୁହେଁ ; ସେ ହିଁ ଭଗବାନଙ୍କ ମାୟା । ସ୍ୱପ୍ନରେ ମନୁଷ୍ୟ ଶିରଚ୍ଛେଦ ଦେଖି ଯେମିତି ତାହା ବାସ୍ତବ ମନେକରେ ମାତ୍ର ବାସ୍ତବ ନୁହେଁ ସେହିପରି ଆତ୍ମାରେ ଦେହାଭିମାନ ନଥିଲେ ମଧ୍ୟ ଜୀବର ଦେବାଭିମାନ ହେତୁ ସୁଖ, ଦୁଃଖାଦି ଅନୁଭୂତ ହୁଏ ଏବଂ ତାହା ସମ୍ପୂର୍ଣ୍ଣ ଦେହରେ ସୀମାବଦ୍ଧ ଥିଲେ ହେଁ ଆତ୍ମାରେ ମଧ୍ୟ ସତ୍ୟ ବୋଲି ବୋଧ ହୁଏ । ମାତ୍ର ପରମାତ୍ମାଙ୍କଠାରେ ଏହା ସମ୍ଭବ ନୁହେଁ । କେବଳ ନିଷ୍କାମ ଭକ୍ତି ଦ୍ୱାରା ହିଁ ଜୀବ ଦୁଃଖ, କ୍ଲେଶ ଦୂର କରିପାରେ । ତହୁଁ ବିଦୁର କହିଲେ, ସଂସାରରେ ଦୁଇ ପ୍ରକାର ଲୋକ ସୁଖୀ ବା ତରି ଯାନ୍ତି ଯଥା - ମୁଢ ବା ଅଜ୍ଞାନ । ସେମାନେ ଯୁକ୍ତିଶକ୍ତିହୀନ ଗଭୀର ବିଶ୍ୱାସୀ । ଦ୍ୱିତୀୟ ପ୍ରକାର ଲୋକ ଜ୍ଞାନ ଓ ବୁଦ୍ଧି ବଳରେ ଦୃଢ ଭାବରେ ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତି । ମାତ୍ର ମଧ୍ୟମ ଶ୍ରେଣୀ ସଂଶୟାପନ୍ନ ଲୋକେ ହିଁ ଦୁଃଖ ବା ଅଶାନ୍ତି ଭୋଗ କରନ୍ତି । ମୋର ସଂଶୟ ଦୂର ହୋଇଯାଇଥିବାରୁ ଦୟାକରି ସହସ୍ର ପାଦ, ସହସ୍ର ବାହୁ ବିରାଟ ପୁରୁଷଙ୍କଠାରୁ ସୃଷ୍ଟି କିପରି ପ୍ରସାରିତ ହେଲା କୁହନ୍ତୁ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ

**ସାହସ ଓ ଦୃଢ଼ ମନୋବଳ:** ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ । ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି । ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ । ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି । ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସୋମନେ ମନା କରିଦିଅନ୍ତି । ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ । ଯଦି ଅଫିସ୍ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ । ଦେଖିବେ ଅତି କମ୍ ସମୟରେ ଆପଣ ବସ୍ଙ୍କ ପ୍ରିୟପାତ୍ର ହୋଇପାରିବେ ।



**ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି:** ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା । ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା । ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ । କୌରସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି । ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି । ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ । ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ । ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ । ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ । ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ ।



**ନିଜକୁ କରନ୍ତୁ ପ୍ରମାଣିତ:** କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ । କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା । ମାତ୍ର ଏହା ଆଦୌ ଠିକ୍ ନୁହେଁ । ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି । ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ । ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି । ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି । ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ । ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ । ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ । ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ ।



# ଫଳ ପଚାଯାଏ କିପରି ?



ଫଳକୁ ପକ୍ୱ କରିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ୍ ଉପଯୋଗ କରାଯାଏ, ଯାହାକି ସାମାନ୍ୟ ଘାତକ । ଆମ୍ବ, କଦଳୀ ବିଭିନ୍ନ ପ୍ରକାରର ଫଳକୁ ପଚାଇବା ପାଇଁ ଏହାକୁ ଉପଯୋଗ ହୁଏ । କ୍ୟାଲସିୟମ କାର୍ବାଇଟର ଛୋଟ ପ୍ୟାକେଟକୁ (ଯାହାକି ଦୁଇ-ତିନି ଟଙ୍କାର ଦୋକାନରେ ଉପଲବ୍ଧ) ଫଳ ପେଡ଼ି ମଧ୍ୟରେ ରଖି ଘୋଡ଼ାଇ ଦିଆଯାଏ । ତା'ପରଦିନ ହିଁ ପ୍ରସ୍ତୁତ ହୋଇଯାଏ ପାଚିଲା ଫଳ । ବେପାରୀମାନେ କ୍ୟାଲସିୟମ କାର୍ବାଇଡ୍ ପ୍ୟାକେଟକୁ ଫଳ ମଧ୍ୟରେ ରଖି ତା' ଉପରେ ବରଫ ରଖନ୍ତି । ଫଳରେ ସେହି ପ୍ୟାକେଟ ଉପରେ ଜଳ ବିନ୍ଦୁ ବିନ୍ଦୁ ହୋଇ ପଡ଼େ । ଏପରି କଲେ ଫଳ ଜଲଦି ପାଚିଥାଏ କିନ୍ତୁ ଏହି ଫଳ ଶରୀର ପ୍ରତି କ୍ଷତିକାରକ । ଫଳକୁ ପଚାଇବା ପାଇଁ ସବୁଠାରୁ ସୁବିଧାଜନକ ଉପାୟ ହେଲା, ଏଥିଲିନ ଗ୍ୟାସ । ଏହା ପ୍ରାକୃତିକ ଯେଉଁଥିରେ ଫଳ ମଧ୍ୟ ତିଆରି ହୋଇଥାଏ । ପୃଥିବୀସାରା ଆମ୍ବକୁ ପକ୍ୱ କରିବା ପାଇଁ ଏହାକୁ ବ୍ୟବହାର କରନ୍ତି । ମାତ୍ର ଏଥିଲିନ ଗ୍ୟାସ କ୍ୟାଲସିୟମ କାର୍ବୟାଇଡ଼ ଅପେକ୍ଷା ମହଙ୍ଗା ପଡ଼େ । ଏହି ଗ୍ୟାସକୁ ବ୍ୟବହାର କରିବା ପାଇଁ ଭିନ୍ନ (ସ୍ପେଶାଲ୍) ସ୍ୱତନ୍ତ୍ର ଧରଣର କୋଠରି ନିର୍ମିତ କରି ନିର୍ଦ୍ଦିଷ୍ଟ ତାପମାତ୍ରା ସ୍ଥିର ରଖାଯାଏ ।

ଏଥିଲିନ୍ ଓ କାର୍ବାଇଡ୍ ଉଭୟେ ହାଇଡ୍ରୋକାର୍ବନ ଅଟନ୍ତି କିନ୍ତୁ କାର୍ବାଇଡ଼ ଫଳ ମଧ୍ୟରେ ଥିବା ପୋଷାକ ତତ୍ତ୍ୱ ସହ ମିଶି ଏସିଟିଲିନ୍ ଗ୍ୟାସ୍ ତିଆରି କରେ । ତାପରେ ପୁଣି ଏସିଟେଲ ଡିହାଇଡ୍ ପ୍ରସ୍ତୁତ ହୋଇଯାଏ । ଏହାହିଁ ରୋଗର କାରଣ ବନିଯାଏ । ତେଣୁ ଏହି ପ୍ରଣାଳୀରେ ପଚାଯାଇଥିବା ଫଳ ଖାଇଲେ ଶରୀର ପ୍ରତି କ୍ଷତିକାରକ ଏବଂ ଶରୀରର ମାରାତ୍ମକ ରୋଗ ସୃଷ୍ଟିକରେ । ଆଜିକାଲି କ୍ୟାଲସିୟମ କାର୍ବାଇଡ଼କୁ ପାଣିରେ ମିଶାଇ ଇଞ୍ଜେକ୍ସିନ ସିରିଞ୍ଜ ସାହାଯ୍ୟରେ ଫଳ ଦେହରେ ପୁରାଇ ଫଳକୁ ପଚାଯାଉଥିବା ଅନେକ ଦୃଷ୍ଟାନ୍ତ ଅଛି । ଏହା ଆହୁରି ମାରାତ୍ମକ ।

# ମସ୍ତିଷ୍କ ବିକାଶର ନୂଆ ଉତ୍ସ



ବୈଜ୍ଞାନିକମାନେ ମସ୍ତୀଷ୍କ ବିକାଶର ଏକ ଉତ୍ସ ଆବିଷ୍କାର କରିଛନ୍ତି । ସ୍ନାର୍ୟବିକ ପ୍ରଣାଳୀ ନିର୍ମାଣରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେସାମନେ କହିଛନ୍ତି । ବୈଜ୍ଞାନିକମାନେ ଅଣ ସ୍ନାୟବିକ କୋଷଗଉଡ଼ିକର ସଂକଳନ 'ଗ୍ଲିୟା' ଚିହ୍ନଟ କରିଛନ୍ତି, ଯାହା ଦୀର୍ଘ ସମୟରୁ ପରୋକ୍ଷ କାର୍ଯ୍ୟରତ କୋଷିକା ଭାବେ ପରିଚିତ ଥିଲା । ପ୍ରକୃତରେ ଏହି ଗ୍ଲିୟା ମସ୍ତିଷ୍କରେ ସ୍ନାୟୁକୋଷ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରେ । ମସ୍ତିଷ୍କ ବିକାଶରେ ଗ୍ଲିଆ ଭଳି ଅଣ ସ୍ନାର୍ୟବିକ କୋଷଗଉଡ଼ିକର ଅବଦାନକୁ ତର୍ଜମା କରିବାପାଇଁ ଅଧ୍ୟୟନର ଫଳାଫଳ ନୂଆ ଦିଗ ବୋଲି ଗବେଷଣାର ମୁଖ୍ୟ ଲେଖକ ଆମେରିକାର ନ୍ୟୁୟର୍କ ୟୁନିଭର୍ସିଟିରେ ଭିଲାଇଓ୍ୱାନ ଫର୍ଣ୍ଣାଡେସ୍ କହିଛନ୍ତି । ମସ୍ତିଷ୍କ ବିକାଶଷରେ ଗ୍ଲିୟାର ଅବଦାନକୁ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଅଣଦେଖା କରି ଆସଉଥିଲେ । କିନ୍ତୁ ଗ୍ଲିୟାକୁ ବାଦଦେଲେ ମସ୍ତିଷ୍କ ବିକାଶରେ ସମୟ, ପରିଚୟ ଓ ସ୍ନାୟୁକୋଷ ଜନ୍ମର ସମନ୍ୱୟ ସମବନ୍ଧରେ ବୁଝିବା ଅସ୍ମବ ବୋଲି ଫର୍ଣ୍ଣାସେ କହିଛନ୍ତି । ସ୍ନାୟୁ କୋଷ କିମ୍ବା ନ୍ୟୁରେନ୍ସ ଓ ଗ୍ଲିୟା, ଏହି ଦୁଇଟି ବ୍ୟାପକ କୋଷିକା ପ୍ରକାରରେ ମସ୍ତିଷ୍କ ଗଠିତ ହୋଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୌସୁମୀ ମହତ୍ତ୍ୱ...

ସମଗ୍ର ଦେଶ ବର୍ତ୍ତମାନ ଦୁଇଗୋଟି ଜିନିଷକୁ ଆଶାୟୀ ନୟନରେ ଚାହିଁ ବସିଛି- ଗୋଟିଏ ହେଉଛି, ଲୋକସଭା ଏବଂ ଯେଉଁସବୁ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି, ସେସବୁର ଫଳାଫଳ ଏବଂ ଅନ୍ୟଟି ହେଉଛି, ମହାନ ଭାରତୀୟ ମୌସୁମୀ । ନିର୍ବାଚନଗୁଡ଼ିକର ଫଳାଫଳର ଗଣତିତ ପୂର୍ବରୁ ଧାର୍ଯ୍ୟ ତାରିଖ ଅନୁସାରେ ଜୁନ୍ ୪ରେ ହେବ । ତେବେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦ୍ୱାରା କରାଯାଇଥିବା ପୂର୍ବାନୁମାନ ଅନୁସାରେ ମୌସୁମୀ ଯଦି ମେ' ୩୧ ବା ଜୁନ୍ ୧ ତାରିଖରେ କେରଳରେ ପହଞ୍ଚେ, ତା'ହେଲେ ନିର୍ବାଚନ ଫଳ ବାହାରିବା ଦିନ ଏହା ଲୋକମାନଙ୍କ ମନର ଆନନ୍ଦକୁ ଦ୍ୱିଗୁଣିତ କରିବ ଅବଶ୍ୟ । ଦିଲ୍ଲୀ ଦରବାରରେ ଯିଏ ବି ଶାସନ ଗାଦିରେ ବସନ୍ତୁ ନା କାହିଁକି, ଆଇଏମ୍‌ଡିର ଭବିଷ୍ୟବାଣୀ ଅନୁସାରେ ମୌସୁମୀ ବର୍ଷା ୧୦୦ ପ୍ରତିଶତ ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ)ର ୮୭ ସେଣ୍ଟିମିଟର ବା ସାରା ଦେଶରେ ସ୍ୱାଭାବିକ ବୃଷ୍ଟିପାତ ହେଲେ ଏହା ଏକ ଆନନ୍ଦଦାୟକ ଘଟଣା ଭାବରେ ସମସ୍ତେ ଗ୍ରହଣ କରିବେ, ବିଶେଷକରି ସେହି ବର୍ଷରେ, ଯେଉଁ ବର୍ଷ କେବଳ ଦେଶର ପୂର୍ବ ଭାଗ, ଯାହା ଋତୁର ପ୍ରଥମ ବାତ୍ୟା 'ରେମାଲ'କୁ ପରିଲକ୍ଷିତ କରିଛି ଏବଂ ଦକ୍ଷିଣର କିଛି ଅଂଶ, ଯେଉଁଠି ସବୁ ପ୍ରାକ୍-ମୌସୁମୀ ବର୍ଷା ହୋଇ ସାରିଛି, ସେସବୁ ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ସବୁ ଭାଗ ତହ ତହ ଉତ୍ତାପ ଲହରୀକୁ ସାମ୍ନା କରୁଛି । ଆଇଏମ୍‌ଡିର ଦ୍ୱିତୀୟ ଦୀର୍ଘକାଳୀନ ଭବିଷ୍ୟବାଣୀ ଅନୁସାରେ ଦେଶର ଅଧିକାଂଶ ଭାଗରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁଜନିତ ବର୍ଷା ପ୍ରଚୁର ପରିମାଣରେ ହେବ, ନିର୍ଦ୍ଦିଷ୍ଟ ଭାବରେ ସେହିସବୁ ଅଞ୍ଚଳରେ, ଯେଉଁଠି କୃଷି କାର୍ଯ୍ୟ ପାଇଁ ବୃଷ୍ଟିପାତ ଉପରେ ନିର୍ଭର କରୁଥିବା ଜମିଗୁଡ଼ିକ ରହିଛି, ଯଦିଓ ଦେଶର ଉତ୍ତର ପୂର୍ବ ଭାଗ ନିମନ୍ତେ ମୌସୁମୀ ସମ୍ପର୍କିତ ସମ୍ବାଦ ସେତେ ଉତ୍ସାହଜନକ ନୁହେଁ । ସାମ୍ପ୍ରତିକ ସମୟରେ ବିଶ୍ୱ ତାପନ ଯୋଗୁଁ ସୃଷ୍ଟି ହୋଇଥିବା ଜଳବାୟୁ ପରିବର୍ତ୍ତନ ଫଳରେ ଦେଶର କେତେକ ଭାଗରେ ମୌସୁମୀର ଅନିୟମିତ ବ୍ୟବହାରକୁ ଅଣଦେଖା କରାଯାଇ ପାରିବ ନାହିଁ। ଏଭଳି ପରିସ୍ଥିତିରେ ଆଇଏମ୍‌ଡିର ଭବିଷ୍ୟବାଣୀ ଯେଉଁଠି ଆଶାବାଦୀ ହେବା ନିମନ୍ତେ ଟିକେ ସୁଯୋଗ ପ୍ରଦାନ କରୁଛି, ତାହା ହେଉଛି- ମୌସୁମୀର କେନ୍ଦ୍ରୀୟ ଅଞ୍ଚଳରେ 'ସ୍ୱାଭାବିକଠାରୁ ଅଧିକ' ପରିମାଣର ବର୍ଷା ହେବା, ଯାହା ନଦୀ-ପ୍ଲାବିତ ଜଳସେଚନ ପାଇଁ ନିରନ୍ତର ଜଳ ଉତ୍ସ ଭାବରେ ପରିଗଣିତ ହେବାର ସୌଭାଗ୍ୟରୁ ବଞ୍ଚିତ । ଏକଥା ମଧ ବର୍ତ୍ତମାନ କୁହାଯାଉଛି ଯେ ଏଲ୍ ନିନୋ ଅବସ୍ଥାଗୁଡ଼ିକ ଦୁର୍ବଳ ହୋଇ ତାହା ଜୁନ୍-ଜୁଲାଇ ସୁଦ୍ଧା ଇଏନ୍‌ଏସ୍‌ଓ (ଏନ୍‌ସୋ)-ନ୍ୟୁଟ୍ରାଲ ଅବସ୍ଥା ସୃଷ୍ଟି ହେବା ଦିଗରେ ପଥ କଢ଼ାଇ ନେବ, ଆଉ ତା' ପରେ ଲା ନିନା ପ୍ରଭାବ ବୃଦ୍ଧି ପାଇବ, ଯାହାର ପରିଣତିରେ ମୌସୁମୀର ଦ୍ୱିତୀୟ ଭାଗ ଅର୍ଥାତ୍ ଅଗଷ୍ଟ–ସେପ୍ଟେମ୍ବରରେ ମୌସୁମୀର ପ୍ରବାହ ପ୍ରଥମ ଭାଗ ଅପେକ୍ଷା ଅଧିକ ଭଲ ରହିବ। ବିଶ୍ୱର ବୃହତ୍ତମ ଅର୍ଥନୀତିମାନଙ୍କ ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି ଭାବରେ ସ୍ପର୍ଦ୍ଧା ପ୍ରକାଶ କରୁଥିବା ତଥା ଯାହାର ମୋଟ ଘରୋଇ ଉତ୍ପାଦ (ଜିଡିପି) ହାରାହାରି ସାତ ପ୍ରତିଶତ ହାରରେ ବୃଦ୍ଧି ପାଇବା ଆଶା କରାଯାଉଛି, ସେହି ଦେଶ ଭାରତ ପାଇଁ ସ୍ୱାଭାବିକଠାରୁ ଅଧିକ ପରିମାଣରେ ବର୍ଷା ଏକ ସୁଖଦ ସ୍ଥିତି ଉତ୍ପନ୍ନ କରିବା ଆଶା କରାଯାଏ। ଏଇ କିଛି ଦିନ ପୂର୍ବେ ସାମାନ୍ୟ ବର୍ଷା ହେବା ପର୍ଯ୍ୟନ୍ତ ଦେଶର ବୃହତ୍ ସହର ବେଙ୍ଗାଲୁରୁ ଉତ୍କଟ ଜଳଭାବଜନିତ ସମସ୍ୟାକୁ ସାମ୍ନା କରିବାକୁ ଯାଉଥିବା ବେଳେ ସେଥିରୁ ଯଦିଓ କିଛିଟା ରକ୍ଷା ପାଇ ଯାଇଛି, ତେବେ ଚେନ୍ନାଇ ଭଳି ସହରଗୁଡ଼ିକ ଜଳାଭାବର ଶିକାର ହେଉଥିବା ଅନୁଭବ କଲେଣି କାରଣ ଜଳ ଭଣ୍ଡାରରେ ଗଚ୍ଛିତ ଜଳର ପରିମାଣ ସଂକୁଚିତ ହୋଇ ଆସିଲାଣି । ତେଣୁ ଏକ ସରକାରୀ ସଂସ୍ଥା ଭାବରେ ଆଇଏମ୍‌ଡି ଯେତେବେଳେ ମୌସୁମୀ ବର୍ଷା ସ୍ୱାଭାବିକ ହେବା ବା ତା'ଠାରୁ ଅଧିକ ହେବାର ଭବିଷ୍ୟବାଣୀ କରିଥାଏ, ସେତେବେଳେ ସାଧାରଣତଃ ସମସ୍ତଙ୍କ ମନରେ ଆନନ୍ଦ ଖେଳି ଯାଇଥାଏ। ପୁନଶ୍ଚ, ଚଳିତ ବର୍ଷ ଭବିଷ୍ୟବାଣୀ କରୁଥିବା ଆଉ କେତେକ ଘରୋଇ ସଂସ୍ଥା ମଧ୍ୟ ବୃଷ୍ଟିପାତର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରି ସୋସିଆଲ ମିଡିଆମାନଙ୍କରେ ଛାଡୁଛନ୍ତି, ଯେଉଁଗୁଡ଼ିକ ସମସ୍ତଙ୍କୁ ଆଶାବାଦୀ କରୁଛି ଓ କହିବା ବାହୁଲ୍ୟ, ସରକାରୀ ସଂସ୍ଥା ବାଦ୍ ଏମାନେ ମଧ୍ୟ ଜନଜୀବନ ଉପରେ ଢେର୍ ପ୍ରଭାବ ପକାଇଥାନ୍ତି। ଗତ ବର୍ଷ ଏହିସବୁ ପୂର୍ବାନୁମାନକାରୀ ସଂସ୍ଥା ଆଇଏମ୍ ଅପେକ୍ଷା ଅଧିକ ସଂକୁଚିତ ହୋଇ ସ୍ୱାଭାବିକଠାରୁ ସ୍ୱଳ୍ପ ବୃଷ୍ଟିପାତ ହେବାର ସମ୍ଭାବନା ପ୍ରକାଶ କରିଥିଲେ ଯାହା ଆପାତତଃ ସତ୍ୟ ହୋଇଥିଲା । ସେ ଯାହାହେଉ, ଭାରତର ନିର୍ବାଚନ ଫଳାଫଳ ହୁଏତ ସମସ୍ତଙ୍କ ପାଇଁ ସୁଖଦ ହୋଇ ନପାରେ, କିନ୍ତୁ ଏକ ଉତ୍ତମ ମୌସୁମୀ ସମ୍ପର୍କିତ ସମାଚାର ଅବଶ୍ୟ ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳାଇ ଦେବ । ।

# ଅସହ୍ୟ ତାତିରେ ହାଣ୍ଡିଆର ଚାହିଦା



## ଦଶରଥ ହେମ୍ବ୍ରମ୍

ରାଜ୍ୟରେ ଭୟଙ୍କର ତାତିକୁ ବହୁଛି ଝାଞ୍ଜି ପବନ, ପୁଣି ତା'ସହ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ସ୍ଥିତି। କେବଳ ଦିନରେ ନୁହେଁ ରାତିରେ ମଧ ଗରମ ଗୁଳୁଗୁଳି। ଗତ ମାର୍ଚ୍ଚରୁ ଚଳିତ ଜୁନ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରକୋପ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆକଳନ କରାଯାଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ବଢ଼ିବା ସହ ସ୍ୱାଭାବିକଠାରୁ ତାପମାତ୍ରା ଉପରେ ରହିବ, ମାତ୍ର ପଶ୍ଚିମା ଝଡ଼ ଜନିତ ବର୍ଷା ଯୋଗୁଁ ସାମାନ୍ୟ ଆଶ୍ୱସ୍ତ ମିଳିବ, ଯାହା ପାଣିପାଗ ବିଭାଗ କହିଛି। ତେବେ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ଅନ୍ୟଜିଲ୍ଲା ତୁଳନାରେ ଅଧିକା ରହିବ।

ଗତବର୍ଷ ଅପେକ୍ଷା ଏବର୍ଷରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ ବୋଲି ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। କିନ୍ତୁ ୨୦୨୩ରେ ସୃଷ୍ଟି ହୋଇଥିବା ଏଲ୍-ନିନୋ ସକ୍ରିୟ ରହିବାରୁ ଏବର୍ଷ ମଧ ଗ୍ରୀଷ୍ମ ପ୍ରକୋପ ଅଧିକ ରହିବ ବୋଲି ପୂର୍ବ ତଥ୍ୟ ଅନୁଯାୟୀ ଜଣାପଡ଼ିଛି। ଯେମିତିକି, ୨୦୧୫ ବର୍ଷର ଏଲ୍-ନିନୋର ପ୍ରଭାବ ୨୦୧୬ରେ ଅଧିକ ପଡ଼ିବା ସହ ସେହିବର୍ଷ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ତେଣୁ ଏବର୍ଷ ଏଲ୍-ନିନୋ ପ୍ରଭାବ ଯୋଗୁଁ 'ପ୍ରବଳ ଗରମ ବର୍ଷ' ହେବାକୁ ଆକଳନ କରାଯାଉଛି। ଅତଏବ, ମୁଣ୍ଡଫଟା ଖରାସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଯାଉଛି ଜନଜୀବନ। ସକାଳୁ ରାତିଯାଏଁ କେତେବେଳେ ବି ଗରମରୁ ନିସ୍ତାର ନାହିଁ। ପ୍ରତ୍ୟେକ ଦିନ ରାଜ୍ୟରେ ୪୦ ଡିଗ୍ରୀରୁ ୪୭ ଡିଗ୍ରୀ ମଧ୍ୟରେ ତାପମାତ୍ରା ସକ୍ରିୟ ରହୁଛି। ଏସବୁ ଦୃଷ୍ଟିରେ ରଖି, ଶ୍ରମିକମାନେ ଅସହ୍ୟ ଖରାରେ କାମ କରିବେନି ବୋଲି ଶ୍ରମ ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ସକାଳ ଅଫିସ କରିବା ପାଇଁ ନିର୍ଦ୍ଦେଶ ଜାରି କାରାଯାଇଛି। ଏହାବ୍ୟତୀତ ଜନସାଧାରଣଙ୍କୁ ମଧ ଅସହ୍ୟ ତାତିରୁ ରକ୍ଷା କରିବା ଲାଗି ଘରୁ ନ ବାହାରିବାର ଅନୁରୋଧ କରାଯାଇଛି। କାରଣ, ଏପ୍ରିଲ ମାସରୁ ଖରା ବୃଦ୍ଧି ହେବାରୁ ଅଂଶୁଘାତ ଜନିତ ମୃତ୍ୟୁ ବଢ଼ିଥାଏ। ଏଣୁ ସଂପୂର୍ଣ୍ଣ ଖରାରେ କାର୍ଯ୍ୟରତ ଶ୍ରମିକମାନେ କାମ ନକରିବା ପାଇଁ ସତର୍କ କରାଯାଏ। ସୂଚନାଯୋଗ୍ୟ, ୨୦୧୬ରେ ଅଂଶୁଘାତରେ ୫୪ ଜଣ, ୨୦୧୭ରେ ୪୫ ଜଣ, ୨୦୧୮ରେ ୬୦ ଜଣ, ୨୦୧୯ରେ ୫୦ ଜଣ, ୨୦୨୦ରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା କିନ୍ତୁ ଏବର୍ଷ ଏପ୍ରିଲ ସୁଦ୍ଧା ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଦୁଇଜଣ ବୋଲି ତଥ୍ୟରୁ ଜଣାପଡିଛି। ଏସବୁରୁ ନିସ୍ତାର ପାଇବା ପାଇଁ ଲୋକମାନେ ଅନେକ ପ୍ରକାର ଉପାୟ ଖୋଜିଥାନ୍ତି। ଯେମିତିକି, ଖରାରେ ଶୋଷ ମେଣ୍ଟାଇବା ପାଇଁ ଲୋକେ ବିଭିନ୍ନ ମୃଦୁ ପାନୀୟ, ପଣା, ଲସି ଆଦି ପିଉଛନ୍ତି। ସେହିପରି ପଇଡ଼ପାଣି, ବରଫ ସୋଡ଼ା, ଲେମ୍ବୁ ସରବତ, ତରଭୁଜ ଓ ଦହିଲସି ଆଦି ସହିତ ବିଭିନ୍ନ ନାମିଦାମୀ କମ୍ପାନୀ ପକ୍ଷରୁ ମୃଦୁପାନୀୟ ବିକ୍ରୟ କରାଯାଉଛି। ସ୍ୱାସ୍ଥ୍ୟପ୍ରତି ସଚେତନ ଥିବା ଲୋକମାନେ ପ୍ରାକୃତିକ ଉପାୟରେ ମୃଦୁପାନୀୟକୁ ଅଧିକ ପସନ୍ଦ କରିଥାନ୍ତି। କିନ୍ତୁ ଆଦିବାସୀ ବହୁଳ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ବର୍ଗର ଲୋକମାନେ ଖରାବେଳେ ହାଣ୍ଡିଆକୁ ଅଧିକ ପସନ୍ଦ କରିଥାନ୍ତି। ତେଣୁ ବର୍ଷକରେ ଗ୍ରୀଷ୍ମ ଋତୁରେ ହାଣ୍ଡିଆର ଚାହିଦା ମାତ୍ରାଧିକ ବୃଦ୍ଧି ପାଇଥାଏ।

ଆଦିବାସୀ ଲୋକମାନେ ନିଜକୁ ମଜବୁତ ଆଉ ରୋଗଠାରୁ ଦୂରେଇ ରହିବା ପାଇଁ ହାଣ୍ଡିଆ ନାମକ ଏକ ମାଦକ ପାନୀୟ ଗ୍ରହଣ କରିଥାନ୍ତି। ଏହା ଆଦିବାସୀ ଅଞ୍ଚଳରେ ଖୁବ ଲୋକପ୍ରିୟ ହୋଇଥାଏ। ସାଧାରଣରେ ଏହାର ସ୍ୱାଦ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ଯାହାବି ହେଉ, ହାଣ୍ଡିଆ ଆଦିବାସୀଙ୍କର ଏକ ଖାଦ୍ୟ ମଧ କହିଲେ ଅତ୍ୟୁକ୍ତି ହେବନାହିଁ। ହାଣ୍ଡିଆ ମୁଖ୍ୟତଃ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଆଦିବାସୀ ଜନଜାତି ବ୍ୟବହାର କରୁଥିବା ଦେଖିବାକୁ ମିଳେ। ହାଣ୍ଡିଆ ପ୍ରସ୍ତୁତ କରିବାକୁ ହେଲେ, ପ୍ରଥମେ ଚାଉଳକୁ ଅଳ୍ପ ପାଣି ଦେଇ ରନ୍ଧାଯାଏ, ଯେପରି ଭାତ ହେଲାପରେ ପେଜ ନିଗାଡ଼ିବାକୁ ନ'ପଡ଼େ। ଭାତ ହେବା ପରେ ଏହାକୁ ପ୍ଲାଷ୍ଟିକ ଚଟେଇ କିମ୍ବା ହାତ ତିଆରି ଖଜୁରି ଚଟି (ପଟିଆ) ଉପରେ ରଖି ଶୁଖିବାକୁ ଛାଡ଼ି ଦିଆଯାଏ। ଏହାର କିଛି ସମୟ ପରେ ବାଖର (ସାନ୍ତାଳୀ ଭାଷାରେ ରାନୁ) ଗୁଣ୍ଡ କରି ଭାତ ସହିତ ମିଶାଇ ଦିଆଯାଏ। ତା'ପରେ ବଡ଼ ମାଟିହାଣ୍ଡିରେ ରଖି ଶାଳପତ୍ରଦ୍ୱାରା ହାଣ୍ଡିର ମୁହଁକୁ ବନ୍ଦ କରିଦିଆଯାଏ। ଏହିପରି ଭାବେ କିଣ୍ୱନ ହେବାକୁ ୩-୪ ଦିନ ପର୍ଯ୍ୟନ୍ତ ଛାଡ଼ି ଦିଆଯାଏ। ଶେଷରେ କିଣ୍ୱନ ହୋଇଥିବା ଭାତରୁ ପାଣିକୁ ନିଗାଡ଼ି ଅଲଗା କରିଦେବା ପରେ ତା'କୁ ଏକ ଜାଲି (ଚାଲା) ଉପରେ ଘସା ହୁଏ। ସେଇ ମଣ୍ଡରେ ପାଣି ମିଶାଇ ହାଣ୍ଡିଆ ପ୍ରସ୍ତୁତ କରାଯାଏ। ଏହା ମୁଖ୍ୟତଃ ପେଟକୁ ଥଣ୍ଡା ରଖେ ବୋଲି ହାଣ୍ଡିଆ ପିଉଥିବା ଲୋକେ କୁହନ୍ତି। ଏହା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରିଥାଏ। ହାଣ୍ଡିଆ ନେଇ ମାଇକ୍ରୋବାୟୋଲୋଜି ଆଣ୍ଡ ଟେକ୍ନୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଚାଉଳ ମଦ କିମ୍ବା ହାଣ୍ଡିଆରୁ କର୍କଟ ରୋଗକୁ ରୋକିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଶରୀର ପାଇଁ କ୍ଷତିକାରକ ଜୀବାଣୁ ସହିତ ଲଢ଼େ ଏବଂ ହଜମ ପ୍ରକ୍ରିୟାକୁ ମଧ ସୁସ୍ଥ ରଖେ। କିନ୍ତୁ ଏହାକୁ ଅତ୍ୟଧିକ ପରିମାଣରେ ସେବନ କରିଲେ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଏବଂ ମୃତ୍ୟୁର କାରଣ ହୋଇପାରେ।

ଓଡିଶାରେ ୬୨ ପ୍ରକାର ଜନଜାତି ବାସ କରନ୍ତି। ଅଧିକରୁ ଅଧିକ ଜନଜାତିର ଲୋକମାନେ ନିମ୍ନ ଗରିବ ଶ୍ରେଣୀରେ ଅନ୍ତର୍ଭୁକ୍ତ। ସେମାନଙ୍କର ପାରମ୍ପରିକ ପ୍ରଥା, ସଂସ୍କୃତି, ଭାଷା ଏବଂ ଇତିହାସ ସଂପୂର୍ଣ୍ଣ ପୃଥକ। କିନ୍ତୁ ସାମାଜିକ କାର୍ଯ୍ୟରେ ହାଣ୍ଡିଆ କିମ୍ବା ମାଦକ ଦ୍ରବ୍ୟ ନହେଲେ କୌଣସି କାର୍ଯ୍ୟ ସଂପୂର୍ଣ୍ଣ ହୁଏ ନାହିଁ, ଯାହା ପୂର୍ବପୁରୁଷମାନେ କହିଛନ୍ତି। ସାମାଜିକ ବ୍ୟବସ୍ଥା ଅନୁଯାୟୀ ଏହା ବ୍ୟବହାର କରିବା ପାଇଁ ସମାଜ ଅନୁମତି ପ୍ରଦାନ କରିଥିଲା କିନ୍ତୁ ହାଣ୍ଡିଆ କିମ୍ବା ମଦ ବିକ୍ରି କରିବା ସଂପୂର୍ଣ୍ଣ ନିଷେଧ ଥିଲା। ବର୍ତ୍ତମାନ ସମୟରେ ତାହା ମାତ୍ରାଧିକ ଦେଖିବାକୁ ମିଳୁଛି। ସମୟ ଥିଲା ଗ୍ରାମରେ ବୟୋଜ୍ୟେଷ୍ଠ ଲୋକମାନେ ଯାନିଯାତ୍ରା କିମ୍ବା ବିଭିନ୍ନ ପର୍ବପର୍ବାଣିରେ ହାଣ୍ଡିଆ ପିଉଥିଲେ କିନ୍ତୁ ହାଟରେ, ବାଟରେ ହାଣ୍ଡିଆ ବିକ୍ରି ହେଉ ନଥିଲା। ଚାଷ କାମ ହେଉ କିମ୍ବା ପ୍ରଥା ଓ ପରମ୍ପରା ଅନୁସାରେ ଆବଶ୍ୟକତା ମୁତାବକ ହାଣ୍ଡିଆ ପ୍ରସ୍ତୁତ କରାଯାଉଥିଲା। ଅନାବଶ୍ୟକ ଲୋକଙ୍କ ଗହଳି ନଥିଲା କିମ୍ବା ଘଣ୍ଟା ଘଣ୍ଟା ଧରି ହାଣ୍ଡିଆ ବେଲା ଧରି ଗପିବା ପାଇଁ କାହାରି ପାଖରେ ସମୟ ମଧ ନଥିଲା। ଗ୍ରାମାଞ୍ଚଳରେ କୌଣସି ମେଳା, ଯାତ୍ରା, ଫୁଟବଲ ପ୍ରତିଯୋଗିତା କରାଯାଉ ନଥିଲା। ସେହି ସମୟରେ ଲୋକମାନଙ୍କ ଅର୍ଥନୀତି କ୍ଷେତ୍ରରେ ଯଥେଷ୍ଟ ଜ୍ଞାନ ଥିଲା। କିନ୍ତୁ ବର୍ତ୍ତମାନ ସମୟରେ ତାହା ଓଲଟା ଦେଖାଯାଉଛି। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ହାଣ୍ଡିଆ ପିଇବା ଏକ ପ୍ରକାର ଅଭ୍ୟାସରେ ପରିଣତ ହେଇଯାଇଛି। ତେଣୁ ଗାଁ ଗହଳିରେ ଦିନକୁ ଦିନ ହାଣ୍ଡିଆର ଚାହିଦା ବଢ଼ିବାରେ ଲାଗିଛି। ଏମିତିକି ୧୦୦% ରୁ ୩୦% ହାଣ୍ଡିଆ ଭାଟି ପ୍ରତି ଗାଁରେ ରହିଛି କହିଲେ ଭୁଲ ହେବନାହିଁ। ସେମାନେ ଏହା ବ୍ୟବସାୟ ଭାବରେ ଗ୍ରହଣ କରିନେଲେଣି। ହାଣ୍ଡିଆ ବିକ୍ରୟ ନେଇ ଅନେକ ବିତର୍କ ମଧ ଚାଲିଥିଲା। ସାମାଜିକ ପ୍ରଥା ପାଇଁ ହାଣ୍ଡିଆର ବ୍ୟବହାର କିନ୍ତୁ ବ୍ୟବସାୟ ନୁହଁ ବୋଲି ଅନେକ ଆଦିବାସୀ ବୁଦ୍ଧିଜୀବୀ ହାଣ୍ଡିଆ ସପକ୍ଷରେ ଲଢ଼ନ୍ତି। ପିଲଟୁ ହାଲାମ ଏବଂ ପିଲଚୁ ବୁଢ଼ୀ ପାଖରୁ ହାଣ୍ଡିଆ ପ୍ରଥା ପ୍ରଚଳିତ ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି। ତେଣୁ ସେମାନେ କୁହନ୍ତି, ଯେତେବେଳେ ହାଣ୍ଡିଆର ବ୍ୟବହାର, ସେତେବେଳେ ହିଁ ଆବଶ୍ୟକ କିନ୍ତୁ ଅନାବଶ୍ୟକ ନୁହଁ। ଘରର ଇଷ୍ଟ ଦେବତାଙ୍କ ପାଖରେ ହାଣ୍ଡିଆ ଅର୍ପଣ କରିଲେ ଶତ୍ରୁ, ରୋଗ, ଭୂତ, ପ୍ରେତ କବଳରୁ ରକ୍ଷା ମିଳେ ବୋଲି ବିଶ୍ୱାସ କରାଯାଏ। ସେଥିପାଇଁ ହାଣ୍ଡିଆକୁ ସାମାଜିକ ପ୍ରଥା ଅନୁସାରେ 'ଭୋଗ' ବୋଲି ଗ୍ରହଣ କରାଯାଏ। କିନ୍ତୁ ବର୍ତ୍ତମାନ ସମୟରେ ହାଣ୍ଡିଆକୁ ହାଟରେ ବିକ୍ରି କରାଯାଇ ଆଦିବାସୀ ସମାଜକୁ କଳୁଷିତ କରାଯାଉଛି ବୋଲି ଆଦିବାସୀ ସମାଜ ଦାବି କରୁଛି। ତେବେ ସବୁଠାରୁ ଦୁଃଖର କଥା ହେଲା, ପଢ଼ିବା ସମୟରେ ଅନେକ ପିଲା ହାଣ୍ଡିଆ ନିଶାରେ କବଳିତ ହୋଇ ଅଧାରୁ ପାଠ ପଢ଼ିବା ଛାଡ଼ି ଦେଉଛନ୍ତି। ଯାହାଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହେଇଯାଉଛି। ହାଣ୍ଡିଆ ନିଶାରେ କବଳିତ ହୋଇ ଅନେକ ସଂସାର ଉଜାଡ଼ି ଯାଉଛି, ଗରିବୀ ଆଡ଼କୁ ଟାଣି ହୋଇଯାଉଛି। ଏ ବାବଦରେ ସଚେତନତା କାହାରି ପାଖରେ ନାହିଁ ବୋଲି ବାରୟାର ଏଭଳି ସମସ୍ୟାରେ ସେମାନେ ସମ୍ମୁଖୀନ ହେଉଛନ୍ତି। ହାଣ୍ଡିଆ ନେଇକି ବାଦ-ବିବାଦ ସାମାଜିକ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ମଧ କରାଯାଉଛି। କିନ୍ତୁ ଏ ନେଇ ସଚେତନ କରିବ କିଏ? ଏମିତି ଆଲୋଚନା ହାଣ୍ଡିଆ ନେଇ କରିଲେ ଅନେକ କିଛି ରହସ୍ୟ ବାହାରିବ। ଯାହାବି ହେଉ, ହାଣ୍ଡିଆର ଚାହିଦା ବର୍ଷକରୁ ଗ୍ରୀଷ୍ମ ଋତୁରେ ମାତ୍ରାଧିକ ରହିଥାଏ। କାରଣ, ଗରମ ଏବଂ ଗୁଳୁଗୁଳିରେ ଶୋଷ ମେଣ୍ଟାଇବା, ପେଟ ଥଣ୍ଡା କରିବା କିମ୍ବା ଆଂଶୁଘାତରୁ ରକ୍ଷା ପାଇବା ପାଇଁ ହାଣ୍ଡିଆର ଅତ୍ୟଧିକ ଚାହିଦା ବଢ଼ିଥାଏ।

ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର
ଖଣ୍ଡ, ବାଲେଶ୍ୱର
ମୋ-୯୩୩୭୪୦୪୨୫୪

# ପ୍ରେମ କଣ ଏତେ ଅନ୍ଧ



## ଦିପ୍ତିମୟୀ ନାୟକ

କୁହାଯାଏ ପ୍ରେମର ବାଡ଼ ବତାସ ନଥାଏ ଯେତେବେଳେ ପ୍ରେମ ହୁଏ ହଠାତ ଅନ୍ଧଭଳି ଲାଗେ । ଆଖି ବୁଜି ଜଣେ ଜଣକୁ ବିଶ୍ୱାସ କରିହୋଇଯାଏ । ବେଳେବେଳେ ମନକୁ ଅନେକ ପ୍ରଶ୍ନ ଆସେ ଏହା କଣ ସତରେ ସତ ନା ଏହା ଏକ କଳ୍ପନାର କଥା । ଯଦି କଳ୍ପନା ନୁହେଁ ତେବେ କାହିଁକି ଏ ମଣିଷ ଆଖି ବୁଜି ଅନ୍ୟ ଜଣଙ୍କୁ ଅନ୍ଧଭଳି ବିଶ୍ୱାସ କରେ । ପ୍ରେମ କଣ ସତରେ ଏତେ ଅନ୍ଧ । ପ୍ରେମ ଯଦି ଅନ୍ଧ ତେବେ ଏ ପ୍ରେମ ସେହି ଅନ୍ଧାର ଦୁନିଆକୁ ଖୋଜେ କାହିଁକି । ହୁଏତ ପ୍ରେମ ଅନ୍ଧ ହୋଇପାରେ କିନ୍ତୁ ମଣିଷ ତ ଅନ୍ଧ ନୁହେଁ । ଯଦି ମଣିଷ ଅନ୍ଧ ନୁହେଁ ତାହାଲେ ସେ ଅନ୍ଧ ପ୍ରେମକୁ କାହିଁକି ବିଶ୍ୱାସ କରି ଆପଣାର କରିବାକୁ ଚାହୁଁଥାଏ ।

ଥରେ ଗୋଟେ କଥା ଶୁଣିବାକୁ ପାଇଥିଲି ଜଣକର ପ୍ରେମିକା ଜଣକୁ ଧୋକା ଦେଲାପରେ ବି ତାକୁ ଆଉ ଆଉ ଚାରି ପାଞ୍ଚ ଜଣ ପୁଅ ଭଲ ପାଉଛନ୍ତି ଜାଣିଛନ୍ତି ସେ ଝିଅ ପୁଅଙ୍କ ଜୀବନ ସହ ଖେଳେ ତଥାପି ସେହି ଝିଅକୁ ଏମାନେ ଏତେ ଭଲପାଉଥିଲେ ଯେ ତାକୁ କିଏ କେମିତି ପାଇବ ବିଧିବଦ୍ଧ ଭାବରେ ଚେଷ୍ଟା ଚଳାଇଥିଲେ । ବାର ମାସର ତେର ଓଷା କରି ତାକୁ ମାଗୁଥିଲେ । ଆଉ ଏକଥା ଶୁଣିବା ପରେ ମୁଁ ଟିକେ ହସିଦେଇ କହିଦେଲି ଏ ପ୍ରେମ କଣ ଏତେ ଅନ୍ଧ ଏମାନଙ୍କୁ କଣ ଝିଅ ମିଳୁନାହାଁନ୍ତି ଏମାନେ ତାକୁ ପାଇବେ ବୋଲି ପ୍ରତିଯୋଗିତା ମୂଳକ ତା ପଛରେ ଗୋଡାଉଛନ୍ତି । କେତେବେଳେ କାନ୍ଦୁଛନ୍ତି ଆଉ କେତେବେଳେ ହସୁଛନ୍ତି । ବାଃ ବାଃରେ ଆଜିକାଲି ଦୁନିଆ କଣ ହେଇଗଲାଣି । ଯେଉଁ ଖାତାରେ ଜାଗା ନାହିଁ ଏମାନେ ସେହି ଖାତାରେ ନିଜ ନାଁ ଲେଖିବାକୁ ଚାହୁଁଛନ୍ତି ଆଉ ସାଧା ଖାତାରେ ନାଁ ଲେଖିବାକୁ ପଛ ଘୁଞ୍ଚା ଦେଉଛନ୍ତି । ସତରେ ଏ ପ୍ରେମ କଣ ଏତେ ଅନ୍ଧ । ତାପରେ ଏହାର କାରଣ ଖୋଜିଲି ଆଉ ଜାଣିବାକୁ ପାଇଲି ତା ସୌନ୍ଦର୍ଯ୍ୟତା ପାଇଁ ହିଁ ତାକୁ ଅନେକ ପସନ୍ଦ କରନ୍ତି କାହିଁକି ନା ତା ଭଳି ସୁନ୍ଦରୀ ମିଳିବା ବହୁତ କଷ୍ଟ । ଥରେ ତାକୁ ଯିଏ ଦେଖିବ ସେତାକୁ ତା ଜୀବନସାଥି କରିବାକୁ ଚାହିଁବ । କିନ୍ତୁ ଯୁବପିଢ଼ି ବୁଝନ୍ତିନି ଯେଉଁ ସୁନ୍ଦରତା ପଛରେ ଗୋଡେଇ ଏମାନେ ନିଜର ସମୟ ବର୍ବାଦ କରୁଛନ୍ତି । ବାପ ମା'ଙ୍କ କଥା ନ ମାନି ଘରେ ମିଛ କହି ପୁଳା ପୁଳା ପଇସା ଆଣି ଯେଉଁ ଝିଅଙ୍କ ପଛରେ ଉଡଉଛନ୍ତି ସେ ଝିଅ ଯେତେବେଳେ ଜଣକୁ ଛାଡିଲା ଭଳି ତମକୁ ଛାଡ଼ିଦେବ ସେତେବେଳେ ତମ ମୁଣ୍ଡରେ ପଶିବ ସଠିକ ସମୟ ଆଉ ସଠିକ ବୟସର ମାନେ କଣ । ବୟସ ଅଛି ପରିଶ୍ରମ କର ନିଜେ ରୋଜଗାର କରି ବାପ-ମା'ଙ୍କୁ ସାହାଯ୍ୟ କର । ଉଚିତ ବୟସ ହୋଇଗଲେ ନିଶ୍ଚିନ୍ତେ ଭଲ ଜୀବନସାଥି ମିଳିବ ତେଣୁ ଏବେଠୁ ଏତେ ବ୍ୟସ୍ତ କାହିଁକି । ପ୍ରେମ ସରେନି କି ପ୍ରେମ ମରେନି । ଆଉ ଏହି ପ୍ରେମ ଯେତେବେଳେ ହୁଏ ନିଜ ଦୁନିଆବି ଗୋଟେ ଅଲଗା ଦୁନିଆ ଭଳି ଲାଗେ । ଏଥିରେ ଅନ୍ଧଭଳି ଭଲପାଇବା ଥାଏ ଆଉ ନିଜ ଜୀବନସାଥିବି ହୃଦୟର ଭାଷାକୁ ପଢି ତମକୁ ସେହି ଗୁରୁତ୍ୱପୂର୍ଣ୍ଣ ମଣିଷଟା ଭାବୁଥାଏ । ଯେଉଁ ପ୍ରେମରେ ଗୁରୁତ୍ୱ ନଥାଏ ଛଳନା ଥାଏ । ସେ ପ୍ରେମକୁ କାହିଁକି ଆଜିର ଯୁବପିଢ଼ି ପାଇବାକୁ ଚାହାଁନ୍ତି କିଛି ବୁଝା ପଡ଼େନି । ସୁନ୍ଦର ଚେହେରା ହୁଏତ ଆକୃଷ୍ଟ କରିପାରେ କିନ୍ତୁ ମନର ପରିଭାଷାକୁ କେବେ ପଢି ପାରେନି । ଅନେକ କୁହନ୍ତି ଜୀବନସାଥି ଏମିତି ବାଛ ଯେମିତି ସେମାନେ ତମ ହୃଦୟର ଯନ୍ତ୍ରଣାକୁ ବୁଝି ପାରୁଥିବ । କିନ୍ତୁ ଆଜିକାଲି ସେମିତି କିଏ ଯନ୍ତ୍ରଣାକୁ ବୁଝୁଛି ଓଲଟା ଭୟ ରହୁଛି ଯାକୁ ଯଦି ମୁଁ ମୋ ମନର କଥା କହିଦେବି ଆଉ ଏ ଯଦି ତାକୁ ଗ୍ରହଣ ନକରିପାରିବ ତେବେ ମୋତେ ଛାଡି ଚାଲିଯିବ । ସତ କହିବାକୁ ଗଲେ ଆଜିକାଲି ଯାହାର ରୋଜଗାର ଯେତେ ବେଶି ତାଙ୍କ ପାଇଁ ତାଙ୍କ ପ୍ରେମ ଦେଇଥାଏ ଅନେକ ଖୁସି । ସେଥିପାଇଁ ତ ଲୋକେ କୁହନ୍ତି ଟଙ୍କା ଥିଲେ ସବୁକିଛି ମିଳେ ଆଉ ଟଙ୍କା ନଥିଲେ ପ୍ରେମ ବି ଧୋକାରେ ପରିଣତ ହୋଇଯାଏ । ମାନୁଛି ସବୁ ଝିଅ ସମାନ ନୁହଁନ୍ତି କି ସବୁ ପୁଅ ସମାନ ନୁହଁନ୍ତି । ଦିନଥିଲେ ଏ ପ୍ରେମରେ ଅନ୍ଧ ହୋଇ ଅନେକ ଯୁବକ ଯୁବତୀ ନିଜ ଘରଠାରୁ ଦୂରେଇ ଯାଇ ନିଜ ପ୍ରେମକୁ ପାଇବାକୁ ଚେଷ୍ଟା କରୁଥିଲେ କିନ୍ତୁ ଏବେ ଘର ଠାରୁ ଦୂରେଇ ଯାଇ ପ୍ରେମକୁ ସିନା ପାଇଯାଉଛନ୍ତି କିନ୍ତୁ ସ୍ୱାମୀର ପଇସା ନଥିଲେ ପୁଣି ଆଉ କାହାକୁ ପ୍ରେମ କରି ବିବାହ କରୁଛନ୍ତି । ସେତେବେଳର ପ୍ରେମ ଆଉ ଏବେକାର ପ୍ରେମ ଭିତରେ ବହୁତ ପାର୍ଥକ୍ୟ ରହିଛି । ସେତେବେଳେ ପ୍ରେମରେ ଝିଅ କହୁଥିଲା ତମର କୋଠାଘର ନଥିଲେ ମୁଁ ତମ ଚାଳଛପର ଘରେ ରହିଯିବି । କିନ୍ତୁ ଏବେକା ପ୍ରେମ ତମର ଘର ନଥିଲେ ମୁଁ ତମକୁ କେମିତି ପ୍ରେମ କରିବି । ଆଜିକାଲି ପ୍ରେମରେ ଆଉ ତ୍ୟାଗ ନାହିଁ ଆଜିକାଲି ପ୍ରେମରେ କେବଳ ଲୋଭ ଅଛି । ସେତେବେଳେ ପ୍ରେମରେ ମଧ ନିସ୍ୱାର୍ଥପର ଭଲପାଇବା ଥିଲା ଏହି ପ୍ରେମରେ ଅନ୍ଧ ହୋଇ ସେମାନଙ୍କୁ କେତେ ଯନ୍ତ୍ରଣା ସହିବାକୁ ପଡୁଥିଲା କିନ୍ତୁ ଏବେକାର ପ୍ରେମରେ ଆଉ ନିସ୍ୱାର୍ଥପର ଭଲପାଇବା ନାହିଁ ଜଣେ ଯଦି ପ୍ରେମରେ ଅନ୍ଧ ହେଉଛି ଆଉ ଜଣେ ଜଣକୁ ଅଣଦେଖା କରୁଛି । ସତ କୁହନ୍ତୁ ଏହାକୁ କଣ ପ୍ରେମ କୁହାଯାଏ।

ତେବେ ପ୍ରେମ କରନ୍ତୁ ମନା ନାହିଁ କିନ୍ତୁ ପ୍ରେମ ତାକୁ କରନ୍ତୁ ଯିଏ ତମ ପଦବୀକୁ ନୁହେଁ ତମକୁ ଭଲପାଉଥିବ । ଯିଏ ତମ ଟଙ୍କାକୁ ନୁହେଁ ଯିଏ ତୁମ ହୃଦୟକୁ ଚିହ୍ନି ପାରୁଥିବ । ଆଉ ଆଖି ବୁଜି ତମକୁ ସେ ସେତିକି ବିଶ୍ୱାସ କରୁଥିବ ଯେତିକି ତୁମେ ତାକୁ ବିଶ୍ୱାସ କରୁଥିବ । ପ୍ରେମ ଯଦି ସଚ୍ଚା ଥିବ ତେବେ ଏ ଦୁନିଆବି ଭାରି ରଙ୍ଗୀନ ଲାଗିବ । ସେଥିପାଇଁ ତ ଏ ପ୍ରେମର ଅନେକ ରଙ୍ଗ ଆଉ ଏହି ରଙ୍ଗ ଯାହାଠି ଥରେ ଲାଗେ ରାତିର ନିଦକୁ ହଜେଇ କେବଳ ନିଜ ମନର ମଣିଷକୁ ଆଖି ପଲକ ଭିତରେ ପାଏ ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ:୯୦୯୦୬୬୧୫୮୬




## ଭେଟି

### ରାମଚନ୍ଦ୍ର ବେହେରା



ସେହି ରୂପ ଦେଖାଅ ହରି...
ଶୁକ୍ଳ ବେଶାଖର ତୃତୀୟାରେ ତୁମ
ପବିତ୍ର ଚନ୍ଦନ ଯାତ
ଜ୍ୟେଷ୍ଠ ମାସେ ତୁମ ଭବ୍ୟ ରଜବେଶ
ଖୁସିଦିଏ ଅପ୍ରମିତ
ମୋ ପରାଣ ହୁଏ ଝୁରି
ଯେଉଁ ବିଶ୍ୱ ରୂପ ମାତା ଯଶୋଦାଂକୁ
ଦେଖାଇଥିଲ ହେ ହରି।
ଆଷାଢରେ ତୁମ ନବଯୌବନର
ସୁଶୋଭିତ ରୂପ କାନ୍ତି
ମହା ଶ୍ରାବଣର ଝୁଲଣ ଯାତ୍ରାରେ
ହୁଏ ତୁମ ଧୂପ ନୀତି
ମୋ ମନ ହୁଅଇ ଝୁରି
ଯେଉଁ ରୂପେ ପ୍ରଭୁ ପାଂଚାଳୀଂକୁ
ତୁମେ
କୋଟି ବସ୍ତ୍ର ଦେଲ ହରି।
ପଶା ଖେଳୁ ଖେଳୁ ହାରିଯାଅ ତୁମେ
ପବିତ୍ର ଆଶ୍ୱିନ ମାସେ
ମାର୍ଗଶୀରେ ପାଳ ଦେବ ଦୀପାବଳି
ଦିବ୍ୟ ଘୋଡଲାଗି ବେଶେ
ଦେଖାଦିଅ ଶଂଖଧାରୀ
ଯେଉଁ ରୂପେ ତୁମେ ମାତା ମୃଗୁଣୀକୁ
ବ୍ୟାଧ ମୁଖୁ କଲ ପାରି।
ପୁଷ ମାସେ ତୁମ ପୁଷ୍ପ ଅଭିଷେକ
ଅପୂର୍ବ ନବାଂଗ ବେଶ
ମାଘ ପୂର୍ଣ୍ଣମୀରେ ଶୋଭାପାଏ ତୁମ
ଗଜ ଉଦ୍ଧାରଣ ବେଶ
ଆସ ପ୍ରଭୁ ଅବତରି
ଯେଉଁ ରୂପେ ତୁମେ ଚକ୍ରପେଶି ନକ୍ର
ନାଶକଲ ଚକ୍ରଧାରୀ।
ପୂଣ୍ୟ ଫଗୁଣର ବସନ୍ତ ଉତ୍ସବ
ଫଗୁ ସାଥେ କମଳିନୀ
ଚୈତ୍ର ମାସେ ପାଳ ଚଇତ ଗୁଣ୍ଡିଚା
ପବିତ୍ର ରାମନବମୀ
ଆସ ହେ ବନବିହାରୀ
ଯେଉଁ ରୂପେ ତୁମେ ବାଳିକୁ ନାଶିଲ
ତିନି ପାଦ ଦାନ କରି।
ତ୍ରେତୟା ଯୁଗରେ ବନବାସ କାଳେ
ଅହଲ୍ୟା ଉଦ୍ଧାର କଲ
ସ୍ୱର୍ଣ୍ଣ ଲଂକା ଯାଇ ପାପୀ ରାବଣକୁ
ଯମପୁର ପଠାଇଲ
ସେ ରୂପ ଦେଖାଅ ହରି
ଯେଉଁ ରୂପେ ତୁମେ ସାରଥୀ ଭୂମିକା
ନିଭାଇଥିଲ ଦୈତାରୀ।
ଦାସିଆ ବାଉରୀ ଶ୍ରୀଫଳକୁ ନେଲ
ତା ଜନ୍ମ ହୋଇଲା ଧନ୍ୟ
ବନ୍ଧୁ ମହାନ୍ତିଂକୁ ବନ୍ଧୁ ବୋଲି କହି
କୁଣ୍ଢାଇଲ ନବଘନ
ଶୁଣ ପ୍ରଭୁ ଗଦାଧାରୀ
ଆତୁରେ ଡାକୁଛି ଦେଖାଦିଅ ନାଥ
ଆହେ ନିଳାଦ୍ରୀ ବିହାରୀ।
ତୁମେ ଲୀଳାମୟ ବ୍ରହ୍ମାଣ୍ଡ ଠାକୁର
ତୁମେ ଏ ସୃଷ୍ଟି କରତା
ମୁହିଁ ଅକିଂଚନ ଜ୍ଞାନହୀନ ପ୍ରଭୁ
ଶୁଣ ମୋ ଦୁଃଖ ବାରତା
ଆହେ ପ୍ରଭୁ ଦୁଃଖହାରୀ
ମୋତେ ସେହି ରୂପେ ଦେଖାଦିଅ ହରି
ହେବି ମୁହିଁ ଭବୁ ପାରି।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଚକାଆଖି

### ଲୋକନାଥ ମହାପାତ୍ର



ହେ ଚକାଆଖି !
ତୁମ ଠାରେ ମନ ଯାଏ ଲାଖି ।

ତୁମେ ପ୍ରଭୁ ଦୀନବନ୍ଧୁ ଦୟାର ସାଗର
ପତିତପାବନ ବାନା ତୁମ ଉଡ଼େ
ଫରଫର
ତାରିବାକୁ ଦୀନ ଦୁଃଖି ପାପୀ
ହେ ଚକାଆଖି !
ତୁମ ଠାରେ ମନ ଯାଏ ଲାଖି ।

ତୁମେ ପ୍ରଭୁ ଦୟାନିଧି ଭକତ ବତ୍ସଳ
ତୁମ ମନ ସଦା ପ୍ରଭୁ ରୁହଇ ବ୍ୟାକୁଳ
ଭକତଙ୍କ ଦୁଃଖ ଦେଖି
ହେ ଚକାଆଖି !
ତୁମ ଠାରେ ମନ ଯାଏ ଲାଖି ।

ତୁମେ ପ୍ରଭୁ ଜଗନ୍ନାଥ ଜଗତ ଠାକୁର
ତୁମ ବଡଦାଣ୍ଡେ ସଦା ଭକତଙ୍କ ଭିଡ଼
ଭକତଙ୍କୁ ଉଦ୍ଧାରିବା ଲାଗି
ହେ ଚକାଆଖି !
ତୁମ ଠାରେ ମନ ଯାଏ ଲାଖି ।

ତୁମେ ପ୍ରଭୁ କୃପାସିନ୍ଧୁ ଭକ୍ତ
ଭାବଗ୍ରାହୀ
ତୁମ ମନ ବନ୍ଧା ସଦା ଭକତଙ୍କ ପାଇଁ
ରଥଯାତରା ତା'ର ସାକ୍ଷୀ
ହେ ଚକାଆଖି !
ତୁମ ଠାରେ ମନ ଯାଏ ଲାଖି ।

ଗୋଲାପଲ୍ଲୀ
ବ୍ରହ୍ମପୁର

## ଖରା

### ଧନୁର୍ଯ୍ୟ ମାଝୀ



ସତରେ ଲୁଚି ଯାଇଥିଲା
ଏ ଶରୀରକୁ ସିଜେଇ ଦେଉଥିବା
ଖରାଟି
ହଠାତ, ମାଡିଆସିଲା
ଜୀବନକୁ କଲବଲ କରିବାକୁ ।
ଠିକ ଅପରାହ୍ନରେ ଚାଲୁଥିବା
ମଣିଷଟିକୁ
କେତେ ଅବା ଖରା ବାଜୁଥିବ
ଠିକ ଅପରାହ୍ନରେ ଦାଦନ ଖଟୁଥିବା
ମଣିଷଟିକୁ
କେତେ ଅବା ଘର୍ମ ବାହାରୁଥିବ ।
ଅଧିକରୁ ଅଧିକ ବଢୁଥିବା ଖରାଟି
ହଠାତ ଯଦି କମି ଯାଏ
ଖରାରେ ସିଜୁଥିବା ମଣିଷଟି କହେ
ଆଉ ଟିକେ ମଳୟ ପବନ
ବୋହିଯାନ୍ତା କି !
ତଥାପି ବି ନିର୍ଧୁମ ଖରାରେ
ଚାହିଁ ବସିଥାଏ
କେତେବେଳେ ଖରାଟି କମି ଯିବ ?
ଥପ ଥପ ଥିପୁଥିବା
ଝାଳ ପୋଛି କହେ
ଆଃ କି ଖରା.......
ଆଃ କି ଗରମ.....
କିନ୍ତୁ, ପକୃତିର ଘଟଣା,
ପ୍ରକୃତି ହିଁ କହିବ
ପ୍ରକୃତିର କଷ୍ଟ, ପ୍ରକୃତି ହିଁ ବୁଝିବ ।

ଗ୍ରାମ- ବଣ୍ଡୋଗୁଡା,
ଜୁନାଗଡ, କଳାହାଣ୍ଡି
ମୋ -୭୭୩୫୧୫୯୨୩୫





# ବଲିଉଡ୍ ନାୟିକାଙ୍କ ଚର୍ଚ୍ଚିତ ରେସ୍ତୋରାଁ

ବଲିଉଡ୍ ସେଲିବ୍ରିଟିମାନେ ଅଭିନୟ ସହ ବିଭିନ୍ନ ବ୍ୟବସାୟରେ ମଧ୍ୟ ଅର୍ଥ ବିନିଯୋଗ କରିଛନ୍ତି। କେତେକ ଖାଦ୍ୟ ପ୍ରତି ଭଲପାଇବା ହେତୁ ହେଉ କିଂବା ଅନ୍ୟ କାରଣରୁ ଦେଶ ବିଦେଶରେ ରେସ୍ତୋରାଁ ଖୋଲିଛନ୍ତି। କଳାକାରରୁ ରେସ୍ତୋରାଁ ମାଲିକ ବନିଥିବା ଅଭିନେତ୍ରୀଙ୍କ ତାଲିକା ବି ଛୋଟ ନୁହେଁ। ବଲିଉଡ୍‌ର ଲୋକପ୍ରିୟ ଚେହେରା ରାକୁଲ୍ ପ୍ରୀତ୍ ସିଂହ ନିକଟରେ 'ଆରମ୍ଭ' ନାମରେ ଏକ ରେସ୍ତୋରାଁ ଖୋଲିଛନ୍ତି। ହାଇଦ୍ରାବାଦରେ ନୂଆ କରି ଖୋଲିଥିବା ଏହି ରେସ୍ତୋରାଁରେ ସେ 'ମିଲେଟ୍' ବା ମାଣ୍ଡିଆ



ଜାତୀୟ ଶସ୍ୟରେ ପ୍ରସ୍ତୁତ ଖାଦ୍ୟ ଉପରେ ବେଶ୍ ଗୁରୁତ୍ୱ ଦେଇଛନ୍ତି। ରାକୁଲ୍‌ଙ୍କ ପରି ଅଭିନେତ୍ରୀ ସନ୍ନି ଲିଓନି ବି ଏକ ରେସ୍ତୋରାଁ ଖୋଲିଛନ୍ତି। ସେ ଏହାର ନାମ ରଖିଛନ୍ତି 'ଚିକା ଲୋକା'। ଉତ୍ତର ପ୍ରଦେଶର ନୋଇଡ଼ାରେ ଖୋଲିଥିବା ତାଙ୍କର ଏହି ରେସ୍ତୋରାଁକୁ ସେ ପରବର୍ତ୍ତୀ ସମୟରେ ହାଇଦ୍ରାବାଦ୍, ଗୋଆ ଓ ପଞ୍ଜାବରେ ଖୋଲିବାର ଯୋଜନା କରିଛନ୍ତି। ସନ୍ନିଙ୍କ ରେସ୍ତୋରାଁରେ ଏସୀୟ ଖାଦ୍ୟର ବିଶେଷ ଗୁରୁତ୍ୱ ରହିଛି। ସେହିପରି ଯୋଗ କୁଇନ୍ ଶିଳ୍ପା ସେଟ୍ଟୀ 'କ୍ଲବ୍ ରୟାଲିଟି' ନାମରେ ଏକ ରେସ୍ତୋରାଁର ମାଲିକାଣୀ। ମୁମ୍ବାଇରେ ଖୋଲିଥିବା ଏହି ରେସ୍ତୋରାଁଟି ବିଶେଷ କରି ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି 'ହେଲ୍‌ଦି ଫୁଡ୍' ପରଷିଥାଏ। ଉଲ୍ଲେଖଯୋଗ୍ୟ କଥାଟି ହେଲା ଏହି ରେସ୍ତୋରାଁର ସବୁକିଛି ବୁଝାବୁଝି ନିଜେ ଶିଳ୍ପା କରନ୍ତି। 'ନାଗିନ୍' ଫେମ୍ ମୌନୀ ରୟ ଓ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପତ୍ନୀ ତଥା ଇଣ୍ଟିରିୟର ଡିଜାଇନର ଗୌରୀ ଖାନ୍ ବି ଏହି ତାଲିକାରେ ନିଜ ନାମ ଲେଖାଇ ସାରିଛନ୍ତି। ମୌନୀଙ୍କ ରେସ୍ତୋରାଁର ନାମ 'ବଦ୍‌ମାସ୍' ଓ ଗୌରୀଙ୍କ ରେସ୍ତୋରାଁର ନାମ 'ଟ୍ରୋଇ'। ସେହିପରି ଅଭିନେତ୍ରୀ ପେରିଜାଦ୍ ଜୋରାବିଆନ୍‌ଙ୍କର ମୁମ୍ବାଇରେ 'ଗୋଣ୍ଡୋଲା' ନାମରେ ଏକ ରେସ୍ତୋରାଁ ରହିଛି। ବଲିଉଡ୍‌ରୁ ହଲିଉଡ୍ ଯାଇଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବି ନିକଟରେ ରେସ୍ତୋରାଁ ବ୍ୟବସାୟରେ ପାଦ ରଖିସାରିଛନ୍ତି। ସେ ନ୍ୟୁୟର୍କରେ 'ସୋନା' ନାମରେ ଏକ ଭାରତୀୟ ରେସ୍ତୋରାଁ ଖୋଲିଛନ୍ତି। ଏଠାରେ ସ୍ୱାସ୍ଥ୍ୟପ୍ରଦ ଭାରତୀୟ ଖାଦ୍ୟ ପରଷା ଯାଉଛି। ଏହାର ଇଣ୍ଟିରିୟର ଖୁବ୍ ଚମତ୍କାର ହୋଇଥିବା ସୂଚନା ରହିଛି।

# ସଲମାନ ଖାନ୍ ପରଦାରେ ଚୁମ୍ବନ ନ ଦେବାର ଶପଥ ଭାଙ୍ଗିଥିଲେ କି, ଗର୍ଲଫ୍ରେଣ୍ଡ ଅବା କାହା ପାଇଁ ନିଜ ମତ ବଦଳାଇଥିଲେ ?

ଯେତେବେଳେ ବଲିଉଡର ଦବଙ୍ଗ ଖାନ୍ ସଲମାନ ଯଦି କୌଣସି ପ୍ରତିଶ୍ରୁତି କରନ୍ତି, ସେ ନିଜ କଥା ମଧ୍ୟ ଶୁଣନ୍ତି ନାହିଁ। ସଲମାନ ଖାନଙ୍କ ମୁଖରୁ ସଭିଏଁ ଅନେକ ଥର ଏହି ସଂଳାପ ଶୁଣିଥିବେ। କିନ୍ତୁ ବାସ୍ତବ ଜୀବନରେ, ସେ ବର୍ତ୍ତମାନ ନିଜର ପ୍ରତିବଦ୍ଧତା ଏବଂ ନିଜେ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଭାଙ୍ଗିଛନ୍ତି। ବାସ୍ତବରେ ସମସ୍ତେ ଜାଣନ୍ତି ଯେ ସଲମାନ ଖାନ୍ ତାଙ୍କ ଚଳଚ୍ଚିତ୍ରରେ ଗୋଟିଏ ଜିନିଷ ବିଷୟରେ ବହୁତ ସଚେତନ। ସଲମାନ ଖାନ୍ ଜନସାଧାରଣଙ୍କ ସମ୍ମୁଖ ଅନେକ ଥର ସ୍ୱୀକାର କରିଛନ୍ତି ଯେ ସେ ପରଦାରେ ଚୁମ୍ବନ ଦେବାକୁ ପସନ୍ଦ କରନ୍ତି ନାହିଁ। ସେ ତାଙ୍କ ଫିଲ୍ମରେ କୌଣସି ଅଭିନେତ୍ରୀଙ୍କୁ କେବେ ଚୁମ୍ବନ ଦେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ସଲମାନ ଖାନ୍ ତାଙ୍କ ପ୍ରତିଶ୍ରୁତିକୁ ଭାଙ୍ଗିଛନ୍ତି। ଏହା ଶୁଣି ପ୍ରଶଂସକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ କାରଣ ଆଜି ପର୍ଯ୍ୟନ୍ତ ସଲମାନ ଖାନ୍ ପରଦାରେ କୌଣସି ଅଭିନେତ୍ରୀଙ୍କୁ ଚୁମ୍ବନ ଦେଇଥିବାର ଦେଖାଯାଇ ନାହିଁ। ଯଦିଓ ସେ ସୁଟିଂ ସମୟରେ ସେହି ଅଭିନେତ୍ରୀଙ୍କୁ ଡେଟ୍ କରୁଥିବାର ଖବର ହେଡଲାଇନରେ ରହିଥିଲା। ସଲମାନ ଖାନ୍ ଐଶ୍ୱର୍ଯ୍ୟା ରାୟଙ୍କ ଠାରୁ କ୍ୟାଟ୍ରିନାକୈଫଙ୍କ ପର୍ଯ୍ୟନ୍ତ ଅନେକ ଅଭିନେତ୍ରୀଙ୍କ ସହ କାମ କରିଛନ୍ତି ଯାହାଙ୍କ ସହ ତାଙ୍କର ଏକ ସମୟରେ ସମ୍ପର୍କ ଥିଲା। ଅବଶ୍ୟ, ପରଦାରେ ରୋମାନ୍ସ କରୁଥିବାବେଳେ ସଲମାନ କେବେହେଲେ ନିଜର ସୀମା ଅତିକ୍ରମ କରି ନାହାନ୍ତି। କିନ୍ତୁ ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଚିତ୍ର ସାମ୍ନାକୁ



ଆସିଛି, ଯେଉଁ କାରଣରୁ ସଲମାନ ଖାନ୍ ତାଙ୍କ ଅଭିନେତ୍ରୀଙ୍କୁ ଏକ ଫିଲ୍ମରେ ଚୁମ୍ବନ ଦେଇଛନ୍ତି ବୋଲି କୁହାଯାଇପାରେ। ଏହି ଭାଇରାଲ୍ ଫଟୋରେ ଏହାର ପ୍ରମାଣ ଅଛି। ଏହି ଫଟୋରେ ସଲମାନ ଖାନ୍ ଜଣେ ସୁନ୍ଦର ଅଭିନେତ୍ରୀଙ୍କୁ ଚୁମ୍ବନ ଦେଉଛନ୍ତି ଏବଂ ସେ କ୍ୟାଟ୍ରିନା କିମ୍ବା ଐଶ୍ୱର୍ଯ୍ୟା ନୁହଁନ୍ତି। ତେବେ ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ସେହି ଅଭିନେତ୍ରୀ କିଏ, ଯାହାଙ୍କ ପାଇଁ ସଲମାନ ଖାନ୍ ଏପରି କରିଥିଲେ। ସେହି ଅଭିନେତ୍ରୀ ହେଉଛନ୍ତି କରିସ୍ମା କପୁର। ଫଟୋ ଦେଖି ପ୍ରଶଂସକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଭାଇରାଲ ପୋଷ୍ଟ ଅନୁଯାୟୀ, ସଲମାନ ଖାନ୍ ୧୯୯୬ ମସିହାରେ ଚଳଚ୍ଚିତ୍ର 'ଜିତ୍'ରେ କରିସ୍ମା କପୁରଙ୍କୁ ଚୁମ୍ବନ ଦେଇଥିଲେ। ଏହାର ଫଟୋ ମଧ୍ୟ ସାମ୍ନାକୁ ଆସିଛି। ତେବେ ଏହି ପୋଷ୍ଟ ଦେଖିବା ପରେ କିଛି ପ୍ରଶଂସକ ସଲମାନ ଖାନ୍‌ଙ୍କୁ ମଧ୍ୟ ସୁରକ୍ଷା କରୁଛନ୍ତି ଏବଂ ଏହା ଏକ ଚୁମ୍ବନ ନୁହେଁ ବୋଲି କହିଛନ୍ତି। କରିସ୍ମା ମୁହଁ ବୁଲାଇ ସଲମାନ ତାଙ୍କ ଗାଲକୁ ଚୁମ୍ବନ ଦେଉଛନ୍ତି। ଏହି ସମୟରେ, କିଛି ୟୁଜର ମଜା କରି ମନ୍ତବ୍ୟ ଦେଇଛନ୍ତି ବୋଧହୁଏ ଚୁମ୍ବନ ଭଲ ନ ଥିଲା ଏବଂ ଭାଇଜାନ୍ ଡରି ଯାଇଥିଲେ। ସେଥିପାଇଁ ବୋଧହୁଏ ସେ 'ନୋ କିସିଂ ପଲିସି' ଆପଣେଇଥିଲେ।

# ପ୍ରିୟା ପ୍ରକାଶଙ୍କ ଫିଲ୍ମର ନିର୍ଦ୍ଦେଶକଙ୍କ ଉପରେ ଲାଗିଲା ଦୁଷ୍କର୍ମ ଆରୋପ



ମଲାୟାଲମ ଅଭିନେତ୍ରୀ ପ୍ରିୟା ପ୍ରକାଶ ୱାରିୟରଙ୍କ ଫିଲ୍ମର ନିର୍ଦ୍ଦେଶକ ଓମାର ଲୁଲୁଙ୍କ ଉପରେ ଲାଗିଲା ଦୁଷ୍କର୍ମ ଆରୋପ। ଜଣେ ଅଭିନେତ୍ରୀ ତାଙ୍କ ବିରୋଧରେ ଦୁଷ୍କର୍ମର ଅଭିଯୋଗ କରିଥିବା ଜଣାପଡ଼ିଛି। କେରଳ ପୁଲିସ ନିକଟରେ ଏହି ଅଭିଯୋଗ ଦାଖଲ କରାଯାଇଛି। ପିଟିଆଇ ଅନୁଯାୟୀ, ଏର୍ନାକୁଲମ ଗ୍ରାମୀଣ ପୁଲିସର ଜଣେ ଅଧିକାରୀ ଏହି ମାମଲା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମହିଳାଙ୍କ ଅଭିଯୋଗ ଆଧାରରେ ଏଫ୍‌ଆଇଆର୍ ପଞ୍ଜିକୃତ ହୋଇଛି। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତେବେ ଏପର୍ଯ୍ୟନ୍ତ ଏ ବାବଦରେ ଅଧିକ ସୂଚନା ଗ୍ରହଣ କରାଯାଇ ନାହିଁ। ଥରେ ପୁଲିସ, ନିର୍ଦ୍ଦେଶକଙ୍କ ବିରୋଧରେ ଠୋସ୍ ପ୍ରମାଣ ସଂଗ୍ରହ କଲା ପରେ ଓମାର ଲୁଲୁଙ୍କୁ ଗିରଫ କରାଯିବ ବୋଲି ସାମ୍ନାକୁ ଆସିଛି। ଆଇପିସିର ଧାରା ୩୭୬ ଅନୁଯାୟୀ ଓମାର ଲୁଲୁଙ୍କ ବିରୋଧରେ ଏତଲା ପଞ୍ଜିକୃତ ହୋଇଛି। ଅଭିଯୋଗ ହେବା ପରେ ପ୍ରକୃତ ଘଟଣା ଜାଣିବା ପାଇଁ ଏବେ ପୁଲିସ ତଦନ୍ତ ଆରମ୍ଭ କରିଛି। ପେସାଦାର ଜୀବନକୁ ଦେଖିବାକୁ ଗଲେ ଓମାର ଲୁଲୁ ୨୦୧୬ରେ ମାଲାୟାଲମ୍ ଫିଲ୍ମ ହାପି ୱେଡିଂରୁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ତାଙ୍କର ଏହି ଚଳଚ୍ଚିତ୍ର ସେହି ବର୍ଷ ମାଲାୟାଲମ୍ ଇଣ୍ଡଷ୍ଟ୍ରିର ସବୁଠାରୁ ବଡ ହିଟ୍ ଥିଲା। ଏହି ଚଳଚ୍ଚିତ୍ର ୧୦୦ଦିନରେ ୧୩.୭୦କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ପରେ ସେ ୨୦୧୯ରେ ଓରୁ ଓଦାର୍ ଲଭ୍ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ଏହି ଚଳଚ୍ଚିତ୍ରରେ ଥିବା ଏକ ଦୃଶ୍ୟ ପାଇଁ ପ୍ରିୟା ପ୍ରକାଶ ୱାରିଅର୍ ଏକ ଜାତୀୟ କ୍ରସ୍ ପାଲଟି ଯାଇଥିଲେ।

# ରିଲିଜ ହେଲା ବହୁ ପ୍ରତୀକ୍ଷିତ ସିନେମା ପୁଷ୍ପା-୨ର ନୂଆ ଗୀତ

ପୁଣି ଥରେ ଦର୍ଶକଙ୍କୁ ଖୁସି କରାଇବ ଅଲ୍ଲୁ ଅର୍ଜୁନ ଓ ରଶ୍ମିକାଙ୍କ ଲଭ୍-କେମେଷ୍ଟ୍ରି। 'ପୁଷ୍ପା'ରେ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରାଇଥିବା ଏହି ଯୋଡ଼ି ପୁଣି ଥରେ ନୂଆ ମସଲା ନେଇ ହାଜର। ବହୁ ପ୍ରତିକ୍ଷିତ ସିନେମା ପୁଷ୍ପା-୨ର ନୂଆ ଗୀତ ରିଲିଜ ହୋଇଯାଇଛି । ଗୀତରେ ସିନେମାର ମୁଖ୍ୟ କଳାକାର ଅଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ରିଲିଜ ହେବା ପରେ ଦର୍ଶକଙ୍କ ଗହଣରେ ବେଶ ଲୋକପ୍ରିୟ ସାଉଁଟିଛି ଗୀତ ଅଙ୍ଗାରୋ। ରିଲିଜ ଅପେକ୍ଷାରେ ଥିବା ବହୁ ପ୍ରତିକ୍ଷିତ ସିନେମା ପୁଷ୍ପା ୨ ଦ ରୁଲର ନୂଆ ଗୀତ ରିଲିଜ ହୋଇଛି । ଏହି ରୋମାଣ୍ଟିକ୍ ଗୀତର ଶୀର୍ଷକ ରହିଛି ଅଙ୍ଗାରୋ । ଅଲ୍ଲୁ ଅର୍ଜୁନ ଓ ରଶ୍ମିକା ମନ୍ଦାନାଙ୍କ ଯୋଡି ପୁଣିଥରେ ନୂଆ ରୂପରେ ଦର୍ଶକଙ୍କ ନିକଟକୁ ଫେରିଛନ୍ତି । ଗୀତରେ କିଛି ଟୁଇଷ୍ଟ ଦେଖିବାକୁ ମିଳିଛି । ସୁଟିଂ ସେଟର କିଛି ସିନକୁ ଏଥିରେ ସ୍ଥାନ ଦିଆଯାଇଛି । ଗୀତରେ କଣ୍ଠଦାନ କରିଛନ୍ତି ଶ୍ରେୟା ଘୋଷାଲ । ରାକିବ ଆଲମଙ୍କ ଗୀତକୁ ସଂଗୀତରେ ସଜାଇଛନ୍ତି ଦେବୀଶ୍ରୀ ପ୍ରସାଦ । ଅଗଷ୍ଟ ୧୫ରେ ବଡ ପରଦାରେ ୬ଟି ଭାଷା ସହ ରିଲିଜ ହେବ ପୁଷ୍ପା ୨ ଦ ରୁଲ। ସିନେମାର ପ୍ରଥମ ଭାଗ ବକ୍ସ ଅଫିସରେ ରେକର୍ଡ କରିଥିବା ବେଳେ ୨ୟ ଭାଗ ବି ସମାନ ସଫଳତା ଦୋହରାଇବ ବୋଲି ଆଶା ରଖିଛି ଟିମ ପୁଷ୍ପା।






# ଅନନ୍ତ ଓ ରାଧିକାଙ୍କ ବିବାହ ତାରିଖ ହେଲା ସ୍ଥିର: ଅତିଥିଙ୍କ ପାଇଁ ରହିଛି ସ୍ୱତନ୍ତ୍ର ଡ୍ରେସ କୋର୍ଡ



ଦେଶ ତଥା ବିଶ୍ୱର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତଙ୍କ ବାହାଘର ରାଧିକା ମର୍ଚାଣ୍ଟଙ୍କ ସହିତ ହେବ। ଦୁହିଁଙ୍କ ନିର୍ବନ୍ଧ କିଛିମାସ ତଳେ ଶେଷ ହୋଇଥିବା ବେଳେ ଭାରତରେ ହିଁ ରାଧିକା ଓ ଅନନ୍ତଙ୍କ ବିବାହ ହେବ ବୋଲି କୁହାଯାଉଥିଲା।

ନିର୍ବନ୍ଧ ଶେଷହେବାପରେ ଅମ୍ବାନୀ ପରିବାର ପକ୍ଷରୁ ଅନନ୍ତ ଓ ରାଧିକାଙ୍କ ପ୍ରି-ୱେଡିଂ କାର୍ଯ୍ୟକ୍ରମ ଗୁଜରାଟର ଜାମନଗରରେ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱ ତଥା ଦେଶର ବଡ଼ବଡ଼ ହସ୍ତୀମାନେ ଯୋଗ ଦେଇଥିଲେ।

ପ୍ରକାଶିତ ରିପୋର୍ଟ ମୁତାବକ, ବାହାଘର ଜୁଲାଇ ୧୨ ତାରିଖରେ ୱାଲର୍ଡ କନଭେନସନ ସେଣ୍ଟରରେ ହେବ। ଅନନ୍ତ ଓ ରାଧିକାଙ୍କ ବିବାହ ସମ୍ପୂର୍ଣ୍ଣ ଭାବେ ହିନ୍ଦୁ ରୀତିନୀତି ଅନୁଯାୟୀ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଓ ନୀତା ଅମ୍ବାନୀ ନିଜେ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।

ଏହି କ୍ରମରେ ଅନନ୍ତଙ୍କ ବିବାହ କାର୍ଡ ସାମ୍ନାକୁ ଆସିଛି। ଯେଉଁଥିରେ ଉଲ୍ଲେଖ ରହିଛି କି 'ଶୁଭ ବିବାହ' ୧୨ଜୁଲାଇ ଶୁକ୍ରବାର ହେବ। ଏହି ଦିନ ସମସ୍ତ ଅତିଥି ଇଣ୍ଡିୟନ ଟ୍ରାଡିସନାଲ ଡ୍ରେସ କୋର୍ଡରେ ଆସିବେ।

ଜୁଲାଇ ୧୩ ତାରିଖରେ 'ଶୁଭ ଆର୍ଶୀବାଦ'ର ଦିନ ହେବ। ଏହାପରେ ଜୁଲାଇ ୧୪ ତାରିଖରେ ୱେଡିଂ ରିସେପସନ ରଖାଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ରାଧିକା ଓ ଅନନ୍ତଙ୍କ ବିବାହ ଉତ୍ସବ ଜିଓ ୱାଲର୍ଡ ସେଣ୍ଟରରେ ଆୟୋଜିତ ହେବ। ଅନନ୍ତ ଓ ରାଧିକାଙ୍କୁ ବର ଓ ବଧୂ ବେଶରେ ଦେଖିବା ପାଇଁ ସମସ୍ତେ ଖୁବ ଉତ୍ସାହିତ ଅଛନ୍ତି। ଅମ୍ବାନିଙ୍କ ସାନ ପୁଅ ବିବାହ ୨୦୨୪ର ସବୁଠାରୁ ଗ୍ରାଣ୍ଡ ବିବାହ ହେବ। ଯାହାକୁ ନେଇ ଦେଶ ତଥା ଦେଶ ବାହାରେ ଏବେ ଠାରୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

# ରହୁ ରହୁ ରହିଗଲି ତୋ ପାଇଁ ମୁଁ କୁଆଁରା

ଆଗାମୀ ରଜ ପର୍ବ ରେ ଖୁବ୍ ଶୀଘ୍ର ରିଲିଜ୍ ହେବାକୁ ଯାଉଛି ଲୋକପ୍ରିୟ ପ୍ରଯୋଜକ ଓ ନିର୍ଦ୍ଦେଶକ ଶିବାଜୀ ଦାସଙ୍କ ମ୍ୟୁଜିକ ଆଲବମ ରହୁ ରହୁ ରହିଗଲି ତୋ ପାଇଁ ମୁଁ କୁଆଁରା । ଏହା ବ୍ୟତୀତ ଆଉ ଏକ ଆଲବମ ରହିଛି ତୁ କହିବୁ କାହା ଆଗରୁ ମୁଁ ଭଲ ପାଉଛି । ଦୁଇଟି ମ୍ୟୁଜିକ୍ ଆଲବମର ପ୍ରଯୋଜକ ବୃନ୍ଦାବନ ଦାସ ଥିବା ବେଳେ ନିର୍ଦ୍ଦେଶକ ଅଛନ୍ତି ଶିବାଜୀ ଦାସ। ପିଣ୍ଟୁ ଦାସ ମ୍ୟୁଜୀକ ଦେଇଥିବା ବେଳେ ଗୀତ ଗାଇଛନ୍ତି ମନ ଛୁଆଁ କଣ୍ଠ ଶିଳ୍ପୀ ଜିତୁ, ରଶ୍ମି ରେଖା, ସୌଜନ୍ୟା । କୋରିଓଗ୍ରଫର୍ ଅଛନ୍ତି ରବୀନ୍ଦ୍ର ଜେନା ଓରଫ୍ ପପୁ ସାର୍ । ଯେଉଁ କଳାକାର ମାନେ ଏହି ଆଲବମ ରେ ଅଭିନୟ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ରାଜେଶ୍ ସାହୁ, ଜ୍ୟୋତ୍ସ୍ନା, ରାଜା, ରୋସନ୍ ଓ କୁନି କୁନି କଳାକାର । ଏହି ଆଲବମ ହଜାର ହଜାର ଦର୍ଶକ ବନ୍ଧୁ ମାନଙ୍କୁ ଖୁବ୍ ଭଲ ଲାଗିବା ସହିତ ଖୁବ୍ ମନ ଛୁଆଁ ହେବ ବୋଲି ଆଶା କରାଯାଉଛି । ଅତୀତରେ ଶିବାଜୀ ଦାସଙ୍କ ତତ୍ତ୍ୱାବଧାନରେ ଆଲବମ ପ୍ରେମ ଗାଁ ର ପାଠ ଶାଳା ଓ ସାଧବ ରାଇଜେ ସାଧବ ରାଜା ଖୁବ ସଫଳତା ଲାଭ କରିଥିଲା । ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ରେ ଏହି ଲୋକାଲ କଳାକାର ମାନେ ଅଭିନୟ କରି ଛନ୍ତି ଏହି ଆଲବମ ରେ । ଖୁବ୍ ସୁନ୍ଦର ଗୀତ, ସଙ୍ଗୀତ ଓ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିବ । ଆର୍ତ୍ତୁଙ୍ଗ ପଞ୍ଚାୟତରେ ସୁଟିଂ ସେଟ୍‌ଟି ପାନପତ୍ରରେ ତିଆରି କରାଯାଇ ଖୁବ୍ ଲଭ୍ ଓ ରୋମାଣ୍ଟିକ କରାଯାଇ ଥିଲା ।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧




# ବିଦ୍ୟୁତ ସେବା ନଥିବା ଗାଁ ଡିପୁଭଟ୍ଟା: ଡିବିରି ଆଲୁଅ ଭରସା



ଝରିଗାଁ, ୩୦/୫ (ନି.ପ୍ର): ବସତି ସ୍ଥାପନ ହୋଇ ୪୦ବର୍ଷ ବିତିବା ପରେ ମଧ ଗାଁରେ ବିଦ୍ୟୁତ ସେବା ପହଞ୍ଚି ପାରିନି। ତେଣୁ ଜଙ୍ଗଲ ଘେରାରେ ରହୁଥିବା ଗ୍ରାମବାସୀ ବନ୍ୟଜନ୍ତୁ ଭୟରେ ସଂଧ୍ୟା ହେବା ମାତ୍ରେ ତାଟି କବାଟ ବନ୍ଦ କରି ଘର ଭିତରେ ରହୁଛନ୍ତି। ବିଦ୍ୟୁତ ସେବା ନଥିବାରୁ ଗ୍ରାମବାସୀ ଡିବିରି ଆଲୁଅ ଭରସାରେ ରହୁଛନ୍ତି। ସ୍ୱାଧୀନତାର ୭୫ବର୍ଷ ପରେ ମଧ ଏଭଳି ଦୁର୍ବିଷହ ଜୀବନ ବିତାଉଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କଟ୍ରିଛାପର ପଂଚାୟତ ଅନ୍ତର୍ଗତ ଦୁର୍ଗମ ଡିପୁଭଟ୍ଟା ଗ୍ରାମବାସୀ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ବିଭିନ୍ନ ଗ୍ରାମରୁ କିଛି ଲୋକ ଦୀର୍ଘ ୫୦ ବର୍ଷ ତଳେ ଡିପୁଭଟ୍ଟା ଗ୍ରାମରେ ବସତି ସ୍ଥାପନ କରିଥିଲେ। ବର୍ତ୍ତମାନ ଏହି ଗାଁରେ ପ୍ରାୟ ୪୦ଟି ସନ୍ତା ପରିବାର ରହୁଛନ୍ତି। ଗ୍ରାମବାସୀ ବିଭିନ୍ନ କିସମର ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ବିଜୁଳି ଆଲୁଅ ଦେଖିନାହାନ୍ତି। ଏହି ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଧହାଡ଼ାକୋଟ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ଏହି ଗାଁ ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ିପାରୁନି। କେବଳ ବିଦ୍ୟୁତ ଖୁଣ୍ଟ ପୋତି ପ୍ରଶାସନ ଚୁପ ବସିଥିବା ଗ୍ରାମବାସୀ କହିଛନ୍ତି। ଗାଁ ଚାରିପଟେ ଜଙ୍ଗଲ ଓ ପାହାଡ଼ ଘେରି ରହିଥିବାରୁ ସଂଧ୍ୟା ହେବା ମାତ୍ରେ ବନ୍ୟଜନ୍ତୁ ଭୟ ରହୁଛି। ତେଣୁ ବିଦ୍ୟୁତ ସେବା ନଥିବାରୁ ସଂଧ୍ୟା ହେବା ମାତ୍ରେ ଲୋକେ ତାଟି କବାଟ ବନ୍ଦ କରି ଘର ଭିତରେ ରହୁଛନ୍ତି। ଅନ୍ୟପଟେ ବିଦ୍ୟୁତ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହେଉଥିବା ବେଳେ ଲୋକେ କେବଳ ଡିବିରି ଆଲୁଅ ଭରସାରେ ରହୁଛନ୍ତି। ଅନ୍ୟପଟେ ଗ୍ରାମରେ ଗୋଟିଏ ହେଲେ ପୋଖରୀ ନଥିବା ବେଳେ ଗ୍ରାମବାସୀଙ୍କ ବହୁବାର ଦାବି ପରେ ପ୍ରଶାସନ ପକ୍ଷରୁ ଗତକିଛି ମାସ ତଳେ ନୂତନ ପୋଖରୀ ଖନନ ହୋଇଥିଲା।ତେବେ ପୋଖରୀରେ ପାଣି ରହୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଫଳରେ ଗୃହପାଳିତ ପଶୁମାନଙ୍କୁ ଗାଧୋଇବା ସହିତ ଗ୍ରାମବାସୀଙ୍କ ନିତ୍ୟକର୍ମ ସମୟରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ଗ୍ରାମରେ ପୋଖରୀ ପାଣି ନଥିବା ଯୋଗୁଁ ଗ୍ରାମବାସୀ ଗାଁ ଶେଷ ମୁଣ୍ଡରେ ଥିବା ନଦୀ ଉପରେ ନିର୍ଭର କରୁଥିବା କହିଛନ୍ତି।ସେହିପରି ଗ୍ରାମବାସୀ ଜଙ୍ଗଲ ଜମି ପଟ୍ଟା ପାଇଁ ବହୁବାର ପ୍ରଶାସନ ନିକଟରେ ଦାବି କରି ଆସୁଥିବା ବେଳେ ଏଯାବତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗ୍ରାମରେ ବହୁ ଯୋଗ୍ୟ ହିତାଧିକାରୀ ରହିଥିଲେ ମଧ ପ୍ରଶାସନ ପକ୍ଷରୁ ଆବାସ ଗୃହ ଏବଂ ଭତ୍ତା ମିଳୁନଥିବା ଅଭିଯୋଗ କରିଛନ୍ତି। ତେଣୁ ଗାଁରେ ତୁରନ୍ତ ବିଦ୍ୟୁତ ସଂଯୋଗ ଦେବା ସହିତ ନୂତନ ପୋଖରୀ ଖନନ ପାଇଁ ଡିପୁଭଟ୍ଟା ଗ୍ରାମର ଶାକରି ସାନ୍ତା, ଗପ ସାନ୍ତା, ରାମ ସନ୍ତା, ଲଛମନ ସନ୍ତା, ସବନା ସନ୍ତା, ଗବର ସନ୍ତା, ରାତି ସନ୍ତା, ଶିତିଆ ସନ୍ତା, ବରି ସନ୍ତା, କୃଷ୍ଣ ସନ୍ତା, ନକୁଳ ସନ୍ତା, ଶ୍ୟାମ ସନ୍ତା, ଗୁପ୍ତ ସନ୍ତା, କୃଷ୍ଣ ସନ୍ତା ପ୍ରମୁଖ ଦାବି କରିଛନ୍ତି।

# ଅନୁଗୁଳ ରକ୍ତଭଣ୍ଡାରରେ ରକ୍ତ ଅଭାବ: ଦୈନିକ ୪୦ରୁ ୫୦ ୟୁନିଟ୍ ରକ୍ତ ଆବଶ୍ୟକ



ଅନୁଗୁଳ, ୩୦/୫ (ନି.ପ୍ର): ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ କିଛିଦିନ ହେଲା ରକ୍ତର ଅଭାବ ଦେଖାଦେଇଛି। ଗ୍ରୀଷ୍ମରତୁ ହେତୁ ଲୋକମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଲାଗି ରହିଛି। କେବେ କେଉଁଠି ରକ୍ତଦାନ ଶିବିର ଆୟୋଜିତ ହେଲେ କିଛି ରକ୍ତ ସଂଗ୍ରହ କରାଯାଉଛି। ଅଧିକ ଶିବିର ଆୟୋଜିତ ହେଉ ନଥିବାରୁ ଭଣ୍ଡାରରେ ଆବଶ୍ୟକ ପରିମାଣ ରକ୍ତ ଗଚ୍ଛିତ ରହିପାରୁନାହିଁ। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ନପାଇ ତାଙ୍କ ସଂପର୍କୀୟମାନେ ସମସ୍ୟାରେ ପଡୁଛନ୍ତି। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି। ଅନୁଗୁଳ ଜିଲ୍ଲା ସମେତ ଆଖପାଖ ଜିଲ୍ଲାର ରୋଗୀମାନେ ଉତ୍ତମ ଚିକିତ୍ସା ଆଶାରେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏଠାକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଥାଲାସେମିଆ, ସିକିଲସେଲ୍, ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କ ପାଇଁ ରକ୍ତର ଜରୁରୀ ଆବଶ୍ୟକତା ରହିଛି। ଥାଲାସେମିଆ, ସିକିଲସେଲ୍, ଆନିମିଆରେ ପୀଡ଼ିତ ରୋଗୀମାନେ ପ୍ରତିମାସରେ ରକ୍ତ ନେବା ଆବଶ୍ୟକ ହୋଇଥାଏ। ସେମାନଙ୍କ ବ୍ୟତୀତ ଅନ୍ୟ ଗୁରୁତର ରୋଗୀଙ୍କ ପାଇଁ ମଧ ରକ୍ତ ଦରକାର ପଡୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ୪୦ରୁ ୫୦ ୟୁନିଟ୍ ରକ୍ତ ଆବଶ୍ୟକ ହେଉଛି। ଗତ ଦୁଇମାସ ହେଲା ବିଭିନ୍ନ କାରଣରୁ ରକ୍ତଦାନ ଶିବିର ଆୟୋଜିତ ହୋଇପାରୁନାହିଁ। ତାହା ଭିତରୁ ଏକ ମୁଖ୍ୟ କାରଣ ହେଉଛି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ। ଏଥିଯୋଗୁଁ ଲୋକମାନେ ରକ୍ତ ଦାନ କରିବା ପାଇଁ ଆଗ୍ରହୀ ହୋଇନାହାନ୍ତି। ଗତବର୍ଷ ଗ୍ରୀଷ୍ମରତୁଠାରୁ କମ୍ ରକ୍ତ ଚଳିତବର୍ଷ ଗ୍ରୀଷ୍ମରତୁରେ ସଂଗ୍ରହ ହୋଇଛି। ରୋଗୀ ବେଡ୍‌ରେ ପଡ଼ିଥିବାବେଳେ ତାଙ୍କ ସମ୍ପର୍କୀୟ ରକ୍ତ ଭଣ୍ଡାର ସାମ୍ନାରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି। କାହାକୁ ବହୁ କଷ୍ଟରେ ରକ୍ତ ମିଳୁଛି ତ କାହାକୁ ନାହିଁ। କେହି ନିଜଆଡୁ ରକ୍ତଦାତା ଆଣି ରକ୍ତ ବିନିମୟ କରାଇବାକୁ ଚାହିଲେ ବି ଆବଶ୍ୟକ ଗ୍ରୁପ୍‌ର ରକ୍ତ ମିଳିବା କଷ୍ଟକର ହେଉଛି। ପୂର୍ବରୁ କୌଣସି ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଆବଶ୍ୟକ ହେଲେ ଜିଲ୍ଲାର ଅନ୍ୟ ରକ୍ତ ଭଣ୍ଡାରରୁ ରକ୍ତ ଆଣି ଦିଆଯାଉଥିଲା। କିନ୍ତୁ ଗତ ୩ ମାସ ହେଲା ଅନ୍ୟ ରକ୍ତ ଭଣ୍ଡାରରୁ ରକ୍ତ ଆଣିବା ସମ୍ଭବ ହେଉନାହିଁ ବୋଲି ଅନୁଗୁଳ ରକ୍ତଭଣ୍ଡାର ଟେକ୍‌ନିସିଆନ୍ ସନ୍ତୋଷ କୁମାର ସିଂହ କହିଛନ୍ତି। କାରଣ ସବୁ ଅଞ୍ଚଳରେ ସମାନ ଅବସ୍ଥା। ଅନ୍ୟ ରକ୍ତ ଭଣ୍ଡାରରେ ମଧ ରକ୍ତ ଅଭାବ ରହୁଛି। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିକିଲ୍‌ସେଲ୍, ଥାଲାସେମିଆ ରୋଗୀଙ୍କ ପାଇଁ ପ୍ରତିଦିନ ୨୦ରୁ ଅଧିକ ୟୁନିଟ୍ ରକ୍ତ ଆବଶ୍ୟକ ପଡୁଛି। ଏଠାରେ ରକ୍ତ ନଥିଲେ ରକ୍ତ ଭଣ୍ଡାର ପକ୍ଷରୁ ନିୟମିତ ରକ୍ତଦାତାମାନଙ୍କୁ ଫୋନ୍‌ରେ ଅନୁରୋଧକରି ଡକାଯାଉଛି। ସେମାନେ ଆସିଲେ ରକ୍ତ ସଂଗ୍ରହକରି ରୋଗୀଙ୍କୁ ଦିଆଯାଉଛି ବୋଲି ଟେକ୍‌ନିସିଆନ୍ ଶ୍ରୀ ସିଂହ ପ୍ରକାଶ କରିଛନ୍ତି। ଶରୀରରେ ରକ୍ତର ଅଭାବ ହେଲେ ରୋଗୀ ବଞ୍ଚିବା କଷ୍ଟକର। ତେଣୁ ରକ୍ତଦାନ ଜୀବନଦାନ ବୋଲି କୁହାଯାଉଛି। ଏ ପରିସ୍ଥିତିରେ ଅଧିକ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ପ୍ରଶାସନ ପକ୍ଷରୁ ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଝରିଗାଁରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୭୪ ୟୁନିଟ ରକ୍ତ ସଂଗ୍ରହ




ଝରିଗାଁ, ୩୦/୫ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ସମ୍ବାଦ ଆମ ଓଡ଼ିଶା ଓ ଝରିଗାଁ ସିଏଚସି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡା ଏବଂ ନବରଙ୍ଗପୁର ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସଞ୍ଜୟ କବରା,ପିଏଚଇଓ ଗୋପାଳ କୃଷ୍ଣ ପାଢ଼ୀ ସହ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିରକୁ ଉଦ୍ଘାଟନ କରିଥିଲେ। ପ୍ରଥମେ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡା ଏବଂ ଯୁବ ଆଇନ ଜୀବୀ ଅରୁଣ କୁମାର ସିଂ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ।ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଡାକ୍ତର ଚନ୍ଦନ ସାହୁ,ଭିଭୁ ଭୂଷଣ ଦାସ,ଶୌର ଭିତ ନାୟକ,ବିପିଏମ ପ୍ରିୟଙ୍କା ସିଲ ପ୍ରମୁଖ ସହ ଅନ୍ୟ କର୍ମଚାରୀ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ସେହିପରି ଶିବିରରେ ବାଣୁଆଗୁଡା ସରପଞ୍ଚ ଲକ୍ଷ୍ମୀ ପୂଜାରୀ, ଆଶା ଦିଦି ବିମଳା ହରିଜନ,ଆଶମତୀ ମାଝୀ ପ୍ରମୁଖ ସହ ଚାରି ଜଣ ମହିଳା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ନବରଙ୍ଗପୁର ଜିଲ୍ଲା ରକ୍ତ ଭଣ୍ଡାର କର୍ମଚାରୀ ଡାକ୍ତର ସଞ୍ଜୟ କବରା, ରାହୁଲ ଦେବ ବରେଇ, ମାଟିନ ଛତର,ସମ୍ବିତ ମିଶ୍ର,କୁମୁଲୁ ବରବରୀ ପ୍ରମୁଖ ସହ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଟିଏଚଓ ସସ୍ମିତା ପରିଡା, ଅଭିଜିତ ମହାନ୍ତି, ସୁଶାନ୍ତ କୁମାର ପାହାଡ଼ି ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ।ଶିବିରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ,ଜନ ପ୍ରତିନିଧି,ମହିଳା, ପୁରୁଷ, ଯୁବକ, ଯୁବତୀ,ଗ୍ରାମବାସୀ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।ସେହିପରି ବହୁ ମହିଳା,ଯୁବତୀ ଏବଂ ଯୁବକ ଆଗ୍ରହ ସହ ଆସିଥିଲେ ମଧ ବିଭିନ୍ନ କାରଣ ଯୋଗୁଁ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ପାରି ନଥିଲେ।

# ଲାଞ୍ଜିଗଡ ବ୍ଲକ ବିଜେପୁରରେ ପାନୀୟ ଜଳ ସଙ୍କଟ: ପ୍ରଶାସନ ନିରବ ଦ୍ରଷ୍ଟା

ଭବାନୀପାଟଣା, ୩୦/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଂଚାୟତ ଅନ୍ତର୍ଗତ ବିଜେପୁର ବଜାରପଡାରେ ଦୀର୍ଘ ବର୍ଷ ହେବ ପାଣି ସମସ୍ୟା ଦେଖା ଦେଇଛି ହେଲେ ଏହି ସମସ୍ୟାକୁ ନେଇ ପଂଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲା ପରେ ମଧ ପ୍ରଶାସନ ଏଯାଏଁ କୌଣସି ବ୍ୟବସ୍ଥା ନ କରିବାରୁ ଜଳ କଷ୍ଟ ଭୋଗିବାକୁ ପଡୁଛି ବୋଲି ବିଜେପୁର ବଜାର ପଡା ବାସି ମତ ପ୍ରକାଶ କରିଛନ୍ତି। ଏହି ପଡ଼ାରେ ହାରାହାରି ୩୫ ଘର ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବେଳେ ଗୋଟିଏ ମାତ୍ର ନଳକୂପ ଅଛି ହେଲେ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନ ଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବା ଚିତ୍ର ସାମ୍ନାକୁ ଆସୁଛି। ଉକ୍ତ ପଡ଼ାରେ ବୁଧବାର ବଜାର ବସେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ଛୋଟ ପାଣି ଟାଙ୍କିର ବ୍ୟବସ୍ଥା ମଧ କରାଯାଇଥିଲା ହେଲେ ଅଚଳ ହେବାର ୨ ବର୍ଷ ହୋଇ ଗଲାଣି ଏବେ ଯାଏଁ ମରାମତି ହୋଇ ପାରିନାହିଁ। ଯାହାଫଳରେ ବଜାରକୁ ଆସୁଥିବା ଲୋକେ ମଧ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଜେପୁର ବଜାରପଡା ଓ ବଜାରରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସି ପଞ୍ଚାୟତ ଓ ବ୍ଲକ ପ୍ରଶାସନଙ୍କୁ ଗୁହାରି କରିଛନ୍ତି। ତେବେ ପ୍ରଶାସନ କେବେ ଉକ୍ତ ପଡା ବାସିଙ୍କ ସମେତ ବଜାରରେ ପାନୀୟ ଜଳ ବ୍ୟବସ୍ଥା କରୁଛି ତାହା ଦେଖିବାକୁ ବାକି ରହିଲା।

# ନାବାଳିକାଙ୍କୁ ଧର୍ଷଣ ଉଦ୍ୟମ ପରେ ବୀଭତ୍ସ ହତ୍ୟା ଘଟଣା: ଅଭିଯୁକ୍ତ ଆଜୀବନ କାରାଦଣ୍ଡରେ ଦଣ୍ଡିତ



ସୁନ୍ଦରଗଡ, ୩୦/୫ (ନି.ପ୍ର): ନାବାଳିକାଙ୍କୁ ଧର୍ଷଣ ଉଦ୍ୟମ ପରେ ବିଭତ୍ସ ହତ୍ୟା ଘଟଣାର ଶୁଣାଣିରେ ଅଭିଯୁକ୍ତ ସୁମିତ ମିଞ୍ଜଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ ସୁନ୍ଦରଗଡ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ । ୧୦.୦୨.୨୦୧୭ ରେ ସୁନ୍ଦରଗଡ ତଳସରା ଥାନା କଣ୍ଟାବହାଲ ଗାଁରେ ୧୧ ବର୍ଷର ନାବାଳିକା ସାଙ୍ଗମାନଙ୍କ ସହିତ ଖେଳୁଥିବା ସମୟରେ ଅଭିଯୁକ୍ତ ତାକୁ ସେହି ସ୍ଥାନରୁ ଟେକି ନେଇ ନିକଟସ୍ଥ ଜଙ୍ଗଲରେ ଧର୍ଷଣ ଉଦ୍ୟମ କରିବା ସମୟରେ ନାବାଳିକା ଚିତ୍କାର କରିବାରୁ ପ୍ରଥମେ ବେକ ଚିପି ହତ୍ୟା କରିବା ପରେ ପଥରରେ ଛେଚି ଦେଇଥିଲା। ଏହା ପରେ ବିଭତ୍ସ ଭାବରେ ଚାପଡରେ କାଟି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦେଇଥିଲା । ଗୁରୁବାର ଏହି ଘଟଣାର ଶୁଣାଣୀ କରି ସୁନ୍ଦରଗଡ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହିତ ୨୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଆହୁରି ଏକ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ପିପି ଦେବାଶିଷ ମିଶ୍ର ଏହି ମାମଲା ପରିଚାଳନା କରିଥିଲେ।

# ଲକ୍ଷ୍ମୀପୁର ବ୍ଲକ୍‌ରେ ଆନ୍ଥ୍ରାକ୍ସ ଆତଙ୍କ: ପରୀକ୍ଷା ପାଇଁ ୨ଜଣଙ୍କ ରକ୍ତ ନମୁନା କୋରାପୁଟ ପଠାଗଲା



ଲକ୍ଷ୍ମୀପୁର, ୩୦/୫ (ନି.ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ କୁଟିଙ୍ଗା ପଞ୍ଚାୟତ ସଦର ଗାଁରେ ଆନ୍ଥ୍ରାକ୍ସ ଆତଙ୍କ ଦେଖିବାକୁ ମିଳିଛି। ଏହି ଗ୍ରାମର ମୁକୁନା ମିଣିଆକା ଓ ଉକୁ ମିଣିଆକାଙ୍କ ନିକଟରେ ଆନ୍ଥ୍ରାକ୍ସ ଲକ୍ଷଣ ଦେଖାଯିବା ପରେ ପ୍ରତିଷେଧକ ପଦକ୍ଷେପ ନିଆଯାଇଛି। ଉଭୟଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜକୁ ପଠାଯାଇଛି। ମିଳିଥିବା ସୂଚନା ଅନୁସାରେ, ଦୁହିଁଙ୍କୁ ମଙ୍ଗଳବାର ଦିନ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ଚିକିତ୍ସା ଆରମ୍ଭ ହେବାର କିଛି ଘଣ୍ଟା ପରେ ଦୁହେଁ କାହାକୁ କିଛି ନ କହି ଡାକ୍ତରଖାନା ବାହାରକୁ ଚାଲି ଆସିଥିଲେ। ଚିକିତ୍ସା ନ କରାଇ ବର୍ତ୍ତମାନ ନିଜ ନିଜ ଘରେ ରହିଥିବା ସୂଚନା ମିଳିଛି। ତେବେ, ଏହି ଖବର ଶୁଣିବାପରେ ଜିଲ୍ଲାସ୍ତରୀୟ ଡାକ୍ତରୀ ଦଳ କୁଟିଙ୍ଗା ଗାଁକୁ ଯାଇଥିଲେ। ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଔଷଧ ବଣ୍ଟନ କରି ଫେରିଯାଇଛନ୍ତି। ଆଜି ପୁଣି ଲକ୍ଷ୍ମୀପୁର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଦଳ କୁଟିଙ୍ଗ ଗ୍ରାମ ଗସ୍ତ କରି ଡାକବାଜି ଯନ୍ତ୍ରରେ ଲୋକଙ୍କୁ ମଲା ପଶୁଙ୍କ ମାଂସ ନଖାଇବା ସକାଶେ ସଚେତନ କରିଥିବା ଦେଖିବାକୁ ମିଳିଛି।

# ପାଳୁଅ ଚାଷ ଓ ପ୍ରସ୍ତୁତି: ଗ୍ରୀଷ୍ମରେ ପାଳୁଅର ଚାହିଦା ଢେର



ମାଲକାନଗିରି, ୩୦/୫ (ନି.ପ୍ର): ଆସହ୍ୟ ଗରମରେ ଲୋକ ଆଉଟୁପାଉଟୁ। ଲୋକେ ଏବେ ପାଳୁଅ ଉପରେ ଭରସା କଲେ।ରାଜ୍ୟର ଭୁବନେଶ୍ୱର ଓ ଟିଟଲାଗଡକୁ ଛାଡିଦେଲେ ମାଲକାନଗିରିରେ ମଧ ଉତ୍ତାପ ରେକର୍ଡ ଛୁଇଁଥାଏ। ଏହି ସମୟରେ ଜିଲ୍ଲାବାସୀ ଗରମରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାନୀୟ ଉପରେ ବିଶେଷ ଭାବେ ନିର୍ଭର କରିଥାନ୍ତି।କାକୁଡି, ତରଭୁଜ, ପଇଡ ଠାରୁ ଆରମ୍ଭ କରି ବଜାରରେ ମିଳୁଥିବା ଥଣ୍ଡାପାନୀୟ ଉପରେ ମଧ ଅଧିକା ନିର୍ଭର କରିଥାନ୍ତି।ପୁଣି ଲୋକେ ଦେହକୁ ଶୀତଳ ରଖିବ ପାଇଁ ବିଭିନ୍ନ ପ୍ରାକୃତିକ ଔଷଧୀୟ ଜିନିଷ ବ୍ୟବହାର କରିଥାନ୍ତି। ସେଗୁଡିକ ମଧରେ ପାଳୁଅ ଅନ୍ୟତମ। ଏହା ସେବନ କରିବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଏହାର ଔଷଧୀୟ ଗୁଣ ରହିଥିବାରୁ ବିଭିନ୍ନ ସମୟରେ ଏହାକୁ ଔଷଧ ରୂପେ ମଧ ବ୍ୟବହାର କରାଯାଇଥାଏ।ଏହା ବହୁଳ ପରିମାଣରେ ବଜାରରେ ମିଳୁନଥିବା ବେଳେ ଲୋକେ ନିଜ ଘରେ ଏହାକୁ ସାଇତି ରଖି ବର୍ଷ ସାରା ବିଭିନ୍ନ ସମୟରେ ଏହାକୁ ବ୍ୟବହାର କରିଥାନ୍ତି। ତେବେ ମାଲକାନଗିରିରେ ଯଥେଷ୍ଟ ଭାବରେ ପାଳୁଅ ମିଳୁନଥିବାରୁ ବାହାର ଜିଲ୍ଲାରୁ ବେପାରୀମାନେ ଆସି ଏଠାରେ ପସରା ମେଲାଇଥାନ୍ତି। ଲୋକେ ମଧ ଏହି ସୁଯୋଗରେ ପାଳୁଅ କିଣି ନେଉଥିବାରୁ ଏହାର ଚାହିଦା ମଧ ଦିନକୁ ଦିନ ବଢିବାରେ ଲାଗିଛି। ଗ୍ରୀଷ୍ମ ଋତୁରେ ମାଲକାନଗିରିରେ ପ୍ରବଳ ଗରମ ହେଉଥିବାର ସୁଯୋଗ ନେଇ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରୁ ପାଳୁଅ ଆଣି ଏଠାରେ ବିକ୍ରି କରାଯାଇଥାଏ। ଏମାନଙ୍କ କହିବା ଅନୁଯାୟୀ ଏମାନେ ପ୍ରତିବର୍ଷ ମାଲକାନଗିରିକୁ ପାଳୁଅ ବେପାର କରିବାକୁ ଆସିଥାନ୍ତି। କୋରାପୁଟ ଜିଲ୍ଲା ଅପେକ୍ଷା ମାଲକାନଗିରି ଜିଲ୍ଲାରେ ସବୁଠାରୁ ବେଶୀ ପାଳୁଅ ବ୍ୟବସାୟ ହୋଇଥାଏ। ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ଲୋକେ ପ୍ରଚୁର ମାତ୍ରାରେ ପାଳୁଅ କିଣି ନେଉଥିବାରୁ ଏଠାରେ ଦିପଇସା ଲାଭ ହୋଇଥାଏ। କୋରାପୁଟ ଜିଲ୍ଲାରେ ବେଶୀ ପରିମାଣରେ ପାଳୁଅ ଚାଷ କରାଯାଇଥାଏ। ପ୍ରାୟତଃ କୋରାପୁଟ ଜିଲ୍ଲାର ମାଳି ସଂପ୍ରଦାୟର ଲୋକ ବାସ କରୁଥିବା ଗ୍ରାମଗୁଡିକରେ ପାଳୁଅ ଚାଷ କରାଯାଇଥାଏ। ଏବେ ମାଲକାନଗିରିରେ ମଧ ଚାଷୀ ଏହି ବେପାର ଶିଖିଗଲେଣି। ନିଜର ସ୍ୱଳ୍ପ ଜମିରେ ପାଳୁଅ ଚାଷ କରି ବେଶ ଲଭାବାନ ହେଲେଣି। ଏକ ଏକର ଜମିରେ ପ୍ରାୟ ଏକଶହ କ୍ୱିଣ୍ଟାଲ ପାଳୁଅ କନ୍ଦା ଉତ୍ପାଦନ କରାଯାଇଥାଏ।ଏପ୍ରିଲ ମାସ ଆରମ୍ଭ ବେଳକୁ ଜମିରୁ ପାଳୁଅ ଖୋଳି ବାହାର କରାଯାଇଥାଏ। ସେହି କନ୍ଦାକୁ ଟିକି ଟିକି କରି କଟାଯାଏ। କିନ୍ତୁ ବର୍ତ୍ତମାନ ଏହି କନ୍ଦାକୁ ଗୁଣ୍ଡ କରିବା ପାଇଁ ସ୍ୱତନ୍ତ୍ର ମିଲ ବ୍ୟବହାର କରାଯାଉଥିବାରୁ ସହଜରେ ଅଳ୍ପ ସମୟରେ ପ୍ରଚୁର ପରିମାଣରେ କନ୍ଦାକୁ ଗୁଣ୍ଡ କରାଯାଇପାରୁଥିବା କୁହାଯାଇଥିଲା।ଏହି ଗୁଣ୍ଡକୁ ସଫା କନାରେବାନ୍ଧି ଗୋଟିଏ ରାତିରେ ପାଣିରେ ବତୁରାଯାଏ।ଯେଉଁ ପାଣି ବାହାରେ ସେହି ପାଣିକୁ କିଛି ଘଣ୍ଟା ରଖିଦେଲା ପରେ ତାହା ଟାଣ ହୋଇଯାଇଥାଏ। ଏହାକୁ ପରେ ଗୁଣ୍ଡକରି ବଜାରକୁ ବିକ୍ରି ପାଇଁ ଅଣାଯାଇଥାଏ। ତେବେ ବହୁ ବର୍ଷ ପୂର୍ବେ ଜଂଗଲରୁ କନ୍ଦା ସଂଗ୍ରହ କରାଯାଇ ପାଳୁଅ ପ୍ରସ୍ତୁତ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଲୋକେ ନିଜ ଜମିରେ ପାଳୁଅ ଚାଷକରି ବେଶ ରୋଜଗାରକ୍ଷମ ହୋଇପାରୁଛନ୍ତି ଏବଂ ବେଶ ଦିପଇସା ଲାଭ ମଧ ପାଇପାରୁଛନ୍ତି। ପାଳୁଅକୁ ଯେ ଲୋକେ କେବେଳ ଗ୍ରୀଷ୍ମ ଋତୁରେ ବ୍ୟବହାର କରୁଛନ୍ତି ତାହା ନୁହେଁ ବରଂ ତରଳ ଝାଡା ଭଳି କେତେକ ରୋଗର ଉପସମ ପାଇଁ ମଧ ପାଳୁଅ ବ୍ୟବହାର କରାଯାଇଥାଏ। ଏହା ଏକ ପ୍ରାଚୀନ ପଦ୍ଧତି ହୋଇଥିଲେ ମଧ ଏବେ ବି ଲୋକେ ଘରେ ଘରେ ଏହି ପଦ୍ଧତିରେ ଚିକିତ୍ସା କରିଥାନ୍ତି। ବିଭିନ୍ନ ପର୍ବପର୍ବାଣୀରେ ଉପବାସ କରୁଥିବା ଲୋକ ପାଳୁଅକୁ ଘାଣ୍ଟି ଖାଇଥାନ୍ତି। ବିଭିନ୍ନ ଦିଗରୁ ପାଳୁଅ ଲୋକଙ୍କ ପାଇଁ ବିଶେଷ ଉପକାରୀ ସାମଗ୍ରୀ ହୋଇଥିବାରୁ ଲୋକେ ଏହାକୁ ସାଇତି ରଖୁଥିବାର ଦେଖିବାକୁ ମିଳିଛି। ଏହାର ସବୁବେଳେ ଗୁରୁତ୍ୱ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ।

# କାଟିଦେଲେ ୧୦୩ ବିଶାଳ ଗଛ: ଏବେ ଛାଇ ଟିକେ ପାଇଁ ପଥଚାରୀ ହନ୍ତସନ୍ତ

ରା.ଉଦୟଗିରି, ୩୦/୫ (ନି.ପ୍ର): ଗଜପତି ଜିଲ୍ଲା ଖଜୁରିପଦା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଦୋଘରିଆ ପର୍ଯ୍ୟନ୍ତ ପ୍ରାୟ ୩ କିମି ଦୂର ମଧ୍ୟରେ ରାସ୍ତାକଡ଼ରେ ଥିବା ୧୦୩ ବହୁ ମୂଲ୍ୟବାନ ବିଶାଳ ଗଛକୁ କାଟି ଦିଆଯାଇଛି। ଶାଳ, ପିଆଶାଳ, ଆମ୍ବ, ପଣସ ଭଳି ମୂଲ୍ୟବାନ ଗଛଗୁଡ଼ିକୁ କାଟି ଦିଆଯାଇ କେବଳ ଥୁଣ୍ଟା ଗଣ୍ଡି ରହିଛି। ଉଦ୍‌ବେଗର ବିଷୟ, ରାସ୍ତା ଚଉଡ଼ା ପାଇଁ ଗଛ କାଟିଥିବା ଯୁକ୍ତି ଦର୍ଶାଯାଉଛି, କିନ୍ତୁ ପିଚୁ ପଡ଼ିସାରିବା ପରେ ଏତେ ସଂଖ୍ୟକ ଗଛ କାହିଁକି ଓ କାହା ନିର୍ଦ୍ଦେଶରେ କଟାଗଲା ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଗରମରେ ଦେହମୁଣ୍ଡ ସିଝି ଯାଉଛି। ଦୋଘରିଆ ଆଶ୍ରମ ଉଚ୍ଚ ବିଦ୍ୟାଳୟ ଓ ଡା.ଆମ୍ବେଦକର ଯୁକ୍ତ ୩ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା କାଳ ସାଜିଛି। ରାସ୍ତାରେ ଗଛ ଥିଲା ବେଳେ ଛାଇ ଟିକେ ମିଳୁଥିଲା। ହେଲେ, ଏବେ ବଡ଼ କଷ୍ଟରେ ସେଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର କଥା ହେଲା, ରାସ୍ତା ତ ତିଆରି ହେବା ପାଇଁ ପ୍ରଥମେ ପିଚୁ କାମ ହେଲା। ଗଛଗୁଡ଼ିକ କୌଣସି ବାଧକ ସାଜି ନ ଥିଲା। ରାସ୍ତା ନିର୍ମାଣ ହେବା ପରେ ଏତେଗୁଡ଼ିଏ ଗଛକୁ କାହିଁକି କାଟି ଦିଆଗଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଯଦି ରାସ୍ତା ଓସାର କରିବାର ଥିଲା ତେବେ ପ୍ରଥମେ ଗଛ କଟା ହେବା କଥା। କିନ୍ତୁ, ପିଚୁ ରାସ୍ତା କାମ ସରିବା ପରେ ଗଛ କଟାଯାଇ ଥିବାରୁ କେଉଁ ଉଦ୍ଦେଶ୍ୟରେ ଏଭଳି ଶତାଧିକ ବର୍ଷ ପୁରୁଣା ମୂଲ୍ୟବାନ ଗଛଗୁଡ଼ିକୁ କାଟି ଦିଆଗଲା ବୋଲି ଏକ ପ୍ରଶ୍ନ ସେମାନଙ୍କୁ ବ୍ୟଥିତ କରିଛି। ଏ ନେଇ ରା.ଉଦୟଗିରି ପୂର୍ତ୍ତବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେମାନଙ୍କ ଯୁକ୍ତି କହିଲେ, ପିଚୁ ରାସ୍ତା ସିନା ହେଇଗଲା, ଡ୍ରେନ୍ କାମ ତ ଅଛି। ସେଥିପାଇଁ କଟାଗଲା। ରାସ୍ତା ତିଆରି ପୂର୍ବରୁ ଗଛ କଟା ହେବା ପାଇଁ ଚିହ୍ନଟ ସରିଥିଲା। ବିଦ୍ୟୁତ ବିଭାଗ କ୍ଲିୟରାନ୍ସ ମିଳିବା ପରେ ଆଉ ଦୁଇଟି ଗଛ କଟାଯିବ ବୋଲି ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ ପକ୍ଷରୁ କୁହାଯାଇଛି। ତେବେ, ଦିନକୁ ଦିନ ଖରା ?ର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶତାଧିକ ବର୍ଷର ବଡ଼ ବଡ଼ ବୃକ୍ଷ ନ କାଟି ତା ପାଖ ଦେଇ ନାଳ ନିର୍ମାଣ କରାଯାଇଥିଲେ ଅସୁବିଧା କୋଉଠି ରହିଥାନ୍ତା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

# କଂଗ୍ରେସ ପ୍ରଚାର ଗାଡ଼ି ଓଲଟିଲା



ଲଙ୍ଗଳେଶ୍ୱର, ୩୦/୫ (ନି.ପ୍ର): ଭାରସାମ୍ୟ ହରାଇବାରୁ ଓଲଟିଲା କଂଗ୍ରେସ ପ୍ରଚାର ଗାଡି। ବିଜୁ ଜନତା ଦଳ ସରକାର ୨୫ ବର୍ଷ ଧରି ରାଜ୍ୟରେ ଶାସନ ଦାୟିତ୍ୱରେ ଥିବାବେଳେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ଅସମର୍ଥ ହୋଇ ଥିବା ଦେଖିବାକୁ ମିଳୁଛି। ତେବେ ଗାଁ କୁ ରାସ୍ତା ନଥିବା ଯୋଗୁଁ କଂଗ୍ରେସର ପ୍ରଚାର ଗାଡି ପୋଖରୀରେ ଓଲଟି ପଡିଥିବା ଦେଖିବାକୁ ମିଳିଛି। ଏପରି ଘଟଣା ଘଟିଛି କଷାଫଳ ପଞ୍ଚାୟତର ବାର ମାଣିଆ ଦାସ ସାହିରେ। କଂଗ୍ରେସର ପ୍ରଚାର ଗାଡି ରାସ୍ତାରେ ଯାଉଥିବା ବେଳେ ସଂକୀର୍ଣ୍ଣ ରାସ୍ତା ଯୋଗୁ ରାସ୍ତା କଡ଼ରେ ଥିବା ପୋଖରୀକୁ ଗାଡି ଟି ଓଲଟି ପଡିଥିଲା। ତେବେ ସ୍ଥାନୀୟ ବାସିନ୍ଦା ରସି ଲଗାଇ ଅଟୋଟିକୁ ବହୁ କଷ୍ଟରେ ପୋଖରୀରୁ ବାହାର କରିଥିଲେ।

# ଭୋଟଗଣତି ପାଇଁ ଅଧିକାରୀଙ୍କୁ ତାଲିମ

ବଲାଙ୍ଗୀର, ୩୦/୫ (ନି.ପ୍ର): ଚଳିତ ଏକକାଳୀନ ସାଧାରଣ ନିର୍ବାଚନରେ ସମସ୍ତ ଆଶାୟୀ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟଗ୍ରହଣ ୨୦ ମଇରେ ହୋଇଥିବାବେଳେ ଆସନ୍ତା ଜୁନ ୪ରେ ହେବାକୁ ଥିବା ଭୋଟଗଣତି ପାଇଁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ସହର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ସମସ୍ତ ଭୋଟ ଗଣତି କେନ୍ଦ୍ର ପାଇଁ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଉଭୟ ଲୋକସଭା ଓ ବିଧାନସଭା ଭୋଟ ଗଣନା ନିମନ୍ତେ ଅଣୁପର୍ଯ୍ୟବେକ୍ଷକ, କାଉଟିଂ ସୁପରଭାଇଜର ଏବଂ ଆସିଷ୍ଟାଣ୍ଟମାନଙ୍କୁ ନେଇ କାଉଂଟି ଦଳଗୁଡ଼ିକୁ ଗଠନ ହୋଇଛି। ଭୋଟ ଗଣନା ସହ ଇଭିଏମ, ଭିଭିପାଟ, ଭୋଟର ସ୍ଲିପ୍ ଏବଂ ବ୍ୟବହାର ହୋଇନଥିବା ପୋଷ୍ଟାଲ ବାଲାଟଗୁଡ଼ିକୁ ସିଲ୍ କରିବା ପ୍ରଣାଳୀ ବାବଦରେ ତାଲିମ ଦିଆଯିବ। ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ଦ୍ୱାରା କାଉଟିଂ ଦଳଗୁଡ଼ିକୁ ୨ ପର୍ଯ୍ୟାୟରେ ୨ ଦିନ ତାଲିମ ଦେବେ। ଏହି ତାଲିମ ୧୧ ଜଣ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୧୧ଟି କକ୍ଷରେ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ତାଲିମ ଦିଆଯାଉଛି। ପ୍ରଥମେ ପୋଷ୍ଟାଲ ବାଲାଟଗୁଡ଼ିକର ଗଣତି ହେବ। ପରେ ଇଭିଏମ୍‌ରେ ଭୋଟ୍ ଗଣନା କରାଯିବ। ଶେଷରେ ଭିଭିପାଟ ଚିରକୁଟଗୁଡ଼ିକ ଗଣନା ହେବ। ଏହି ପ୍ରକ୍ରିୟାରେ ପ୍ରାର୍ଥୀଙ୍କ ଏଜେଂଟ, ଅଣୁପର୍ଯ୍ୟବେକ୍ଷକ, କାଉଟିଂ ସୁପରଭାଇଜର ଏବଂ ସହାୟକ ଉପସ୍ଥିତି ରହିବେ। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ଇଞ୍ଜିନିୟରମାନେ ମଧ୍ୟ ଗଣନାସ୍ଥଳରେ ରହିବେ। ଡେମୋ ତଥା ସଚେତନତା ଇଭିଏମ, ଭିଭିପାଟ ଦ୍ୱାରା ଶୃଙ୍ଖଳିତ ଗଣନା ପାଇଁ ତାଲିମ ଶିବିରରେ ସମସ୍ତ ଗଣନା କେନ୍ଦ୍ର ପାଇଁ ନିୟୋଜିତ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଭଂଜସେନା' ହିଁ ମୟୂରଭଂଜର ବଳ : ରବିନ ମହାନ୍ତି

ଉଦଳା, ୩୦/୫ (ନି.ପ୍ର): ଭଂଜସେନା ସମର୍ଥିତ ମୟୂରଭଂଜ ଲୋକସଭା ପ୍ରାର୍ଥୀ ବାଜୁନ ହାଁସଦାଙ୍କ ଉପସ୍ଥିତିରେ ଚଳିତ ମେ ୨୯ ତାରିଖ ବୁଧବାର ଦିନ ନିକଟସ୍ଥ କାଳଡ଼ିଆମ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଭଂଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି ଉକ୍ତ ସଭାରେ ଅଧକ୍ଷତା କରି ମୟୂରଭଂଜର ବଳ କହିଲେ ଭଂଜସେନାକୁ ବୁଝାଇଥାଏ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ରଶାଖା ସଭାପତି କିଷାନ କୁମାର ସାହୁ, ମୟୂରଭଂଜ ପାଇଁ କେବଳ ଭଂଜସେନା ହିଁ ସ୍ୱର ଉତୋଳନ କରିଥାଏ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ମହିଳା ଶାଖା ସଭାପତି କନିକା ବୋଷ, ଉପାଧକ୍ଷ ଜିତେନ୍ଦ୍ର ହେମ୍ବ୍ରମ ଓ ଆଦିବାସି ସେଲ ସଭାପତି ସଂଜୟ ହାଁସଦା ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପରେ ପ୍ରାର୍ଥୀ ବାଜୁନ ହାଁସଦା କପ୍ତିପଦା ଉପଖଣ୍ଡ ବାସୀ ଆଜକୁ ଦିର୍ଘ ୧୫ ବର୍ଷ ତଳୁ କେନ୍ଦ୍ରୀୟ ବିଦ୍ୟାଳୟ ଦାବି କରିଆସୁଛନ୍ତି। ଅଥଚ ତାହା ଏପର୍ଯ୍ୟନ୍ତ ପୁରଣ ହୋଇପାରିଲା ନାହିଁ। ସେହିପରି ଉଦଳା ଏନ୍.ଏସି କୁ ୫୦ ବର୍ଷ ପୁରି ଯାଇଥିଲେ ମଧ୍ୟ ଏହା ମ୍ୟୁନସିପାଲଟିରେ ପରିଣତ ହୋଇପାରିଲା ନାହିଁ। ଆବଶ୍ୟକତା ଦୃଷ୍ଟିରୁ ଉଦଳାକୁ ଜାତୀୟ ରାଜପଥ ଓ ରେଳପଥର ସଂଯୋଗ ଜରୁରୀ ହୋଇପଡ଼ିଛି। ଏହା ମଧ୍ୟ ପୁରଣ ହୋଇପାରିଲା ନାହିଁ। କପ୍ତିପଦା ଉପଖଣ୍ଡର ଉଦଳା ଉଚ୍ଚ ବିଦ୍ୟାଳୟ ଏକମାତ୍ର ବିଦ୍ୟାଳୟ ଅଟେ ଯେଉଁଠି ଜାତୀୟ ସମର ଶିକ୍ଷାର୍ଥି ବାହିନି ରହିଥିଲା। ଅଥଚ ଚଳିତ ବର୍ଷ ଏହା ଏଠାରୁ ଉଠିଗଲା। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଅଟେ ବୋଲି ବ୍ୟକ୍ତ କରିଥିଲେ। ବୈଠକର ପ୍ରାରମ୍ଭରେ ମହିଳା ଶାଖା ସଂପାଦିକା ସୁଭଦ୍ରା ହେମ୍ବ୍ରମ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଗଜେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ ପଦଯାତ୍ରା ସ୍ମାରକୀ ଦିବସ ପାଳିତ

କେନ୍ଦ୍ରାପଡ଼ା, ୩୦/୫ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ଐତିହାସିକ କେନ୍ଦ୍ରାପଡ଼ା ଆଗମନ ଓ ରହଣୀର ସ୍ମାରକୀ ଦିବସ ବିଶିଷ୍ଟ ଗାନ୍ଧିବାଦୀ ଆଦର୍ଶ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଗରାପୁର ସ୍ଥିତ ଗାନ୍ଧିଜୀଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସଂଗଠନର ସଭାପତି ଅଧାପକ ଅଜୟ ସାମଲଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂପାଦକ ଆଦିକନ୍ଦ ରାଉଳ, ରବିନ୍ଦ୍ର ପ୍ରସାଦ ଜେନା, ଆଇନଜୀବି ରମଣୀ ରଂଜନ ରାଉତରାୟ, ଗୟାଧର ଧଳ, ଶରତ କୁମାର ରାଉତ, ଶ୍ରୀଧର ମହାନ୍ତି, ରଜନୀକାନ୍ତ ଦାସ ପ୍ରମୁଖ ଗାନ୍ଧିଜୀଙ୍କ ବିଭିନ୍ନ ପର୍ଯ୍ୟାୟରେ ୧୯୩୪ ମସିହା ମଇ ମାସ ୨୭ ରୁ ୩୦ ତାରିଖ ଯାଏ କେନ୍ଦ୍ରାପଡା ଠାରେ ରହି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରିବା ସହ ଗରାପୁର ଡାକ ବଙ୍ଗଳାରେ ୩ ଦିନ ଧରି ଅବସ୍ଥାପନ କରିଥିବା ଏକ ଗୌରବର ବିଷୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ: ହତ୍ୟା ସନ୍ଦେହ କରି ଥାନାରେ ଅଭିଯୋଗ

ନୀଳଗିରି, ୩୦/୫ (ନି.ପ୍ର): ବାଲେଶ୍ୱରରୁ ମୟୂରଭଞ୍ଜ, ଅପରାହ୍ନ ୨.୩୦ ବାଲେଶ୍ୱରରେ ମଧ୍ୟାହ୍ନ ଭୋଜନ ସନ୍ଧ୍ୟା ୫ଟା ପୂର୍ବରୁ ମୟୂରଭଞ୍ଜରେ ମୃତ୍ୟୁ। ଖବରଟି ଟିକେ ଅଡୁଆ ଅଡୁଆ କଲାଭଳି ଲାଗୁଛି। ସୂଚନା ଅନୁଯାୟୀ ନୀଳଗିରି ଥାନା କାଂଶ ପଞ୍ଚାୟତ ନିମପାଳ ଗ୍ରାମର ଶଶଧର ଆଚାର୍ଯ୍ୟଙ୍କ ପୁଅ ସ୍ନେହାଶିଷ ଆଚାର୍ଯ୍ୟ ଗତ ୨୮ତାରିଖ ସନ୍ଧ୍ୟାରେ ଶଶୁରଘର ବାଲେଶ୍ୱର ଯାଇ ରାତ୍ରୀ ଯାପନ କରିଥିଲେ। ପରଦିନ ମଧ୍ୟାହ୍ନ ଭୋଜନ କରି ଅପରାହ୍ନ ପ୍ରାୟ ୨.୩୦ମିନିଟ ସମୟରେ ଘରକୁ ଫେରିଥିବା ଶଶୁରଘର ତରଫରୁ ସୂଚନା। ମାତ୍ର ସନ୍ଧ୍ୟା୫ରେ ସ୍ନେହାଶିଷଙ୍କ ବଡ଼ଭାଇ ଶୁଭାଶିଷଙ୍କ ନିକଟକୁ ନିକଟସ୍ଥ ପୁରୁଣାଗାଁ ର ଅବିନାଶ ନାମକ ଜଣେ ବନ୍ଧୁ କୌଣସି ଠାରୁ ଖବର ପାଇ ସାନଭାଇ ମୟୂରଭଞ୍ଜ ବଡ଼ସାହି ଥାନା ସିଂଟିଆ ବଳଭଦ୍ରପୁର ରାସ୍ତାର ଶିବମନ୍ଦିର





ନିକଟସ୍ଥ ଏକ ଘରେ ମୃତ୍ୟୁ ବରଣ କରିଛି। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଘରେ ଜଣେ ମହିଳା ସମେତ ଦୁଇ ଶିଶୁପୁତ୍ର ଭଡାରେ ରହୁଥିବା ଜାଣିବାକୁ ପାଇଥିବା ବେଳେ ସ୍ନେହାଶିଷକୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିବା ବଡ଼ଭାଇ ଶୁଭାଶିଷ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ମହିଳାଙ୍କ ସହିତ ଯୁବକଙ୍କ ସମ୍ପର୍କ କଣ? କାହିଁକି ବାଲେଶ୍ୱର ଶଶୁର ଘରୁ ଘରକୁ ନଯାଇ ଏଠାକୁ ଆସିଥିଲେ। ମହିଳାଙ୍କ ସହିତ ପ୍ରେମ ସମ୍ପର୍କ ନଥିଲା ତ। ଯଦି ଥିଲା ତାହେଲେ କଣ ପାଇଁ ଯୁବକ ଜଣକ ଆତ୍ମହତ୍ୟା କଲେ। ଅଥବା ତାଙ୍କୁ ମାରି ଆତ୍ମହତ୍ୟାର ରୂପ ଦିଆଯାଇଛି। ଏଭଳି ବିଭିନ୍ନ ପ୍ରଶ୍ନବାଚୀ ମନକୁ ଆସୁଥିବା ବେଳେ ପୋଲିସ ଘଟଣାର ସଠିକ୍ ଅନୁସନ୍ଧାନ କଲେ ପ୍ରକୃତ ରହସ୍ୟ ପଦାକୁ ଆସିବ। ତେବେ ଯୁବକଙ୍କ ମୃତଦେହକୁ ଗୁରବାର ବ୍ୟବଛେଦ ପରେ ଗାଁ କୁ ଅଣାଯାଇ ଶବସତ୍କାର କରାଯାଇଥିବା ସୂଚନା ମିଳିଛି।

# ବୁଥ୍ ମୁହାଁ ହେଲେ ବୁଥ୍ ପରିଚାଳନା ଅଧିକାରୀ

କେନ୍ଦ୍ରାପଡ଼ା, ୩୦/୫ (ନି.ପ୍ର): ଜୁନ୍ ୧ ଭୋଟଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ଇଭିଏମ୍‌ଗୁଡ଼ିକୁ ସଂଗ୍ରହ କରି ବୁଥ୍ ପରିଚାଳନା ଅଧିକାରୀମାନେ ୯୮-ଆଳି, ୯୯-ରାଜନଗର ଓ ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌କୁ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ପୋଲିଂ ପାର୍ଟିରେ ଅଛନ୍ତି ଜଣେ ପ୍ରିଜାଇଡିଙ୍ଗ୍ ଅଫିସର, ୫ଜଣ ପୋଲିଂ ଅଧିକାରୀ ଓ ଜଣେ ପୁଲିସ। ସୂଚନାଯୋଗ୍ୟ, ଆଳି, ରାଜନଗର ଓ ମହାକାଳପଡ଼ାରେ ଯଥାକ୍ରମେ ୩୧୯, ୨୮୭ ଓ ୨୮୪ଟି ବୁଥ୍ ରହିଛି। ଆସନ୍ତାକାଲି ୯୬-ପାଟକୁରା ଓ ୯୭-କେନ୍ଦ୍ରାପଡ଼ା ପାଇଁ ପୋଲିଂ ପାର୍ଟି ଯାତ୍ରା କରିବେ। ବୁଥ୍ ପରିଚାଳନା ଅଧିକାରୀମାନେ ବାଲାଟ୍ ୟୁନିଟ୍, କଂଟ୍ରୋଲ ୟୁନିଟ୍ ଓ ଭିଭିପାଟ୍ ସହ ଭୋଟର୍ ତାଲିକା, ଭୋଟର ସ୍ଲିପ୍, ବ୍ୟାଟେରୀ, ଏଲ୍ଇଡି ଲ୍ୟାଂଟିନ୍, କାଳି, ଷ୍ଟାମ୍ପ, ଭୋଟିଂ କମ୍ପାର୍ଟମେଂଟ୍ ଆଦି ସମସ୍ତ ଆବଶ୍ୟକୀୟ ଉପକରଣ ସାଙ୍ଗରେ ଧରି ଯାତ୍ରା କରିଛନ୍ତି। ଜୁନ୍ ୧ରେ ଶତପ୍ରତିଶତ ଭୋଟଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି।

# ପିଇବା ପାଣି ସମସ୍ୟାକୁ ନେଇ ହାଣ୍ଡି ବାଲଟି ଧରି ରାସ୍ତାରୋକ କଲେ ପୁଟୁରାଘାଟି ଗ୍ରାମବାସୀ

ଜୟପୁର, ୩୦/୫ (ନି.ପ୍ର): କୋରାପୁଟ ବ୍ଲକ୍ ଅନ୍ତର୍ଗତ ଲିଟିଗୁଡ଼ା ପଂଚାୟତ ଅଧିନରେ ଥିବା ପୁଟୁରାଘାଟି ଗ୍ରାମରେ ପିଇବା ପାଣି ସମସ୍ୟା ନେଇ ଆଜି ସକାଳୁ ଗ୍ରାମର ଶହ ଶହ ମହିଳା ମାନଙ୍କ ସମେତ ଗ୍ରାମର ଆବାଳ ବୃଦ୍ଧ ବନିତା ନାଲକୋ ଖଣି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏଠାରେ ପାଣି ସମସ୍ୟା ଏତେ ଉତ୍କଟ ଯେ, ୩୭/୩୮ ଡିଗ୍ରୀ ତାପମାତ୍ରାକୁ ଭ୍ରୂକ୍ଷେପ ନକରି ଲୋକେ ଉଦୁଉଦିଆ ଖରାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଏହି ଗାଆଁରେ ପ୍ରାୟ ୧୨୦୦ ଲୋକ ବସବାସ କରନ୍ତି। ଦୁଇ-ତିନୋଟି ନଳକୂଅ ଥିଲେ ସୁଧା ଗୋଟିଏ ମାତ୍ର ନଳକୂଅରୁ ପାଣି ବାହାରୁଥିବା ବେଳେ ଅନ୍ୟଟିରୁ ଗୋଳିଆ ପାଣି ବାହାରୁଥିବା ତାହା ମଧ ବ୍ୟବହାର ଯୋଗ୍ୟ ନୁହେଁ। ଏତଦ୍ ବ୍ୟତୀତ ନାଲକୋ ଫାଉଣ୍ଡେସନ ପକ୍ଷରୁ ଏକ ପାଣିଟାଙ୍କି ସ୍ଥାପନ କରାଯାଇଛି, ହେଲେ ସେ ଟାଙ୍କିରେ ମଧ ପାଣି ଆସୁନାହିଁ। ଗାଁ ନିକଟ ଦେଇ ଯାଇଥିବା ଏକ ନାଳର ପାଣିକୁ ଗାଁ ଲୋକେ ପିଇବା ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ନିର୍ଭର କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବସୁଧା ଯୋଜନା ମଧ ଏଠାରେ କାର୍ଯ୍ୟକାରୀ ହୋଇନାହିଁ। ନାଲକୋ ଖଣିର ତଳି ଅଂଚଳରେ ଗାଁର ଅବସ୍ଥିତି ହୋଇଥିବାରୁ ଏହାଦ୍ୱାରା ଗାଁ ଲୋକେ ସିଧାସଳଖ ପ୍ରଭାବିତ ହେଉଛନ୍ତି। ଶିଳ୍ପାଚଂଳ ପାରିପାର୍ଶ୍ୱିକ ଉନ୍ନତିକରଣ ଅଧିନିୟମ ଅନୁସାରେ ନାଲକୋ ପକ୍ଷରୁ ଏଠାରେ ସମସ୍ତ ସୁବିଧା ଉପଲବ୍ଧ କରାଇବା ନାଲକୋ ପ୍ରଶାସନର ଦାୟିତ୍ୱ ବୋଲି ଗ୍ରାମବାସୀ ଦୃଢ଼ତାର ସହ କହିଛନ୍ତି। ନାଲକୋ କର୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଦାମନଯୋଡି ପୁଲିସ ଧାରଣା ସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ପିଇବା ପାଣି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ଗ୍ରାମବାସୀ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଏହି ସମସ୍ୟାର ତୁରନ୍ତ ସମାଧାନ ଲାଗି ଜିଲ୍ଲା ପ୍ରଶାସନ ଓ ନାଲକୋ କର୍ତ୍ତୁପକ୍ଷଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଶ୍ୱସ୍ତରୀୟ ଚିକିତ୍ସାଳୟରେ ବର୍ଣ୍ଣ ୟୁନିଟ୍ ନାହିଁ : ଚିକିତ୍ସାଳୟ ଯମାଳୟ ପାଲଟିଥିବା ଅଭିଯୋଗ

ପୁରୀ, ୩୦/୫ (ନି.ପ୍ର): ଶ୍ରୀକ୍ଷେତ୍ରର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପଥରକୁ ସୁନ୍ଦର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ମଣିଷର ଜୀବନକୁ ବଂଚାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ସୁବିଧା ନଥିବା ଗତକାଲି ଘଟଣାରୁ ଜଣାପଡ଼ିଲା। ୭ ମହଲା କୋଠା ଦେଖିଲେ ରୋଗ ଭଲ ହୋଇଯାଏନି। ପୁରୀ ଚିକିତ୍ସାଳୟରେ ଡ଼ାକ୍ତର ଓ ଔଷଧର ଅଭାବ ରହିଛି। ଯେତିକି ପ୍ରଚାର କରାଯାଉଛି ସେହି ଅନୁପାତରେ କାମ ହେଉନଥିବା ଅଭିଯୋଗ ହେଉଛି। ବୁଧବାର ରାତିରେ ନରେନ୍ଦ୍ର ପୁଷ୍କରଣୀ ଠାରେ ଭଉଁରି ଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଜମା ହୋଇଥିଲେ। ସେମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିଲା। ମହାପ୍ରଭୁଙ୍କ ଚାପ ଚାଲିଥିବା ବେଳେ ଓ ହଜାର ହଜାର ଲୋକ ଏକତ୍ରୀକରଣ ହୋଇଥିବା ବେଳେ ବାଣ ଫୁଟାଇବା ପାଇଁ କିଏ ଅନୁମତି ଦେଇଥିଲା ଏ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ବିଶ୍ୱସ୍ତରୀୟ ଚିକିତ୍ସାଳୟ ହେବା ପରେ କେବଳ ବଡ଼ ବଡ଼ କୋଠା ନିର୍ମାଣ ହୋଇଛି। ହେଲେ ଚିକିତ୍ସାଳୟରେ ଡ଼ାକ୍ତର ଓ ନର୍ସଙ୍କ ଅଭାବ ରହିଛି। ଗତକାଲି ଘଟଣାରେ ୪ ଜଣ ଗୁରୁତର ହେବା ସହ ୪୦ ଜଣ ଆହତ ହୋଇଥିବା ଜଣାଡ଼ିଥିଲା। ସେମାନଙ୍କୁ ପୁରୀ ମେଡ଼ିକାଲ ନେବା ପରେ ଡ଼ାକ୍ତର ପ୍ରାଥମିକ ଚିକିତ୍ସା କରି କଟକ ରେଫର କରିଥିବାରୁ ସାମୟିକ ଉତେଜନା ସୃଷ୍ଟି ହୋଇଥିଲା। ସେଠାରେ ଆମ୍ବୁଲାନ୍ସ ମହଜୁଦ ନଥିଲା। ପୂର୍ବରୁ ଥିବା ବର୍ଣ୍ଣ ୟୁନିଟ୍ ଆଉ ନଥିବାରୁ ରୋଗୀ ମାନଙ୍କୁ ସର୍ଜରୀ ୱାର୍ଡ଼ରେ ଭର୍ତି କରାଯାଇଥିଲା। କଟକ ଓ ଭୁବନେଶ୍ୱରରେ କେତେକ ଘରୋଇ ହସପିଟାଲକୁ ରୋଗୀଙ୍କୁ ପଠାଇ ଦିଆଯାଇଥିଲା। ବାଣ ବିସ୍ଫୋରଣ ସମୟରେ ତରବରିଆ ଭାବେ କେତେକ ଲୋକ ପାଣି ଭିତରକୁ ଡ଼େଇଁ ପଡ଼ିଥିଲେ। ଅଗ୍ନିକ ମାନେ ମୋନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଆଜି ଦିନ ତମାମ ଖୋଜାଖୋଜି କରିଥିଲେ। ଘଟଣାସ୍ଥଳରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ପିନାକ ମିଶ୍ର ଉପସ୍ଥିତ ରହି ଆହତ ମାନଙ୍କ କଥା ପଚାରି ବୁଝିଥିଲେ। ତୁରନ୍ତ ସମସ୍ତ ସୁବିଧା ଯୋଗାଇ ଦିଆଯିବାକୁ କହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ଏହି ବାଣ ନେବା ପାଇଁ କିଏ ଅନୁମତି ଦେଇଥିଲା। କୁମ୍ଭାରପଡ଼ା ଥାନାରୁ ଏ ସମ୍ପର୍କରେ ଅନୁମତି ନିଆଯାଇଥିଲା କି ନାହିଁ। ବାଣ ଫୁଟାଇବା ପାଇଁ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ନିଆଯାଇଥିଲା କି ନାହିଁ। ବାଣ ନେବା ବେଳେ ସୁରକ୍ଷା ଦାୟୀତ୍ୱରେ ଥିବା ପୋଲିସ ବାରଣ କଲେ ନାହିଁ କାହିଁକି। ଏହି ଅଘଟଣ ପାଇଁ କିଏ ଦାୟୀ ରହିବ ସେ ସମ୍ପର୍କରେ ସହରରେ ଆଲୋଚନା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୪ ସିଂହାସନ: ଅନ୍ତିମ ...

କମ ରହିଥିଲା। ଅନ୍ୟ ୧୧ ଟି ଆସନରେ ଭୋଟର୍ ପ୍ରତିଥର ବଦଳାନ୍ତି ମତାମତ। ଏହି ଆସନ ଗୁଡିକ ପଂଜାବ, ବିହାର, ୟୁପି ଓ ଓଡିଶା ଭଳି ରାଜ୍ୟରେ ରହିଛି। ସେହିପରି ୨୦୧୯ ନିର୍ବାଚନର ଶେଷ ପର୍ଯ୍ୟାୟରେ ବିଜେପିର ଭୋଟ୍ ସେୟାର ଅଧିକ ରହିଥିଲା। କଂଗ୍ରେସର ଭୋଟ୍ ସେୟାର ୧୮ ଟି ଆସନରେ ମାତ୍ର ୧୦ ପ୍ରତିଶତରୁ କମ ରହିଥିଲା। କିନ୍ତୁ ଚଳିତ ଥର ସ୍ଥିତି ଭିନ୍ନ ରହିବା ନେଇ ଆକଳନ କରିଛନ୍ତି ରାଜନୈତିକ ରଣନୀତିକାର ମାନେ।

### ଅସମ୍ଭାଳ ଗରମ ଓ ...

ବୌଦ୍ଧରେ ୪୪.୧ ଡିଗ୍ରୀ, ସୁନ୍ଦରଗଡ଼ରେ ୪୩.୬ ଡିଗ୍ରୀ, ଫୁଲବାଣୀରେ ୪୩.୪ ଡିଗ୍ରୀ, ଅନୁଗୋଳରେ ୪୨.୩ ଡିଗ୍ରୀ, ତାଳଚେରରେ ୪୨.୨ ଡିଗ୍ରୀ, କେନ୍ଦୁଝରରେ ୪୧.୪ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୦.୪ ଡିଗ୍ରୀ, ରାୟଗଡ଼ାରେ ୪୦.୨ ଡିଗ୍ରୀ ଓ ନବରଙ୍ଗପୁରରେ ତାପମାତ୍ରା ୩୯.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଢେଙ୍କାନାଳରେ ୩୯.୪ ଡିଗ୍ରୀ, ନୟାଗଡ଼ରେ ୩୯.୨ ଡିଗ୍ରୀ, ଦେବଗଡ଼ରେ ୩୯.୨ ଡିଗ୍ରୀ, ଯାଜପୁରରେ ୩୯.୨ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୯ ଡିଗ୍ରୀ, ଖୋର୍ଦ୍ଧା ୩୮.୫ ଡିଗ୍ରୀ, ବାରିପଦାରେ ୩୮ ଡିଗ୍ରୀ, ଛତ୍ରପୁରରେ ୩୮ ଡିଗ୍ରୀ, କୋରାପୁଟରେ ୩୭.୨ ଡିଗ୍ରୀ, ଭୁବନେଶ୍ୱରରେ ୩୭.୧ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୬.୮ ଡିଗ୍ରୀ, ବାଲେଶ୍ୱରରେ ୩୬.୬ ଡିଗ୍ରୀ, ଭଦ୍ରକରେ ୩୬.୫ ଡିଗ୍ରୀ, ଚାନ୍ଦବାଲିରେ ୩୬.୨ ଡିଗ୍ରୀ, କଟକରେ ୩୬ ଡିଗ୍ରୀ, ଜଗତସିଂହପୁରରେ ୩ ଡିଗ୍ରୀ, ପୁରୀରେ ୩୪.୪ ଡିଗ୍ରୀ, ଗୋପାଳପୁରରେ ୩୪.୩ ଡିଗ୍ରୀ ଓ ପାରାଦୀପରେ ତାପମାତ୍ରା ୩୩.୨ ଡିଗ୍ରୀ ରେକର୍ଡ କରାଯାଇଛି।

### ନିର୍ବାଚନ କମିଶନଙ୍କ ଛାଟ...

କହିଛନ୍ତି ଯେ, ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରଠୁ 'ସି-ଭିଜିଲ୍' ଆପ୍ ମାଧ୍ୟମରେ ପ୍ରାୟ ୧୫ହଜାରରୁ ଅଧିକ ଅଭିଯୋଗ ହସ୍ତଗତ ହୋଇଛି। ସେସବୁର ଯାଂଚ କରାଯାଇଛି ଓ ସେଥିରୁ ୧୧ହଜାରରୁ ଅଧିକ(ପ୍ରାୟ ୭୪%) ଅଭିଯୋଗ ସତ ଥିବା ପ୍ରମାଣ ମିଳିଛି। ତଦନୁସାରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ସେହିପରି ଚତୁର୍ଥ ତଥା ଶେଷପର୍ଯ୍ୟାୟ ନିର୍ବାଚନ ପାଇଁ ଆଜିସୁଦ୍ଧା ମୋଟ ୫୬୦୦ ଅଭିଯୋଗ 'ସି ଭିଜିଲ୍' ଆପ୍ ମାଧ୍ୟମରେ ମିଳିଛି। ସମସ୍ତ ଅଭିଯୋଗର ଯାଂଚ କରାଯାଇଛି ଓ ସେଥିରୁ ପ୍ରାୟ ୮୦ ପ୍ରତିଶତ ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଛି ବୋଲି ଶ୍ରୀ ଧଳ କହିଛନ୍ତି।

### ନବୀନ ଭାଙ୍ଗିଲେ ...

ମଧ୍ୟ ମତ ରଖିଛନ୍ତି। ଗତକାଲି କହିଥିବା କଥାକୁ ସେ ଆଜି ପୁଣିଥରେ ଦୋହରାଇଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତାକୁ ବିରୋଧି ଦଳ ମୁଖ୍ୟ ପ୍ରସଙ୍ଗ କରି ନବୀନ ବାହାର ଲୋକଙ୍କ କବଜାରେ ରହିଥିବା ଏବଂ ତାମିଲ ବାବୁ ତାଙ୍କୁ ନିୟନ୍ତ୍ରଣ କରୁଥିବାନେଇ କ୍ରମାଗତ ହାମଲା କରି ଆସୁଛି। ନିର୍ବାଚନରେ ଏହି ପ୍ରସଙ୍ଗ ମଧ୍ୟ ବିଜେଡି ପାଇଁ ବୁମେରାଂ ହୋଇଛି। ଦଳର ୪୦ ଜଣିଆ ଷ୍ଟାର ପ୍ରଚାରକ ରହିଥିଲେ ମଧ୍ୟ ବିଜେଡି କେବଳ ପାଣ୍ଡିଆନଙ୍କୁ ତାରକା ଭୂମିକାରେ ଓହ୍ଲାଇଛି ଓ ସେ ରାଜ୍ୟ ବ୍ୟାପି ପ୍ରଚାର କରିବା ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ଜାଣି ନବୀନ ନିଜ ନୀରବତା ଭଙ୍ଗ କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ନବୀନ ବିରୋଧୀ ଦଳଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିବାକୁ ବାଧ୍ୟ ହୋଇଛନ୍ତି। ତେବେ ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି କୌଶଳ ବାସ୍ତବରେ ବିଜେଡି ସପକ୍ଷରେ ଭୋଟ ଆଣିବା ପାଇଁ ନା କେବଳ ନିର୍ବାଚନୀ ଗୁଗଲି ତାକୁ ନେଇ ଚର୍ଚ୍ଚା ଚାଲିଛି। ବିଜେପି ତରଫରୁ କ୍ରମାଗତ ହାମଲାକୁ ନେଇ ନବୀନ କହିଛନ୍ତି, ରାଜନୀତିରେ ମୋର କାହାପ୍ରତି ଆକ୍ରୋଶ ନାହିଁ। ସାଧାରଣ ଜୀବନରେ ମୁଁ କାହା ପ୍ରତି କେବେ ଆକ୍ରୋଶ ଦେଖାଇନି। ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦରକାର ହେଲେ ପରିସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରକୃତ କ୍ଷମତା ତାଙ୍କ ପାଖରେ ନାହିଁ ବୋଲି ବିରୋଧୀଙ୍କ ଅଭିଯୋଗ ଉପରେ ମଧ୍ୟ ଏହି ସାକ୍ଷାତକାରରେ ସ୍ପଷ୍ଟ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ନବୀନ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ସବୁ କ୍ଷମତା ମୋ' ପାଖରେ ଅଛି। ମୁଁ ସବୁବେଳେ କ୍ୟାବିନେଟ୍ ମିଟିଂରେ ଅଧ୍ୟକ୍ଷତା କରେ। ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତକାର ସମୟରେ କିନ୍ତୁ ଏକ ବଡ଼ ପ୍ରଶ୍ନର ଉତ୍ତର ପାଇ ପାରିଲେନି ରାଜ୍ୟବାସୀ। ମୁଖ୍ୟମନ୍ତ୍ରୀଙ୍କ ସହ ଖାଲି ପାଣ୍ଡିଆନ କାହିଁକି ବୁଲୁଛନ୍ତି ଏନେଇ ଜାଣିବାକୁ ସମଗ୍ର ରାଜ୍ୟବାସୀ ଉତ୍ସୁକ ଥିଲେ। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ କିଛି ପଚରା ଗଲାନି କି ମୁଖ୍ୟମନ୍ତ୍ରୀ ନିଜ ଆଡୁ ବି ଏନେଇ ମତ ରଖିଲେନି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ ପାଣ୍ଡିଆନ ନିଜକୁ ନବୀନ ପଟ୍ଟନାୟକଙ୍କ ମୂଲ୍ୟବୋଧର ପ୍ରକୃତ ଉତ୍ତରାଧିକାରୀ ବୋଲି କହିଥିଲେ। ଗତ କିଛି ବର୍ଷ ଧରି ପାଣ୍ଡିଆନ ନବୀନଙ୍କ ଉତ୍ତରାଧିକାରୀ ପରି ଆଚରଣ କରି ଉଭୟ ବିଜେଡି ଓ ରାଜ୍ୟ ଶାସନରେ ନିଜ ନିୟନ୍ତ୍ରଣ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

### ମହାପ୍ରଭୁଙ୍କ ଚାପ ଖେଳ...

ଏବଂ ଭୁବନେଶ୍ୱର ଓ କଟକର ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଣ ଫୁଟି ପୋଡ଼ି ଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ କିଛି ଛୋଟ ପିଲା ମଧ୍ୟ ଅଛନ୍ତି। କଟକରେ ଜଣେ ୧୫ ବର୍ଷୀୟ ନାବାଳକ ଓ ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲରେ ଦୁଇ ଜଣ ଆଖି ବୁଜିଛନ୍ତି। ଗତ ରାତିରେ ଏପରି ଅଚାନକ ବାଣ ଫୁଟିବାରୁ ହସଖୁସିର ପରିବେଶ ହଠାତ୍ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ସମ୍ପର୍କୀୟମାନେ ଆହତଙ୍କୁ ଧରି ଏଣେତେଣେ ଦୌଡୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଚନ୍ଦନ ଯାତ୍ରା ବେଳେ ଏପରି ଅଘଟଣ ଘଟିଛି। ଗୁରୁତରଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ଆମର ପ୍ରଥମ କର୍ତ୍ତବ୍ୟ। ଏହାପରେ ଘଟଣାର ତଦନ୍ତ କରାଯିବ। ପୁରୀ ବାଣ ବିସ୍ଫୋରଣ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ ଦୁଃଖ ପ୍ରକାଶ କରିଛନ୍ତି ନବୀନ। ଆହତଙ୍କ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ସହ ବ୍ୟବସ୍ଥାର ତଦାରଖ ପାଇଁ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୋଷ୍ଟ କରିଛନ୍ତି।

### ଗ୍ରୀଷ୍ମ ପ୍ରବାହ ଭିତରେ...

ବାଂଲାଦେଶରେ ସୃଷ୍ଟି ହୋଇଥିବା ବାତ୍ୟା ମୌସୁମୀ ପ୍ରବାହକୁ ବଙ୍ଗୋପସାଗର ଆଡ଼କୁ ଟାଣି ନେଇଛି ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ଭାରତୀୟ ପାଣିପାଗ ବିଭାଗ କହିଛି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳରେ ପ୍ରବେଶ କରିଛି ଏବଂ ଆଜି ଉତ୍ତର-ପୂର୍ବ ଭାରତର ଅଧିକାଂଶ ଅଂଚଳରେ ଆଗକୁ ବଢ଼ିଛି। ମେ' ୧୫ ତାରିଖରେ ପାଣିପାଗ ବିଭାଗ ପକ୍ଷରୁ ମେ ୩୧ ସୁଦ୍ଧା କେରଳରେ ମୌସୁମୀ ପହଂଚିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଗୋଟିଏ ଦିନ ପୂର୍ବରୁ କେରଳ ଛୁଇଁଛି। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ କେରଳରେ ଗତ କିଛି ଦିନ ହେବ ପ୍ରବଳ ବର୍ଷା ହେଉଛି। ଯାହାକି ମେ ମାସରେ ଅଧିକ ବର୍ଷା ବୋଲି ରେକର୍ଡ ହୋଇଛି। ୩୦ ତାରିଖରେ କେରଳରେ ମୌସୁମୀ ପହଂଚିବା ପରେ ଏହା ଉତ୍ତର ଭାରତ ଆଡ଼କୁ ଗତି କରିବ। ଦେଶର ଅନ୍ୟ ରାଜ୍ୟରେ ମୌସୁମୀ କେବେ ପହଂଚିବ ସେ ନେଇ ପାଣିପାଗ ବିଭାଗ ଏକ ମାନଚିତ୍ର ଜାରି କରିଛି।

### ଡନ୍ ଛୋଟା ରାଜନକୁ ...

ଜେ ଦେଙ୍କ ହତ୍ୟା ମାମଲାରେ ମଧ୍ୟ ରାଜନକୁ ଆଜୀବନ ଜେଲଦଣ୍ଡ ମିଳିଥିଲା। ୨୦୧୧ ମସିହା ଜୁନ ୧୧ରେ ସାମ୍ବାଦିକ ଦେଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯାଇଥିଲା। ୧୯୮୯ରୁ ରାଜନ ଦୁବାଇ ଚାଲି ଯାଇଥିଲା। ଭାରତର ମୋଷ୍ଟୱାଣ୍ଟେଡ ରାଜନକୁ ଶେଷରେ ଇଣ୍ଡୋନେସିଆର ପୁଲିସ୍ ବାଲିରୁ ଗିରଫ କରିଥିଲା। ଫେରାର ହେବାର ୨୭ ବର୍ଷ ଅର୍ଥାତ ୨୦୧୫ରେ ଇଣ୍ଡୋନେସିଆ ତାକୁ ଧରି ଭାରତକୁ ହସ୍ତାନ୍ତର କରିଥିଲା।

### ସରିଲା ପ୍ରଚାର: ଧ୍ୟାନରେ...

ଜଗି ରହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଧ୍ୟାନ କରୁଥିବା ବେଳେ ବିଭିନ୍ନ ସୁରକ୍ଷା ଏଜେନ୍ସି ଏହାପରେ କଡ଼ା ନଜର ରଖିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସମୁଦ୍ରକୂଳ ବନ୍ଦ ରହିଛି। ଏହା ସହିତ ଡଙ୍ଗାଗୁଡ଼ିକୁ ମଧ୍ୟ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ମୋଦି ଆଜି ସନ୍ଧ୍ୟାରୁ ଧ୍ୟାନରେ ବସିଥିବା ବେଳେ ଏହା ଜୁନ ୧ ତାରିଖ ଅପରାହ୍ନ ପ୍ରାୟ ୩ଟାରେ ଶେଷ ହେବ। ଦେଶର ଭୋଟ ପ୍ରକ୍ରିୟା ମଧ୍ୟ ୧ ତାରିଖ ସନ୍ଧ୍ୟାରେ ସରିବା ସହ ଏକଜିଟ ପୋଲ ରେଜଲ୍ଟ ପ୍ରକାଶ ପାଇବ। ଧ୍ୟାନରୁ ଉଠିବା ପରେ ମୋଦି ସିଧା ଦିଲ୍ଲୀ ଆସିବେ। କନ୍ୟାକୁମାରୀର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥାନ ହେଉଛି ବିବେକାନନ୍ଦ ରକ ମେମୋରିଆଲ। ଏହା ୧୯ଶ ଶତାବ୍ଦୀର ଦାର୍ଶନିକ ଓ ଲେଖକ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିରେ ନିର୍ମାଣ ହୋଇଛି। ଏହି ସ୍ମାରକୀ ନିକଟରେ ତାମିଲ ସନ୍ଥ ତିରୁଭାଲ୍ଲୁବାର ପ୍ରତିମୂର୍ତ୍ତି ନିକଟରେ ରହିଛି। ୨୦୧୯ ଲୋକସଭା ନିର୍ବାଚନର ଠିକ ଶେଷ ପର୍ଯ୍ୟାୟରେ ମୋଦି କେଦାରନାଥ ଗସ୍ତ କରିଥିଲେ। ସେଠାରେ ଥିବା ଗୋଟିଏ ଗୁମ୍ଫାରେ ସେ ଧ୍ୟାନରେ ବସିଥିଲେ। ୨୦୧୯ ମେ' ୧୮ ତାରିଖରେ ମୋଦି ଉତ୍ତରାଖଣ୍ଡର ରୁଦ୍ର ଗୁମ୍ଫାରେ ୧୭ ଘଣ୍ଟା ଧରି ଧ୍ୟାନ କରିଥିଲେ। ୧୯ ତାରିଖରେ ଶେଷ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା ଓ ମେ' ୨୩ରେ ରେଜଲ୍ଟ ପ୍ରକାଶ ପାଇଥିଲା। ସେହିପରି ୨୦୧୪ରେ ସେ ଶିବାଜୀଙ୍କ ପ୍ରତାଗଡ଼ ଗସ୍ତ କରିଥିଲେ।

# ପ୍ରଚାର ଶେଷ ଦିନରେ ସିଦ୍ଧାର୍ଥଙ୍କ ପୌରାଂଚଳରେ ପଦଯାତ୍ରା

କେନ୍ଦ୍ରାପଡ଼ା, ୩୦/୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ରେ କଂଗ୍ରେସ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ଦାଶଙ୍କ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସଷ୍ଟାଣ୍ଡ ଠାରୁ ଆରମ୍ଭ ହୋଇ ଏହି ଶୋଭାଯାତ୍ରାଟି ସାନ୍ତସାହି ପୋଲ ପର୍ଯ୍ୟନ୍ତ ଯାଇଥିଲା। ସାଂସଦ ପ୍ରାର୍ଥୀ ଶ୍ରୀ ଦାଶ ତାଙ୍କ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରା ସହର ଦେଇ ଗଲାବେଳେ ଜନ ସାଧାରଣଙ୍କୁ ହାତ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ପଦଯାତ୍ରା ସମୟରେ କଂଗ୍ରେସ ଶାସନ ସମୟରେ ଦେଶରେ ହୋଇଥିବା ଉନ୍ନତି ଏବଂ କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ସମର୍ଥକମାନେ ସ୍ଲୋଗାନ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବେଆଇନ ମୋରମ ଚାଲାଣ: ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ

ଖୋର୍ଦ୍ଧା, ୩୦/୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ତହସିଲ ଜଟଣୀ ଓ ଖୋର୍ଦ୍ଧା ତହସିଲ ରେ ରାତ୍ରୀରେ ସରକାରୀ ଜାଗାରୁ ଚୋରା ମୋରମ ଚାଲାଣ ।ଅଞ୍ଚଳ ବାସୀ ଖୋର୍ଦ୍ଧା ପ୍ରଶାସନକୁ ଦୋଷ ଦେଉଛନ୍ତି।ଏହି ଅଞ୍ଚଳ ପୋଲିସ ଓ ତହସିଲ କର୍ମଚାରୀଙ୍କ ସହଯୋଗ ଯୋଗୁ ସରକାରୀ ସମତଳ ଜଗା ବିରାଟ ବିରାଟ ଖାଲ ହୋଇ ଯାଉଛି। ମଣିଷ ଗୋରୀ ଗାଈ ଓ ଯିବ ଜନ୍ତୁ ଖାଲରେ ପଡି କଲବଲ। କିଛି ମରି ପଡି ଥାଆନ୍ତି ଲୋକେ ଦେଖି ଦୁଃଖ ପ୍ରକାଶ କରନ୍ତି। ପ୍ରକାଶ ଥାଉକ କି ଖୋର୍ଦ୍ଧା ତହସିଲ କୁମ୍ଭାର ବସ୍ତ , ଟାଙ୍ଗିଆ ପଡ଼ା, ଜଟଣୀ ତହସିଲ ଜାଆଁଳା, ଉତ୍ତର ମୁଣ୍ଡୁ ମୁହାଣ , ବେଆଇନ ମୋରମ ଖଣି ରୁ ମୋରମ ଚୋରା ମୋରମ ଚାଲାଣ ଯୋଗୁ ସ୍ଥାନୀୟ ଲୋକେ ଅଭିଯୋଗ କେହି ଶୁଣନ୍ତି ନାହିଁ, ବାଧ ହୋଇ ଗତ ୨୯ ତାରିଖ ଅଞ୍ଚଳ ବାସୀ ମୋରମ ଗାଡ଼ି ଧରି ପୋଲିସ ଜିମା ଦେଇଥିଲେ। ଗ୍ରାମ ବାସୀ ମାନେ କହିବା ଅନୁଯାୟୀ ଚୋରା ଖଣି ମାଫିଆ, କୁଜି ରାଜନେତା ମେସିନ ସାହାଯ୍ୟ ମୋରମ ଖୋଳି ଓ ଟ୍ରକରେ ଲୋଡ କରି ବିଭିନ୍ନ ଜାଗାକୁ ଯୋଗାଇ ମୋଟା ଅଙ୍କ ରେ ଟଙ୍କା ରୋଜଗାର କରନ୍ତି। ଏହି ଟଙ୍କାରୁ ସ୍ଥାନୀୟ ପୋଲିସ ଓ ତହସିଲ କର୍ମଚାରୀ ଙ୍କୁ ମାସିକିଆ ବଟି ଦିଅନ୍ତି ଶୁଣିବାକୁ ମିଳେ। ଗତ ମଙ୍ଗଳ ବାର ଉତ୍ତର ମୁଣ୍ଡ ମୁହାଣ ଲୋକମାନେ ଏକତ୍ର ହୋଇ ଏହି ମାଟି କାଟିବା ମେସିନ ଓ ଟ୍ରକ୍ କୁ ଧରି ଯାଆଁଳା ପୋଲିସକୁ ଦେଇଥିଲେ। ଟାଙ୍ଗିଆ ପଡ଼ା ବାସୀ ବହୁ ବାର ଖୋର୍ଦ୍ଧା ତହସିଲ କୁ ଆପତ୍ତି କରି ଆସୁଛନ୍ତି। ଜଟଣୀ ବେଲ ପଡ଼ା, ବଡତୋଟା ମୌଜା ଦେଖିଲେ ଜାଣିବେ ଏହି ମନୁଷ୍ୟ କୃତ ଖାଲ, ଡିପ କିପରି କେତେ ଯିବ ଜନ୍ତୁ ଅକ୍ରମଣୀୟ ହୋଇ ଅଛନ୍ତି। ଏହି ସରକାରୀ ଯାଗାରେ ଜବର ଦଖଲ କରି ଘର କରି ଚାଲିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପୋଲିସ ଓ ପ୍ରଶାସନର ନିରବତା ଲୋକଙ୍କୁ ଆସର୍ଯ୍ୟ କରୁଛି। ଯଦି ଏମାନେ ସଚୋଟ ହୁଅନ୍ତେ ଚୋରା ମାଙ୍କଡ଼ା, ମୋରମ ଓ ମାଟି ତଡ଼ା ବନ୍ଦ ହୁଅନ୍ତା। ଖୋର୍ଦ୍ଧା ଜିଲ୍ଲାପାଳ ଏହାର ବିହୀତ ପ୍ରତିକାର ପାଇଁ ଦାବୀ କରୁଛନ୍ତି।

# ୭ମ ପର୍ଯ୍ୟାୟରେ ୮ଟି ବିଧାନସଭା ଏବଂ ମୟୂରଭଂଜ ଲୋକସଭା କ୍ଷେତ୍ର ମତଦାନ ପାଇଁ ପ୍ରଶାସନ ପ୍ରସ୍ତୁତ



ବାରିପଦା , ୩୦/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଏବଂ ତ୍ରୁଟିଶୂନ୍ୟ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି ଜାରି ରହିଛି। ଜିଲ୍ଲାରେ ବାକି ୮ଟି ନିର୍ବାଚନ ମଣ୍ଡଳୀ ଏବଂ ମୟୁରଭଞ୍ଜ ଲୋକସଭା କ୍ଷେତ୍ର ପାଇଁ ମତଦାନ ୭ମ ପର୍ଯ୍ୟାୟରେ ଆସନ୍ତା ଜୁନ ୧ ତାରିଖରେ ହେବାକୁ ଥିବା ବେଳେ ଗୁରୁବାର ଦିନ ବାରିପଦା ସ୍ଥିତ ଏମପିସି (ସ୍ୱୟଂ ଶାସିତ) ମହାବିଦ୍ୟାଳୟରେ ହୋଇଥିବା ଇଭିଏମ ଆବଣ୍ଟନ କେନ୍ଦ୍ରରୁ ପୋଲିଂ ଅଧିକାରୀ ମାନେ ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ମତଦାନ କେନ୍ଦ୍ରକୁ ଗମନ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ବ୍ୟାପକ ବ୍ୟବସ୍ଥା କର ଯାଇଥିବା ବେଳେ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଣ୍ଟନ କେନ୍ଦ୍ରରେ ଆବଶ୍ୟକ ପରିମାଣରେ ଥଣ୍ଡା ପାନୀୟ ଜଳ ମଧ ବ୍ୟବସ୍ଥା କରା ଯାଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ରୀଜର୍ବ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ସହିତ ଡ୍ରାକବାଜି ଯନ୍ତ୍ର ଦ୍ୱାରା ଏହି ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ମଧ ଉତ୍ତମ ବ୍ୟବସ୍ଥା କରା ଯାଇଛି। ବିଶେଷ ସୂଚନା ଏହାକି, ଜିଲ୍ଲାରେ ଏହି ପ୍ରକ୍ରିୟା ପାଇଁ ସମୁଦାୟ ୫ଟି ଭୋଟ ଗଣତି କେନ୍ଦ୍ର ସ୍ଥିର କରାଯାଇଛି। ବାଙ୍ଗିରିପୋଷି ଏବଂ ବଡସାହି ନିର୍ବାଚନ ମଣ୍ଡଳୀ ପାଇଁ ଏମପିସି (ସ୍ୱୟଂଶାସିତ) ମହାବିଦ୍ୟାଳୟ, ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କେନ୍ଦ୍ର, ଉଦଳା ପାଇଁ ଉଦଳା (ସ୍ୱୟଂଶାସିତ) ମହାବିଦ୍ୟାଳୟ, ସରସକଣା ଏବଂ ବିଜାତଳା ପାଇଁ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଓ ଯଶିପୁର ଏବଂ କରଞ୍ଜିଆ କ୍ଷେତ୍ର ପାଇଁ କରଞ୍ଜିଆ (ସ୍ୱୟଂଶାସିତ) ମହାବିଦ୍ୟାଳୟ ଠାରେ ଭୋଟ ଗଣତି କେନ୍ଦ୍ର ହୋଇଅଛି। ସମ୍ପୂର୍ଣ୍ଣ ମୟୁରଭଞ୍ଜ ଜିଲ୍ଲାର ଭୋଟ ଗଣତି ନିମନ୍ତେ ସମୁଦାୟ ୧୦୨ ଗୋଟି ଇଭିଏମ ଟେବୁଲ ବ୍ୟବସ୍ଥା ହୋଇଥିବା ବେଳେ ପୋଷ୍ଟାଲ ବାଲଟ ଭୋଟ ଗଣତି ପାଇଁ ୩୨ଟି ଇଭିଏମ ଟେବୁଲ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ବାକି ରହିଥିବା ୮ଟି ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖ ଦିନ ସର୍ବମୋଟ ୧୭୪୨୬୭୪ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିବାକୁ ଥିବା ବେଳେ, ସେଥି ମଧ୍ୟରୁ ୮୬୩୪୧୯ ପୁରୁଷ, ୮୭୯୧୭୫ ମହିଳା, ଏବଂ ୮୦ ଜଣ ସମଲିଙ୍ଗୀ ଭୋଟର ଅଛନ୍ତି। ସମୁଦାୟ ଜିଲ୍ଲାରେ ୧୫୧ଟି ସମ୍ବେଦନଶୀଳ ବୁଥ ଥିବା ବେଳେ ସେଥି ମଧରୁ ୧୪୩ଟି ପୋଲିଂ ଷ୍ଟେସନରେ ସିଧାସଳଖ ୱେବକାଷ୍ଟିଙ୍ଗ ହେବାର ବ୍ୟବସ୍ଥା କରା ଯାଇଛି। ୪୨୬ଟି ସଖୀ ବୁଥ, ୬୨୪ଟି ମିଳିତ ବୁଥ, ୯ଟି ଭିନ୍ନକ୍ଷମ ମାନଙ୍କପାଇଁ ଉଦ୍ଦିଷ୍ଟ ବୁଥ, ଏବଂ ୮୦ଟି ଯୁବ ବୁଥ ପ୍ରସ୍ତୁତ କରା ଯାଇଛି। ବିଧାନସଭା କ୍ଷେତ୍ର ପାଇଁ ପୋଷ୍ଟାଲ ବାଲଟରେ ୬୯୮ ଟି ଭୋଟ ଗ୍ରହଣ ହୋଇଥିବା ବେଳେ, ମୟୁରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ୬୦୩ଟି ପୋଷ୍ଟାଲ ବାଲଟ ଗ୍ରହଣ କରାଯାଇଛି । ସୂଚନା ଥାଉକି, ଆଗାମୀ ୦୧.୦୬.୨୦୨୪ ତାରିଖରେ ଜିଲ୍ଲାରେ ୨୧୨୭ ଟି ଏବଂ ଗୋଟିଏ ସହାୟକକାରୀ ବୁଥ ପ୍ରସ୍ତୁତ ଅଛି। ଏହି ବିଶେଷ କାର୍ଯ୍ୟ ସଂଚାଳନା ପରିପ୍ରେକ୍ଷୀରେ, ଜାତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଗଣ ମୟୂରଭଞ୍ଜ ଗସ୍ତ କରିଛନ୍ତି। ବୁଧବାର ଦିନ ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା ପ୍ରଶାସନ ମୁଖ୍ୟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ (ଭା.ପ୍ର.ସେ.)ଏବଂ ସୁରକ୍ଷା ମୁଖ୍ୟ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ଏସ. ସୁଶ୍ରୀ (ଭା.ପୋ.ସେ.) ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ନୋଡାଲ ଅଧିକାରୀ ମାନଙ୍କ ସହିତ ସାକ୍ଷାତ କରି ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା କିପରି ଚାଲିଛି ପଚାରି ବୁଝିବା ସହିତ ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ ବୁଲି ଦେଖିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବରେ ଚାଲିଛି ବୋଲି ହୃଦୟଙ୍ଗମ କଲା ପରେ ପର୍ଯ୍ୟବେକ୍ଷକ ଗଣ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ।

# ଅଡା ସମାବେଶରେ ପାଣ୍ଡିଆନଙ୍କୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ: ଓଡିଶା ପ୍ରଚାରରେ ଲାଗିଛନ୍ତି ଭଡାରେ ଆସିଥିବା ଗୁମାସ୍ତା



ଖଇରା, ୩୦/୫ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଅଡା ଦମକଳ କେନ୍ଦ୍ର ପଡିଆରେ ପ୍ରଚାରର ଶେଷ ଦିନରେ ବିଜେପିର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସାଧାରଣ ସମ୍ପାଦକ ଈଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଏଥର ମୋଦିଜୀ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ଥିବା ଓଡିଶାରେ ମଧ୍ୟ ସରକାର ପରିବର୍ତ୍ତନ ହେବ । ବିଜେପି ସରକାର ଅଧିଷ୍ଠିତ ହେବା ପରେ ବେକାରୀ ନିଯୁକ୍ତି,ଧାନ ସହାୟକ ମୂଲ୍ୟ ୩ହଜାର୧ଶହ ଓ ଭତ୍ତା ୩ହଜାରକୁ ବୃଦ୍ଧି,୩ଶହ ୟୁନିଟ ବିଦ୍ୟୁତବିଲ ଛାଡ କରାଯିବ । ଗୋଟେ ମିଟିଂ ପାଇଁ ମାଇକ ଟେଣ୍ଟ ଭଡାରେ ମିଳିବା କଥା ଶୁଣିଛନ୍ତି । ହେଲେ ଓଡିଶାରେ ନବୀନ ପଟ୍ଟନାୟକ ଆଉ ପ୍ରଚାରକୁ ଆସୁନାହାଁନ୍ତି । ତାମିଲନାଡୁରୁ ନେତାଙ୍କୁ ଭଡାରେ ଆଣି ପ୍ରଚାର କାର୍ଯ୍ୟରେ ଲଗାଯାଉଥିବା ନେଇ ସିଧାସଳଖ ପାଣ୍ଡିଆନଙ୍କୁ ଟାର୍ଗେଟ କରିଥିଲେ । ଭଦ୍ରକ ଓ ସିମୁଳିଆରେ ପରିବର୍ତ୍ତନ ପାଇଁ ଏମପି ପ୍ରାର୍ଥୀ ଭାବେ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ଭାବେ ପଦ୍ମଲୋଚନ ପଣ୍ଡାଙ୍କୁ ଭୋଟଦେବାକୁ ନିବେଦନ କରିଥିଲେ ।ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ଭାବବିହ୍ୱଳ ହୋଇ ଏହା ତାଙ୍କର ଶେଷ ନିର୍ବାଚନ ହୋଇଥିବାରୁ ତାଙ୍କୁ ସୁଯୋଗ ନେବାକୁ ଆଣ୍ଠେଇ ହାତଯୋଡି ଲୁହଛଳଛଳ ଆଖିରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏମପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଯୁବମୋର୍ଚ୍ଚା ରାଜ୍ୟ କୋଷାଧକ୍ଷ ଇଂ ରାଜେଶ ମହାକୁଡ, ଯୁବନେତା ନିଳମାଧବ ପଣ୍ଡା, ପ୍ରକାଶ କୁମାର ଲେଙ୍କା, ସମ୍ପଦ ଘଡେଇ,କୈଳାସ ମାଝୀ, ମଣ୍ଡଳ ସଭାପତି ମହେଶ୍ୱର ନାଥ, ଜୟନ୍ତ କୁମାର ରାଉତ, ଶଶାଙ୍କ ଶେଖର ମହାପାତ୍ର, ଶଙ୍କର୍ଷଣ ମାଝୀ, କୈଳାସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଦିନରେ ନୀଳଗିରିରେ ପଶିଲେ ୪୬ଟି ଝାଡଖଣ୍ଡି ହାତୀ

ନୀଳଗିରି , ୩୦/୫ (ନି.ପ୍ର): ଦୀର୍ଘ ୧୨ବର୍ଷରୁ ଉର୍ଦ୍ଧ୍ୱ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟର ହାତୀପଲ ମାର୍ଗଶିର ମାସ ଧାନଅମଳ ସମୟରେ ନୀଳଗିରିକୁ ଆସିଥାନ୍ତି। ଉକ୍ତ ନିର୍ଦ୍ଦିଷ୍ଟ ସମୟରେ ନୀଳଗିରି ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥାଏ। ଏହି ସମୟରେ ହାତୀ ମାନଙ୍କ ଦ୍ୱାରା ଅନେକ ଧନଜୀବନ ନଷ୍ଟ ହେବା ସହିତ ଲୋକଙ୍କର ଜୀବନ ମଧ ଯାଇଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ ହାତୀଙ୍କର ଆଗମନ ଯୋଗୁଁ ଲୋକମାନେ ନିଜକୁ ସତର୍କ ରଖିଥାନ୍ତି। ମାତ୍ର ଚଳିତବର୍ଷ ଉକ୍ତ ଅଞ୍ଚଳର ହାତୀଗୁଡିକ ଆସିନଥିବା ବେଳେ ଅଦିନରେ ଗୁରୁବାର ସକାଳେ ୪୬ଗୋଟି ଏକ ବଡ ହାତୀପଲ ନୀଳଗିରି ଅଯୋଧା ନିକଟସ୍ଥ ଗୋପାଳପୁର ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏହି ହାତୀପଲରେ ୧୩ରୁ ଅଧିକ ମାଈହାତୀ ଥିବା ବେଳେ ୭ରୁ ଉର୍ଦ୍ଧ ଛୁଆହାତୀ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।ଏନେଇ ନୀଳଗିରି ବନବିଭାଗ ଡ୍ରାକବାଜି ଯନ୍ତ୍ର ଯୋଗେ ନିକଟସ୍ଥ ଅଞ୍ଚଳରେ ପ୍ରଚାର କରିଥିବା ବେଳେ ଜଙ୍ଗଲ ମଧକୁ ପ୍ରବେଶ ନକରିବାକୁ ସତର୍କ କରିଛି। ଏଥିସହିତ ହାଣ୍ଡିଆ, ମଦ, ଧାନ,ଚାଉଳ ପାଖରେ ନରଖିବାକୁ ବାରଣ କରାଯାଇଛି । ସୂଚନା ଅନୁଯାୟୀ ହାତୀ ଗୁଡ଼ିକ ନିକଟସ୍ଥ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ବନବିଭାଗ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା ଚଳାଇଛି।

# ସୁବାସିନୀ ଓ ଲେଖାଶ୍ରୀଙ୍କ ପାଇଁ ସିନେ ତାରକା ବାବୁଶାନ ଓ ଶୀତଲଙ୍କ ଜୋରଦାର ପ୍ରଚାର




ଲଙ୍ଗଳେଶ୍ୱର, ୩୦/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀର ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତୀ ପଂଚାୟତରେ ଗୁରୁବାର ବିଜେଡିର ଏକ ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶ ସଭାରେ ସିନେ ତାରକା ବାବୁଶାନ ମାହାନ୍ତି ଏବଂ ଟି ଭି ତାରକା ଶୀତଲ ଯୋଗ ଦେଇ ବସ୍ତା ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରାର୍ଥୀନୀ ସୁବାସିନୀ ଜେନା ଏବଂ ବାଲେଶ୍ୱର ଲୋକ ସଭା କ୍ଷେତ୍ର ର ଏମ ପି ପ୍ରାର୍ଥୀନୀ ଲେଖା ଶ୍ରୀ ସାମନ୍ତ ସିଂହାର ଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟ ମନ୍ତ୍ରୀ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥଲେ। ଏହି ଅବସରରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜେନା ଡବଲ ଶଙ୍ଖ ଚିହ୍ନରେ ବାଲେଶ୍ୱରର ଲୋକସଭା କ୍ଷେତ୍ରର ଏମ ପି ଲେଖାଶ୍ରୀ ଓ ବସ୍ତା ବିଧାନ ସଭା ପ୍ରାର୍ଥୀନୀ ଶ୍ରୀମତୀ ଜେନା ଙ୍କୁ ଭୋଟ ଦେବା ସହିତ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଙ୍କ ହାତ ମୁଠା ଟାଣ କରିବା ପାଇଁ ଭୋଟ ଭିକ୍ଷା କରିଥଲେ। ଅନ୍ୟମାନଙ୍କ ମଧ ରେ ପୂର୍ବତନ ଏମପି ରବୀନ୍ଦ୍ର କୁମାର ଜେନା, ଚିଲିକା ବିଧାନସଭା ମଣ୍ଡଳୀର ପୂର୍ବତନ ବିଧୟ ତଥା ବର୍ତ୍ତମାନର ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ, ବସ୍ତା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ରଣିତ ମହାପାତ୍ର, ଆସ୍ତୀ ସରପଞ୍ଚ ତୃପ୍ତି ଲେଖା ଜେନା,ଜିଲ୍ଲା ପରିଷଦ ନିଶାକର ସେଠୀ, ପୂର୍ବତ ବ୍ଲକ ଅଧକ୍ଷ ଶଶଧର ପ୍ରଧାନ, ପୂର୍ବତନ ସରପଂଚ ମହେଶ୍ୱର ଜେନା, ସରପଞ୍ଚଙ୍କ ସ୍ୱାମୀ ହରେକୃଷ୍ଣ ଜେନା , ପୂର୍ବତନ ସରପଞ୍ଚ ଶାନ୍ତନୁ ଭଦ୍ର, ଅସ୍ତି ପଂଚାୟତର ବିଜେଡି ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମାଇନରିଟି ସେଲ ର ସଭାପତି ସେକ ଉମର ଅଲ୍ଲୀ, ସେକ ଅତିଉଲ୍ଲା ଙ୍କ ସହିତ ବହୁ ବିଜେଡି ବରିଷ୍ଠ ନେତା ମାନେ ବକ୍ତବ୍ୟ ମାଧମରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟ ମନ୍ତ୍ରୀ କରିବା ସହିତ ସୁବାସିନୀ ଓ ଲେଖାଶ୍ରୀଙ୍କୁ ବିପୁଳ ସଂଖ୍ୟା ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥଲେ। ଏହି ସଭାରେ ଅସ୍ତି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୨୦୦ ଶହ ରୁ ଅଧିକ ଅନ୍ୟଦଳର କାର୍ମି ନିଜ ଦଳ ଛାଡ଼ି ବିଜେଡି ଦଳରେ ସାମିଲ ଥିଲେ। ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜେନା ସମସ୍ତ ନାବଗତଙ୍କୁ ଦଳୀୟ ଉତରି ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ନବାଗତା ରଶ୍ମୀ ରଞ୍ଜନ ମହାପାତ୍ର, ବଙ୍କିମ ଚନ୍ଦ୍ର ଜେନା, ଅଞ୍ଜଳି ଜେନା, ଚକ୍ରଧର ଜେନା, ପାଳ ଚମ୍ପି ଗ୍ରାମର ଏକ ମହିଳା ଗୃପ ର ସମସ୍ତ ସଦସ୍ୟଙ୍କ ସହିତ ବିଭିନ୍ନ ଗ୍ରାମରୁ ଦୁଇ ଶହରୁ ଅଧିକ ଅନ୍ୟ ଦକର କର୍ମୀ ବିଜେଡି ଦଳରେ ସାମିଲ ହୋଇ ଆଗାମୀ ନିର୍ବାଚନ ରେ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଜେନା ଓ ଏମପି ପ୍ରାର୍ଥୀନୀ ଶ୍ରୀମତୀ ସାମନ୍ତ ସିଂହାରଙ୍କୁ ଅସ୍ତି ପଞ୍ଚାୟତରୁ ବିପୁଳ ସଂଖ୍ୟା ରେ ଭୋଟ ଦେଇ ଜୟଯୁକ୍ତ କରିବାର ଶପଥ ନେଇଛନ୍ତି।

# ଚାନ୍ଦବାଲି ଓ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସଖୀ ବୁଥ୍ ବ୍ୟତୀତ ସମସ୍ତ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି



ଭଦ୍ରକ, ୩୦/୫ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲାର ୪୫-ବାସୁଦେବପୁର ଓ ୪୭-ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ମତଦାନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଦୁଇ ନିର୍ବାଚନ ମଣ୍ଡଳୀର ସଖୀ ବୁଥ୍ ବ୍ୟତୀତ ସମସ୍ତ ବୁଥ୍ କୁ ପୋଲିଂ ଦଳ ପ୍ରେରଣ କାର୍ଯ୍ୟ ସମ୍ପାଦିତ ହୋଇଛି। ସଖୀ ବୁଥ୍ ଗୁଡ଼ିକୁ ୩୧ ତାରିଖରେ ପୋଲିଂ ଦଳ ପ୍ରେରଣ କରାଯିବ। ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାସୁଦେବପୁର ପାଇଁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଚାନ୍ଦବାଲି ପାଇଁ ଆର୍.ଏମ୍.ସି. ମାର୍କେଟ୍ ପରିସରରେ ଡ଼ିସପରସାଲ କେନ୍ଦ୍ର ଆୟୋଜନ କରାଯାଇଥିଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଶାନ୍ତନୁ କୁମାର ମହାନ୍ତି, ଚାନ୍ଦବାଲି ର ରିଟର୍ଣ୍ଣିଂ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ ସମ୍ବିତ କୁମାର ଗଡ଼ନାୟକ ଡ଼ିସପରସାଲ୍ କେନ୍ଦ୍ରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଉପଜିଲ୍ଲାପାଳ ମନୋଜ ପାତ୍ର ଏବଂ ଏ.ଆର.ଓ ଭାବେ ସଂପୃକ୍ତ ତହସିଲଦାର ବି.ଡ଼ି.ଓମାନେ ମଧ ସେଠାରେ ଉପସ୍ଥିତ ରହି ଆନୁସଙ୍ଗିକ ସହଯୋଗ କରିଥିଲେ। ଡ଼ିସପରସାଲ କାର୍ଯ୍ୟକ୍ରମକୁ ସହଜ ସୁଗମ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ଏବଂ କାଳବୈଶାଖୀ ଜନିତ ବର୍ଷାକୁ ଲକ୍ଷ୍ୟରଖି ବହୁ ସଂଖ୍ୟାରେ ପୋଲିଂ ଅଧିକାରୀ ଓ ନିୟୋଜିତ ସମସ୍ତ କର୍ମଚାରୀ ମାନଙ୍କ ପାଇଁ ବୃହତ ହ୍ୟାଙ୍ଗର, ଟେଣ୍ଟ, ପାନୀୟଜଳ, ଶୌଚାଳୟ ଆଦିର ବ୍ୟବସ୍ଥା କରାଯାଇଥିଲା। ପ୍ରକାଶ ଥାଉକି ଜୁନ୍ ୧ ତାରିଖରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ମତଦାନ ଗ୍ରହଣ କରାଯିବ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ୨୬୭ ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ୨୬୪ ଏବଂ ଅତିରିକ୍ତ ସହାୟକ ୧ଟି ବୁଥ ମିଶି ୨୬୫ ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ। ଅନ୍ୟ ୩ଟି ନିର୍ବାଚନ ମଣ୍ଡଳୀ ୪୩-ଭଣ୍ଡାରିପୋଖରୀ, ୪୪-ଭଦ୍ରକ ନିର୍ବାଚନ ମଣ୍ଡଳୀ ପାଇଁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓ ୪୬-ଧାମନଗର (ଏସ୍.ସି.) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଇ ୩୧ ରେ ଡିସପର୍‌ସାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବିଜେପି ଛାଡି ବିଜେଡିରେ ସାମିଲ ହେଲେ ୩୫ରୁ ଉର୍ଦ୍ଧ୍ୱ କର୍ମୀ




ନୀଳଗିରି , ୩୦/୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକ ପଣପଣା ପଞ୍ଚାୟତର ୩୫ରୁ ଉର୍ଦ୍ଧ ବିଜେପି କର୍ମୀ ସୁକାନ୍ତ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ସୂଚନା ଅନୁଯାୟୀ ପଣପଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀତା ଦାସଙ୍କ ସ୍ୱାମୀ ଭବାନୀଶଙ୍କର ଦାସଙ୍କ ନେତୃତ୍ୱରେ ୩୫ରୁ ଉର୍ଦ୍ଧ୍ୱ ବିଜେପି ଦଳର କର୍ମୀ ଆଜି ବିଧାୟକ ସୁକାନ୍ତ ନାୟକଙ୍କ କାର୍ଯ୍ୟାଳୟରେ ସାମିଲ ହୋଇଛନ୍ତି। ବିଧାୟକ ସୁକାନ୍ତ ନାୟକ ଏବଂ ଏସସି ସେଲ୍ ସଭାପତି ଶରତ ଦାସଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ଜନହିତକର କାର୍ଯ୍ୟ ସହିତ ସୁକାନ୍ତ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା କର୍ମୀମାନେ ସୂଚନା ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସଦସ୍ୟ ହେଲେ ଦିବାକର ଦାସ, ରଣଜିତ୍ ଦାସ, ମହେଶ୍ୱର ଜେନା, ଭାସ୍କର ଜେନା, ଉପେନ୍ଦ୍ର ଜେନା, ପ୍ରଶାନ୍ତ ଘଡ଼େଇ, ଅମିତ୍ ପ୍ରଧାନ, ସୁଶାନ୍ତ ସ, ସୁନୀଲ ପ୍ରଧାନ, ଅନନ୍ତ ମଲ୍ଲିକ, ପ୍ରଶାନ୍ତ ବେହେରା, ପୂର୍ଣଚନ୍ଦ୍ର ନାୟକ, ମୁକ୍ତିକାନ୍ତ ମହାନ୍ତି, ବିଜୟ ନାୟକ, ବିଶ୍ୱଜିତ୍ ନାୟକ, ଶତ୍ରୁଘନ ବାରିକ, ରବୀନ୍ଦ୍ର ସାହୁ, ସଞ୍ଜୟ ସାହୁ, ଅଜୟ ସାହୁ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏମାନଙ୍କ ମିଶ୍ରଣ ପରେ ଉକ୍ତ ଅଂଚଳରେ ବିଜେଡିର ଶକ୍ତି ବୃଦ୍ଧି ପାଇବା ସହିତ ଆଗାମୀ ନିର୍ବାଚନରେ ଦଳ ଅଧିକ କ୍ରିୟାଶୀଳ ହେବ।

# ବିଦ୍ୟୁତ ଆଘାତରେ ଯୁବକର ମୃତ୍ୟୁ

ଜୟପୁର, ୩୦/୫ (ନି.ପ୍ର): ବିଦ୍ୟୁତ ଆଘାତେରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ କୁନ୍ଦାରିଗୁଡାର ବାପି ସାଗର (୨୦)। ପୋଲିସ ସୂଚନା ଅନୁଯାଇ ଜୟପୁର ସହର କୁନ୍ଦାରିଗୁଡାର ବାପି ସାଗର ନିକଟରେ ଏକ ଘର କାମ ଚାଲୁ ଥିବା ବେଳେ ମୋଟର ଲଗେଇ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ମୋଟର ବନ୍ଦ କରିବା ସମୟରେ ବିଦ୍ୟୁତ ଆଘାତରେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଏନେଇ ସୂଚନା ପାଇ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ନିୟମିତ ଜାମିନ ପାଇଁ ରାଉଜ ଏଭିନ୍ୟୁ କୋର୍ଟରେ ପହଂଚିଲେ କେଜରିୱାଲ

ନୂଆଦିଲ୍ଲୀ, ୩୦/୫ : ଦିଲ୍ଲୀ ଅବକାରୀ ଘୋଟାଲା ମାମଲାର ଅଭିଯୁକ୍ତ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସ୍ଥାନୀୟ ରାଉଜ ଏଭିନ୍ୟୁ କୋର୍ଟରେ ପିଟିସନ ଦାୟର କରି ନିୟମିତ ଜାମିନ ପିଟିସନ ଦାଖଲ କରିଛନ୍ତି । ସ୍ପେଶାଲ ଜଜ କାଭେରୀ ବାୱେଜା ଆଜି ୨ଟାରେ ଜାମିନ ପିଟିସନ ଉପରେ ଶୁଣାଣି କରିବେ । କେଜରିୱାଲ ଜାମିନ ପିଟିସନ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱସ୍ତି ନମିଳିବେ ପରେ ଦାୟର କରିଛନ୍ତି । ମେ ୨୯ରେ ସୁପ୍ରିମକୋର୍ଟ ଅରବିନ୍ଦ କେଜରିୱାଲଙ୍କ ସାତଦିନର ଅନ୍ତରିଣ ଜାମିନ ଆବେଦନ ସ୍ୱୀକାର କରିବାକୁ ମନା କରିଦେଇଥିଲେ । ସୁପ୍ରିମକୋର୍ଟ ତାଙ୍କୁ ନିୟମିତ ଜାମିନ ପାଇଁ ଟ୍ରାଏଲ କୋର୍ଟ ଯିବାକୁ ଅନୁମତି ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo